# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶନିବାର, ଜୁଲାଇ ୨୬/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, July 26/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 241 | ମୂଲ୍ୟ ₹୭/-




**ବିବାହ କରିବେ ଏଲ୍‌ଭିଶ**

ଲୋକପ୍ରିୟ ୟୁଟ୍ୟୁବର ତଥା ବିଗ୍‌ବସ୍ ଓଟିଟି-୨ ବିଜେତା ଏଲ୍‌ଭିଶ ଯାଦବ ମନର ନାୟିକାଙ୍କୁ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି।


୦୪

୧୪

**ଜୋ ରୁଟ୍‌ଙ୍କ ଶତକ**

ଭାରତ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଇଂଲଣ୍ଡ ବ୍ୟାଟର ଜୋ ରୁଟ୍।





କୋରାପୁଟ ଜିଲା ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କ ଜୟପୁର ଟାଉନସ୍ଥିତ ଫ୍ଲାଟ୍‌ରେ ସିକ୍ରେଟ୍ ଟ୍ରେଜେରୀରେ ସଜେଇ ହୋଇ ରଖାଯାଇଥିବା ପ୍ରାୟ ଦେଢ଼ କୋଟି ଟଙ୍କାର ବିଡ଼ାବିଡ଼ା ନୋଟ୍ ।

# ସ୍କୁଲ ଛାତ ଭୁଶୁଡ଼ିଲା: ୭ ମୃତ, ୩୦ ଆହତ

**ପ୍ରଶାସନିକ ଅବହେଳା ଯୋଗୁ କିଭଳି ସ୍କୁଲ ପିଲାଙ୍କ ଜୀବନ ଚାଲିଯାଇଥାଏ, ତାହାର ସଦ୍ୟ ନମୁନା ରାଜସ୍ଥାନ ଝାଲୱାର ଜିଲାରେ ଦେଖିବାକୁ ମିଳିଛି। ଅତ୍ୟନ୍ତ ଖରାପ ଅବସ୍ଥାରେ ଥିବା ପିପ୍ଲୋଡି ସରକାରୀ ସ୍କୁଲ କୋଠାର ଛାତ ଶୁକ୍ରବାର ଭାଙ୍ଗିପଡ଼ିବାରୁ ୭ ଜଣ ପିଲାଙ୍କ ଜୀବନ ଯାଇଥିବାବେଳେ ୩୦ ଆହତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସମ୍ପୃକ୍ତ ସ୍କୁଲ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନେଇ ସ୍ଥାନୀୟ ଜନସାଧାରଣ ପ୍ରଶାସନକୁ ଜଣାଇଥିଲେ। ଝାଲୱାର ଜିଲାପାଳ ଏ ନେଇ ଜିଲାରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ସ୍କୁଲ ବିଲ୍ଡିଂ ସମ୍ପର୍କରେ ରିପୋର୍ଟ ଦେବାକୁ ଶିକ୍ଷା ବିଭାଗକୁ କହିଥିଲେ। ହେଲେ ୧୯୯୪ରେ ନିର୍ମାଣ ହୋଇଥିବା ପିପ୍ଲୋଡି ସ୍କୁଲ ଉକ୍ତ ତାଲିକାରେ ନ ଥିବାରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ତେବେ ସରକାରୀ ଉଦାସୀନତା ଓ ଅବହେଳା ଯୋଗୁ ପିଲାଙ୍କ ଜୀବନ ଯିବା ଘଟଣାକୁ ସବୁଆଡ଼ୁ ନିନ୍ଦା କରାଯାଉଛି।**

**ଝାଲୱାର (ରାଜସ୍ଥାନ),୨୫।୭**

ରାଜସ୍ଥାନର ଝାଲୱାର ଜିଲାରେ ଏକ ସରକାରୀ ବିଦ୍ୟାଳୟ କୋଠା ଛାତ ଶୁକ୍ରବାର ଭୁଶୁଡ଼ି ପଡ଼ିବାରୁ ୭ ପିଲାଙ୍କ ମୃତ୍ୟୁ ଘଟିବା ସହ ୩୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପିପ୍ଲୋଡି ସରକାରୀ ସ୍କୁଲ୍‌ରେ ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାମାନେ ପଢୁଥିବାବେଳେ ସକାଳ ପ୍ରାର୍ଥନା ପାଇଁ ଏକାଠି ହୋଇଥିଲେ। ଏହି ସମୟରେ ଛାତ ଭୁଶୁଡ଼ି ପଡ଼ିଥିଲା। ଫଳରେ ପ୍ରାୟ ୩୫ ଜଣ ପିଲା ଭଗ୍ନାବଶେଷ ତଳେ ଚାପିହୋଇ ରହିଯାଇଥିଲେ। ପିଲାମାନଙ୍କ ମାଆବାପା, ଶିକ୍ଷକ ଓ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ କଂକ୍ରିଟ୍ ସ୍ଲାବ୍ ଓ ଇଟାଗୁଡ଼ିକୁ ଉଠାଇବା ପରେ ପିଲାଙ୍କୁ ବାହାର କରିଥିଲେ। ସକାଳ ୭ଟା ୪୫ରେ ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚିବା ବେଳକୁ ୭ ପିଲାଙ୍କ ମୃତ୍ୟୁ ଘଟିସାରିଥିଲା। ଆହତମାନଙ୍କୁ ଝଲାୱର ହସ୍ପିଟାଲ ଏବଂ ମନୋହରଥାନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ୯ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇଥିବା ଡାକ୍ତର କହିଛନ୍ତି। ପିଲାମାନଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ସ୍କୁଲ୍ ଛାତ ଭୁଶୁଡ଼ି ପିଲାମାନଙ୍କ ମୃତ୍ୟୁ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍କୁଲ୍ ବିଲ୍ଡିଂର ଦୟନୀୟ ସ୍ଥିତି ସମ୍ପର୍କରେ ବହୁ ପୂର୍ବରୁ ତହସିଲଦାର ଏବଂ ଏସ୍‌ଡିଏମ୍‌ଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା ବୋଲି ସେମାନେ କହିଛନ୍ତି। ପ୍ରଶାସନିକ ଉଦାସୀନତାରୁ ସ୍କୁଲ୍ ଛାତ ଭୁଶୁଡ଼ିଲା ବୋଲି ସ୍ଥାନୀୟ ବାସିନ୍ଦା ବାଲ୍‌କିଷନ କହିଛନ୍ତି। ଅନ୍ୟପକ୍ଷରେ ଝାଲାୱାର ଜିଲାପାଳ ଅଜୟ ସିଂ କହିଛନ୍ତି, ଜିଲାର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସ୍କୁଲ୍ ବିଲ୍ଡିଂଗୁଡ଼ିକ ସମ୍ପର୍କରେ ରିପୋର୍ଟ କରିବାକୁ ଜିଲା ପ୍ରଶାସନ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ହନିଟ୍ରାପ ଭୟ**






## ବଲଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ କଲା କ୍ରାଇମବ୍ରାଞ୍ଚ

ଭୁବଭୁବନେଶ୍ୱର,୨୫।୭ (ରବିନାରାୟଣ ଜେନା)

ବଲଙ୍ଗା ଘଟଣାରେ ଶୁକ୍ରବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ନୂଆଦିଲ୍ଲୀସ୍ଥିତ ଏମ୍ସରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଏହି ସମୟରେ ପୀଡ଼ିତାଙ୍କ ପରିବାର ଏବଂ ଚିକିତ୍ସକ ଦଳ ଉପସ୍ଥିତ ଥିଲେ ବୋଲି ତାଙ୍କ ନିକଟ ସମ୍ପର୍କୀୟଙ୍କ ସୂତ୍ରରୁ ଜଣାଯାଇଛି। ଗତ ୨୦ରେ ବଲଙ୍ଗା ପୀଡ଼ିତାଙ୍କ ଉତ୍ତମ ଚିକିତ୍ସା ଲାଗି ନୂଆଦିଲ୍ଲୀସ୍ଥିତ ଏମ୍ସକୁ ଏୟାର ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ପୀଡ଼ିତାଙ୍କ ଶରୀରର ୭୫ ଭାଗ ପୋଡି ଯାଇଥିବାବେଳେ ତାଙ୍କୁ ବର୍ନ ଓ ପ୍ଲାଷ୍ଟିକ୍ ୟୁନିଟ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି।

# ଡେପୁଟି ରେଞ୍ଜରଙ୍କ ଘରୁ ମିଳିଲା ଦେଢ଼ କେଜି ସୁନା, ଦେଢ଼ କୋଟି ଟଙ୍କା

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ଜୟପୁର, ୨୫।୭ (ପବନ ପାଣିଗ୍ରାହୀ)**

ଜଙ୍ଗଲ ସୁରକ୍ଷା ବଦଳରେ ସରକାରୀ କ୍ଷମତାର ଦୁରୁପଯୋଗ କରି ଅମାପ ସମ୍ପତ୍ତି ଠୁଳ କରିବାରେ ବ୍ୟସ୍ତ ଥିଲେ ବନ ଅଧିକାରୀ। ଘରେ ଗଚ୍ଛିତ ରଖିଥିଲେ ଦେଢ଼କେଜି ସୁନା, ସାଢ଼େ ୩ କେଜି ରୁପା। ସିକ୍ରେଟ୍ ଚାମ୍ବରରେ ଲୁଚାଇଥିଲେ ପ୍ରାୟ ଦେଢ଼କୋଟି ଟଙ୍କା। ୫ ମାସରେ ଚାକିରିରୁ ଅବସର ନେବା ପୂର୍ବରୁ ଭିଜିଲାନ୍ସ ଜାଲରେ ଫସିଗଲେ ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକ୍। ତେବେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ସମ୍ପତ୍ତି ଓ କଳା ସାମ୍ରାଜ୍ୟର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ରାମଚନ୍ଦ୍ରଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଜୟପୁରସ୍ଥିତ ଅଫିସ ଚାମ୍ବର ଓ ଜୟପୁର ଟାଉନସ୍ଥିତ ଶ୍ୱଶୁର ଘର ଓ ବାସଭବନ ଆଦି ରହିଛି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ☞ପୃଷ୍ଠା-୪

### କୋରାପୁଟ ଜିଲାରେ ଥିଲେ ୩୭ ବର୍ଷ

ଡେପୁଟି ରେଞ୍ଜର ରାମଚନ୍ଦ୍ର ନେତା ଓ ବଡ଼ ଅଧିକାରୀଙ୍କୁ ହାତରେ ରଖି ଗୋଟିଏ ଜିଲାରେ ପୂରା ଚାକିରି କାଳ କଟାଇଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ରାମଚନ୍ଦ୍ର ୧୯୮୯ ମସିହା ମାର୍ଚ୍ଚ ୯ରେ କୋରାପୁଟ ସୋସିଆଲ୍ ଫରେଷ୍ଟ୍ରି ଡିଭିଜନ୍‌ର ସୋସିଆଲ ଫରେଷ୍ଟ୍ରିରେ ଗ୍ରାମ ବନକର୍ମୀ (ଭିଲେଜ୍ ଫରେଷ୍ଟ ୱାର୍କର) ଭାବେ ଚାକିରି ଆରମ୍ଭ କରିଥିଲେ। ପରେ ଜୟପୁର ବନ(ଟେରିଟୋରିଆଲ୍) ଖଣ୍ଡରେ ସୋସିଆଲ୍ ଫରେଷ୍ଟ୍ରି ଡିଭିଜନ ମିଶିବା ପରେ ରାମଚନ୍ଦ୍ର ଏଠାକୁ ଆସିଥିଲେ। ବର୍ତ୍ତମାନ ରାମଚନ୍ଦ୍ର ଜୟପୁର ବନାଞ୍ଚଳର ଡେପୁଟି ରେଞ୍ଜର ରହିବା ସହ ଭାରପ୍ରାପ୍ତ ରେଞ୍ଜର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ମାସକୁ ନେଟ୍ ଦରମା ୬୯ ହଜାର ୬୮୦ ଟଙ୍କା ଓ ଗ୍ରସ୍ ସରମା ୭୬ ହଜାର ୮୮୦ ରହିଛି। ତେବେ ରାମଚନ୍ଦ୍ରଙ୍କ ଚାକିରିକୁ ୩୬ ବର୍ଷ ୪ ମାସ ହୋଇଥିବାବେଳେ ଚଳିତବର୍ଷ ଡିସେମ୍ବରରେ ସେ ଅବସର ନେଇଥାନ୍ତେ ବୋଲି ସୂଚନା ମିଳିଛି।

# ୩୩ ଏମ୍‌ଓୟୁ, ୭୮୦୮ କୋଟିର ପୁଞ୍ଜିନିବେଶ

**ଓଡ଼ିଶାର ବୟନ ଓ ପୋଷାକ ତିଆରି କ୍ଷେତ୍ରକୁ ରାଜ୍ୟ ସରକାର କେବଳ ଏକ ଅର୍ଥନୈତିକ ଶିଳ୍ପ ନୁହେଁ, ତାହାକୁ ଓଡ଼ିଆ ସଂସ୍କୃତି, ଇତିହାସ ଓ ଅସ୍ମିତାର ଅଭିନ୍ନ ଅଂଶ ଭାବେ ଗ୍ରହଣ କରିଛନ୍ତି। ସମ୍ବଲପୁରୀ ବସ୍ତ୍ର, ବ୍ରହ୍ମପୁରର ରେଶମ, କେନ୍ଦୁଝରର ଟସର, ଗଜପତି ଓ ମାଣିଆବନ୍ଧର କାରିଗରି ଦେଶବ୍ୟାପୀ ପ୍ରସିଦ୍ଧ। ଏହାର ନବସୃଜନ, ସ୍ଥିରତା ଓ ନିବେଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଆଗାମୀ ୧୦ ବର୍ଷରେ ବୟନ ଶିଳ୍ପରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ସହିତ ଏକାଧିକ ଆଧୁନିକ ଟେକ୍ସଟାଇଲ ପାର୍କ ବିକଶିତ କରିବାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ ୨୦୨୫ (ଓଡ଼ିଶା ଟେକ୍ସ ୨୦୨୫)। ଏହି ବୟନ ଶିଳ୍ପ ସମ୍ମିଳନୀରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ସରକାର ଉଦ୍ୟୋଗୀମାନଙ୍କଠାରୁ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ପାଇଛନ୍ତି। ଏହାମାଧ୍ୟମରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବାର ଆକଳନ କରାଯାଇଛି।**

**ଓଡ଼ିଶା ଟେକ୍ସ ୨୦୨୫**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- **କାର୍ଯ୍ୟରତ ମହିଳାଙ୍କ ମଜୁରି ୬ରୁ ୭ ହଜାର, ପୁରୁଷଙ୍କ ୫ରୁ ୬ ହଜାରକୁ ବୃଦ୍ଧି**
- **ଜଗତ୍‌ସିଂହପୁର, ଭଦ୍ରକରେ ୨ ଟେକ୍ସଟାଇଲ ଓ ଫୁଟ୍‌ୱେର ପାର୍କର ଲୋକାର୍ପଣ**
- **ସରକାରୀ କର୍ମଚାରୀ ସପ୍ତାହକୁ ଥରେ ହସ୍ତତନ୍ତ ପୋଷାକ ପରିଧାନ କରିବାକୁ ଆହ୍ୱାନ**

**ଭୁବନେଶ୍ୱର,୨୫।୭ (ସୁନିତ୍ ମିଶ୍ର)**

ଟେକ୍ସଟାଇଲ ଶିଳ୍ପରେ କାର୍ଯ୍ୟରତ କର୍ମଚାରୀଙ୍କ ସରକାରୀ ଭତ୍ତା ମାସକୁ ୧ହଜାର ଟଙ୍କା ବୃଦ୍ଧି କରାଯାଇଛି। ଏହାଦ୍ୱାରା ସରକାରଙ୍କ ପକ୍ଷରୁ ମହିଳା କର୍ମଚାରୀଙ୍କୁ ମାସକୁ ୬ ହଜାର ଟଙ୍କା ବଦଳରେ ୭ ହଜାର ଏବଂ ପୁରୁଷ କର୍ମଚାରୀଙ୍କୁ ୫ ହଜାର ବଦଳରେ ୬ ହଜାର ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭରେ ଏହା ଘୋଷଣା କହିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଏବଂ ଭଦ୍ରକଠାରେ ୨ଟି ଟେକ୍ସଟାଇଲ ଓ ଫୁଟ୍‌ୱେର ପାର୍କର ଲୋକାର୍ପଣ କରିଛନ୍ତି।

ଭୁବନେଶ୍ୱରଠାରେ ଅନୁଷ୍ଠିତ 'ଓଡ଼ିଶା ଟେକ୍ସ ୨୦୨୫' ହେଉଛି ରାଜ୍ୟର ପ୍ରଥମ ଟେକ୍ସଟାଇଲ ଓ ଆପାରେଲ କନ୍‌କ୍ଲେଭ । ଏଥିରେ ୧୬୦ରୁ ଅଧିକ ବୃହତ୍ ଓ ନୂତନ ଉଦ୍ୟୋଗୀ ଯୋଗଦେଇଛନ୍ତି। ବିଶ୍ୱର ନାମୀଦାମୀ ବ୍ରାଣ୍ଡ ପେଜ୍ ଇଣ୍ଡଷ୍ଟ୍ରିଜ, ଫାଷ୍ଟ ଷ୍ଟେପ୍ ବେବି ଉଇଅର, କେପିଆର୍ ମିଲ୍‌ସ, ସ୍ୱୋର୍ଟ କିଙ୍ଗ୍, ଆଦର୍ଶ ନିଉଇଆର, ଅନୁଭବ ଆପାରେଲ୍ସ, ବନ୍ ଆଣ୍ଡ କୋ., ଆଣ୍ଡ ବି.ଏଲ୍. ପ୍ରମୁଖ ଏହି କନ୍‌କ୍ଲେଭରେ ଅଂଶଗ୍ରହଣ କରିଛନ୍ତି। ଦେଶର ବୟନ ଓ ପୋଷାକ ଶିଳ୍ପକ୍ଷେତ୍ରର ପ୍ରାୟ ସମସ୍ତ ଶିଳ୍ପପତି ଉପସ୍ଥିତ ଥିଲେ। ଏହା ପୂର୍ବଭାରତର ସର୍ବବୃହତ୍ ଟେକ୍ସଟାଇଲ କନ୍‌କ୍ଲେଭ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ସପ୍ତାହକୁ ଯେକୌଣସି ଗୋଟିଏ ଦିନ ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପରିଧାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୋଟ୍ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଆସିଛି। ଏହା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟରେ ୫୩,୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି କୁହାଯାଇଛି। ଏହା ସହ ପ୍ରତିବର୍ଷ ଏହି କନ୍‌କ୍ଲେଭ ଆୟୋଜନ କରିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆସନ୍ତା ଦଶନ୍ଧି ମଧ୍ୟରେ ରାଜ୍ୟରେ ଟେକ୍ସଟାଇଲ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟିକରିବା ସହ ୫ଟି ଟେକ୍ସଟାଇଲ ଓ ଆପାରେଲ୍ ପାର୍କ ବିକଶିତ ☞ପୃଷ୍ଠା-୪

# ଇନ୍ଦିରାଙ୍କୁ ଟପିଲେ ମୋଦି

**ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ଥିବା ପ୍ରଧାନମନ୍ତ୍ରୀ**



ନରେନ୍ଦ୍ର ମୋଦି



ଇନ୍ଦିରା ଗାନ୍ଧୀ

**ନୂଆଦିଲ୍ଲୀ,୨୫।୭**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୪,୦୭୭ ଦିନର କାର୍ଯ୍ୟକାଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅତିକ୍ରମ କରି ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାରେ ରହିଥିବା ପ୍ରଧାନମନ୍ତ୍ରୀ ହେବାର ଶ୍ରେୟ ହାସଲ କରିଛନ୍ତି। ମୋଦି ସର୍ବାଧିକ ସମୟ କ୍ଷମତାରେ ରହିଥିବା ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ, ଯିଏ ୨ଟି ପୂର୍ଣ୍ଣ ଅବଧି କ୍ଷମତାରେ ରହିବା ପରେ ଏବେ ତୃତୀୟ ପାଳିରେ ଶାସନ ଚଳାଇଛନ୍ତି। ଇନ୍ଦିରା କ୍ରମାଗତ ଭାବେ ୧୯୬୬ରୁ ୧୯୭୭ ପର୍ଯ୍ୟନ୍ତ ୪,୦୭୭ ଦିନ କ୍ଷମତାରେ ରହିଥିଲେ। ମୋଦି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ୪,୦୭୮ ଦିନ ସମ୍ପୂର୍ଣ୍ଣ କରିଛନ୍ତି। ମୋଦିଙ୍କ ରାଜନୈତିକ ଇତିହାସରେ ଏହା ଏକ ଐତିହାସିକ ଅଧ୍ୟାୟ। ସେ ୨୦୦୧ରୁ ଗୁଜରାଟ ମୁଖ୍ୟମନ୍ତ୍ରୀ ରହିଥିବାବେଳେ ୨୦୧୪ରୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ରାଜ୍ୟ ଓ ଜାତୀୟ ସ୍ତରରେ ପାଖାପାଖି ୨୪ ବର୍ଷ କ୍ଷମତାରେ ରହିଲେଣି, ଯାହା ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ କରିନାହାନ୍ତି। ଜାତୀୟ ନିର୍ବାଚନରେ କ୍ରମାଗତ ତୃତୀୟ ଥର ନିଜ ଦଳକୁ ନେତୃତ୍ୱ ଦେଇ ବିଜୟୀ କରାଇବାରେ ଜବାହରଲାଲ୍ ନେହେରୁଙ୍କ ପରେ ମୋଦି ଦ୍ୱିତୀୟ ନେତା।

# ଅବପାତରେ ପରିଣତ ହେଲା ଲଘୁଚାପ

**ଭୁବନେଶ୍ୱର, ୨୫।୭ (ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଶୁକ୍ରବାର ଅବପାତରେ ପରିଣତ ହେବା ପରେ ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ଜିଲାରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିବାବେଳେ ଜନଜୀବନ ପ୍ରଭାବିତ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ରାଜ୍ୟରେ ଆସନ୍ତା ୨୮ ତାରିଖ ଯାଏ ପ୍ରବଳ ବର୍ଷା ଲାଗିରହିବ। ବର୍ଷା ନେଇ କେନ୍ଦୁଝର, ମୟୂରଭଞ୍ଜକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼କୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି।

### ୨୮ ଯାଏ ପ୍ରବଳ ବର୍ଷା ସମ୍ଭାବନା

ଏହି ୧୦ ଜିଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ବାରିପଦାରେ ସର୍ବାଧିକ ୧୩୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଜଗତ୍‌ସିଂହପୁରରେ ୮୪ ମିମି, ସୋନପୁରରେ ୪୧.୦ ମିମି, ବଲାଙ୍ଗୀରରେ ୨୭ ମିମି, ନୂଆପଡ଼ାରେ ୨୩.୬ ମିମି, ଝାରସୁଗୁଡ଼ାରେ ୧୬.୪ ମିମି, ସୁନ୍ଦରଗଡ଼ରେ ୧୫.୬ ମିମି, କୋରାପୁଟରେ ୧୧.୨ ମିମି, ବାଲେଶ୍ୱରରେ ୧୧.୧ ମିମି, ରାଉରକେଲାରେ ୮.୬ ମିମି, ଚାନ୍ଦବାଲିରେ ୮.୪ ମିମି ଏବଂ ଢେଙ୍କାନାଳରେ ୮.୨ ମିମି ବର୍ଷା ହୋଇଛି। କଟକ, ଭୁବନେଶ୍ୱର, ପୁରୀ ସମେତ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଦିନ ସାରା ବର୍ଷା ଲାଗି ରହିଥିବା ସୂଚନା ଦିଆଯାଇଛି।

## ମୟୂରଭଞ୍ଜ: ବର୍ଷା ଯୋଗୁ ସ୍କୁଲ ଛୁଟି

**ବାରିପଦା,୨୫।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ପାଣିପାଗ ବିଭାଗର ପୂର୍ବାନୁମାନକୁ ନେଇ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଆଶଙ୍କା ଥିବାରୁ ଜିଲାପାଳ ହେମକାନ୍ତ ସୟ ଶୁକ୍ରବାର ଜିଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଏହା ସହିତ ବିଭିନ୍ନ ସ୍କୁଲ ସହିତ ସଂଲଗ୍ନ ଛାତ୍ରାବାସର ଅନ୍ତେବାସୀମାନଙ୍କୁ ଆଜବେଷ୍ଟସ କିମ୍ବା କଚ୍ଚା ଘର ବଦଳରେ କଂକ୍ରିଟ କୋଠାକୁ ସ୍ଥାନାନ୍ତର କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ମାନଙ୍କୁ ପରାମର୍ଶ କରିଥିଲେ। ଛାତ୍ରୀଛାତ୍ରମାନେ ଯେପରି କୌଣସି ପ୍ରକାରେ କ୍ଷୟକ୍ଷତି ହୋଇଥିବା ଶ୍ରେଣୀ କୋଠା ବ୍ୟବହାର ନ କରନ୍ତି ତାହା ମଧ୍ୟ ବିଇଓମାନେ ନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଜାରି କରିଥିଲେ। ସୂଚନାଯୋଗ୍ୟ, ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସକ୍ରିୟ ହୋଇ ଅବପାତର ରୂପ ଧାରଣ କରିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ମୟୂରଭଞ୍ଜ ଜିଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିଲା। ଶୁକ୍ରବାର ଦିନ ତମାମ ଜିଲାରେ ବୃଷ୍ଟିପାତ ହୋଇଥିଲା। ଝିପିଝିପି ବର୍ଷା ସହିତ ସ୍ଥାନେସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ସହରର ତଳିଆ ଅଞ୍ଚଳଗୁଡ଼ିକ ବର୍ଷା ଜଳରେ ଭରପୁର ହୋଇଛି । ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଦୋକାନ, ବଜାର ରାସ୍ତାଘାଟ ଶୂନଶାନ ହୋଇପଡ଼ିଛି। ତେବେ ଶିମିଳିପାଳରେ ଅତ୍ୟଧିକ ବୃଷ୍ଟିପାତ ହେଲେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ସହ ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ସମସ୍ତ କର୍ମଚାରୀ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in




# କନ୍ଧମାଳ: ୨ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

**ତୁମୁଡ଼ିବନ୍ଧ,୨୫।୭ (ଦୀପକ କୁମାର ପରାସେଠ)**

ଏକ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ୨ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ଏହାକୁ ନେଇ କନ୍ଧମାଳ ଜିଲା ପୁଣି ଚର୍ଚ୍ଚାକୁ ଆସିଛି। ବିବାଦ ଜିଲାର ପିଛା ଛାଡୁ ନ ଥିବା ବେଳେ ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଘଟିଥିବା ଏପରି ଘଟଣାକୁ ନେଇ ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଏତଲା ଦେଇଛନ୍ତି।

ଖବରରୁ ଜଣାପଡିଛି, ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମ୍ପୃକ୍ତା ୨ ଜଣ ଛାତ୍ରୀ ଗ୍ରୀଷ୍ମ ଅବକାଶ ପରେ ଆବାସିକ ବିଦ୍ୟାଳୟକୁ ଫେରିଥିଲେ। ସେମାନଙ୍କ ଫେରିବାର ମାସେ ପୂରଣ ହେବା ପରେ ଛାତ୍ରୀମାନଙ୍କ ମାସିକ ଋତୁସ୍ରାବ ତଦାରଖ କରାଯାଇଥିଲା। ଏହି ସମୟରେ ଦଶମ ଶ୍ରେଣୀର ୨ଜଣ ଛାତ୍ରୀଙ୍କ ମାସିକ ଋତୁସ୍ରାବ ରିପୋର୍ଟ ପଜିଟିଭ ଆସିଥିଲା। ଏହା ଜାଣିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରୀ ଦ୍ୱୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଡାକ୍ତରୀ ରିପୋର୍ଟରୁ ମଧ୍ୟ ସମ୍ପୃକ୍ତ ୨ ଛାତ୍ରୀ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ସମ୍ପୃକ୍ତା ୨ ଛାତ୍ରୀ କୋଟଗଡ଼ ଓ ବେଲଘର ଥାନା ଅଞ୍ଚଳର ବୋଲି ଜଣାପଡିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଥାନାରେ ପୃଥକ୍ ପୃଥକ୍ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି କୋଟଗଡ଼ ଥାନାରେ ନଂ. ୧୦୩/୨୫ ଏବଂ ବେଲଘର ଥାନାରେ ନଂ. ୬୪/୨୫ରେ ମାମଲା ରୁଜୁହୋଇ ତଦନ୍ତ ଚାଲିଥିବା ପୋଲିସ କହିଛି। ବେଲଘର ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। କୋଟଗଡ଼ ପୋଲିସ ମଧ୍ୟ ଜଣେ ଯୁବକଙ୍କ ଉପରେ ନଜର ରଖିଥିବା ଜଣାପଡ଼ିଛି।

# ଫେକ୍ ଜବ୍‌କାର୍ଡ ଧରିବାକୁ ଇ-କେୱାଇସି କରାଯିବ: ମନ୍ତ୍ରୀ

**ଭୁବନେଶ୍ୱର,୨୫।୭(ସୁନିତ୍ ମିଶ୍ର)**

- ୩ ମାସ ଭିତରେ ଇ-କେୱାଇସି ନ କଲେ ଜବ୍‌କାର୍ଡ କଟିଯିବ
- ପ୍ରକଳ୍ପ କାମ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା ବନ୍ଦ
- ନିର୍ଦ୍ଧାରିତ ସମୟ ଭିତରେ କାମ ନ ସାରିଲେ ଏଜେନ୍ସି ଉପରେ ଲାଗିବ ପେନାଲ୍ଟି
- ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ କାର୍ଯ୍ୟ ସରିଛି

ଫେକ୍ ଜବ୍‌କାର୍ଡ ବିଷୟକୁ ଗୁରୁତର ସହ ନେଇଛନ୍ତି ସରକାର। ଫେକ୍ ଜବ୍‌କାର୍ଡ ଧରିବା ପାଇଁ ଇ-କେୱାଇସି କରାଯିବ। ୩ ମାସ ଭିତରେ ଜବ୍‌କାର୍ଡ ଇ-କେୱାଇସି ନ କଲେ ତାହା କାଟି ଦିଆଯିବ। ସରକାର ଏଭଳି ଫେକ୍ ଜବ୍‌କାର୍ଡ ବାହାର କରିଛନ୍ତି। ଏହାର ଅଧିକାରୀ କିଏ ଥିଲେ, ଯେଉଁମାନେ ପୂର୍ବରୁ ଶାସନ କରୁଥିଲେ ସେମାନେ ଉତ୍ତର ଦେବେ। ସରକାର ବର୍ଷେ ଭିତରେ ୨ ଲକ୍ଷ ଜବ୍‌କାର୍ଡ ଦେଇଥିବା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

ପାନୀୟ ଜଳ ସମସ୍ୟାକୁ ନେଇ ମନ୍ତ୍ରୀ ନାଏକ କହିଛନ୍ତି, ସମଗ୍ର ରାଜ୍ୟବାସୀଙ୍କୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ଯୋଗାଇବା ପାଇଁ ସରକାର ସଙ୍କଳ୍ପବଦ୍ଧ ଅଛନ୍ତି। ରାଜ୍ୟରେ ବର୍ତ୍ତମାନ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮ଟି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ କରାଯାଇ ସେସବୁର ପ୍ରତ୍ୟକ୍ଷ ନିରୀକ୍ଷଣ କରାଯାଉଛି। ସାମାନ୍ୟ ବ୍ୟତିକ୍ରମ ଦେଖାଗଲେ ଉତ୍ତରଦାୟିତ୍ୱ ସ୍ଥିର କରାଯାଇ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଛି। କାମ ବିଳମ୍ବ ହେଲେ ଅଧିକାରୀମାନଙ୍କ ଦରମା ବନ୍ଦ ହେବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

ମନ୍ତ୍ରୀ ନାଏକ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଚାଲିଥିବା ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୮ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ନୂଆପଡ଼ା ଜିଲାର ସମସ୍ତ ଗ୍ରାମ 'ହର୍ ଘର୍ ଜଲ୍ ଯୋଜନା'ରେ ଅନ୍ତର୍ଭୁକ୍ତ ହୋଇଛି, ଯାହା ଗ୍ରାମୀଣ ଜୀବନରେ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରିବାରେ ଏକ ଐତିହାସିକ ପଦକ୍ଷେପ। ତେବେ ସରକାରୀ ସ୍ତରରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହି ଅନୁସାରେ ଅଗଷ୍ଟରେ ୨୧ଟି, ସେପ୍ଟେମ୍ବର ଶେଷ ସୁଦ୍ଧା ୧୧ଟି ଏବଂ ଡିସେମ୍ବର ପୂର୍ବରୁ ୨୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟ ସ୍ଥିର କରାଯାଇଛି। ଏହାସହ ରାଜ୍ୟରେ ପାନୀୟ ଜଳର ସୁପରିଚାଳନା ପାଇଁ ଏକ ଜଳ ନିଗମ ପ୍ରତିଷ୍ଠା କରିବାକୁ ସରକାର ବିଚାର କରୁଛନ୍ତି। ନିରାପଦ ପାନୀୟ ଜଳ ସୁନିଶ୍ଚିତତା ପାଇଁ ରାଜ୍ୟର ୫,୨୭,୫୭୦ ନଳକୂପ/ସାନିଟାରି ୱେଲ୍, ୨୧,୪୦୧ ପ୍ରଡକ୍ସନ ୱେଲ୍ ଓ ୧୫,୧୫୫ଟି ଓଭରହେଡ୍ ଟ୍ୟାଙ୍କକୁ ଲଗାତର ବିଶୁଦ୍ଧୀକରଣ କରାଯାଉଛି। ପୂର୍ବବର୍ଷ ମଞ୍ଜୁର ହୋଇଥିବା ୨୯,୫୧୨ ନଳକୂପ ମଧ୍ୟରୁ ୨୦,୮୯୧ଟି ପ୍ରାୟ ସମ୍ପନ୍ନ ହୋଇଛି। ଏହି ସମସ୍ତ କାର୍ଯ୍ୟରେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ଏଜେନ୍ସି କାର୍ଯ୍ୟ ସମାପ୍ତ ନ କରୁଛି, ତାହା ଉପରେ ପେନାଲ୍ଟି ଲଗାଯିବ। ସେହିଭଳି ଦାୟିତ୍ୱରେ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କ ଉତ୍ତରଦାୟିତ୍ୱ ମଧ୍ୟ ସ୍ଥିର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।



ମନ୍ତ୍ରୀ ରବି ନାରାୟଣ ନାଏକ

# ହୀରାକୁଦ ଜଳଭଣ୍ଡାରର ୧୨ ସ୍ଲୁଇସ୍ ଗେଟ୍ ଖୋଲିଲା

## ୨୦ ସ୍ଲୁଇସ୍ ଗେଟ୍ ଜରିଆରେ ଜଳ ନିଷ୍କାସନ ଜାରି

**ସମ୍ବଲପୁର,୨୫।୭(ପ୍ରମୋଦ ବହିଦାର)**

ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଅଧିକ ବର୍ଷା ଯୋଗୁ ଶୁକ୍ରବାର ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରରୁ ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ହଠାତ୍ ବୃଦ୍ଧି ପାଇବାରୁ ଏହାର କର୍ତ୍ତୃପକ୍ଷ ବାଧହୋଇ ୩ଟି ପର୍ଯ୍ୟାୟରେ ଗୋଟିଏ ଦିନରେ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲିଛନ୍ତି। ଶୁକ୍ରବାର ଅପରାହ୍ନ ୩ଟା ୩୦ ସୁଦ୍ଧା ହସ୍ତଗତ ହୋଇଥିବା ଖବର ଅନୁସାରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୧ ହଜାର ୪୯୮ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଛି। ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୭୫ ହଜାର ୩୯୬ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରେ ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୧୩ ଓ ଦକ୍ଷିଣ ପାର୍ଶ୍ୱସ୍ଥ ୭ ମିଶି ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ ଲକ୍ଷ ୩୬ ହଜାର ୯୭୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି ଶକ୍ତି ଉତ୍ପାଦନ ପାଇଁ ପାୱାର ଚାନେଲରେ ୩୩,୯୮୬ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୩୪୬୧, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୧୦୯ ଘନଫୁଟ୍ ଜଳ ମିଶି ମୋଟ୍ ୪୨୦୦ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଏହି ସମୟରେ ଜଳଭଣ୍ଡାରର ଜଳସ୍ତର ୬୦୯.୩୯ ଫୁଟ୍ ରହିଛି। ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୩୯.୩୭ ମିଲିମିଟର ଓ ତଳମୁଣ୍ଡରେ ୨୦.୬୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଗଳାରେ ସେଓ ଲାଗିବାରୁ ଶିଶୁପୁତ୍ରର ଜୀବନ ଗଲା

**ବ୍ରଜରାଜନଗର,୨୫।୭ (ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳର ବୁଢୀଜାମ କଲୋନୀରେ ଦେଢବର୍ଷର ଜଣେ ଶିଶୁପୁତ୍ରର ଗଳାରେ ସେଓ ଲାଗିଯିବାରୁ ଜୀବନ ଯାଇଛି। ଗୁରୁବାର ସକାଳେ ଉକ୍ତ କଲୋନୀର ଇନ୍ଦ୍ରଜିତ୍ ସିଂଙ୍କ ଦେଢବର୍ଷର ପୁଅକୁ ପରିବାରର କେହି ସଦସ୍ୟ ସେଓ କାଟି ଖାଇବାକୁ ଦେଇଥିଲେ। ହେଲେ ସେଓର ଛୋଟ ଅଂଶ ଶିଶୁପୁତ୍ରର ଗଳାରେ ଅଟକି ଯିବାରୁ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା। ପରିବାର ସଦସ୍ୟ ତାଙ୍କୁ ନିକଟରେ ଥିବା କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଆଇସିୟୁ ବ୍ୟବସ୍ଥା ନ ଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଅନ୍ୟତ୍ର ନେବା ପାଇଁ ପରାମର୍ଶ ଦେଇଥିଲେ। ଫଳରେ ପରିବାର ସଦସ୍ୟ ଶିଶୁପୁତ୍ରକୁ ଝାରସୁଗୁଡ଼ାର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ରାତିରେ ଶୋକାକୁଳ ପରିବେଶରେ ଶିଶୁପୁତ୍ରର ମୃତଦେହ ସତ୍କାର କରାଯାଇଥିଲା। ଅପରପକ୍ଷରେ କେନ୍ଦ୍ରୀୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଯୋଗୁ ଶିଶୁପତ୍ରର ମୃତ୍ୟୁ ଘଟିଥିବା ନେଇ ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିବା ସହ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଦାୟି କରିଛନ୍ତି। ଏନେଇ କେନ୍ଦ୍ରୀୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ମଦନ ଦାସ କହିଛନ୍ତି, ହସ୍ପିଟାଲରେ ଅତ୍ୟାଧୁନିକ ମେଶିନ ଅଛି କିନ୍ତୁ ଡାକ୍ତର ନାହାନ୍ତି। ଆଇସିୟୁ ଅଛି କିନ୍ତୁ ୭ ବର୍ଷ ହେବ ଖରାପ ହୋଇପଡିଛି। ଏ ବାବଦରେ ଏମ୍‌ସିଏଲ୍‌ର ଉପରିସ୍ଥ ପଦାଧିକାରୀଙ୍କୁ ଅବଗତ କରିଛି। ହେଲେ ଫଳ ଶୂନ ବୋଲି ସେ କହିଛନ୍ତି।

# ହେବନି ନୂଆ ଆଉଟ୍‌ସୋର୍ସିଂ ନିଯୁକ୍ତି

**ଭୁବନେଶ୍ୱର,୨୫।୭ (ରବିନାରାୟଣ ଜେନା)**

ରାଜ୍ୟରେ ଏଣିକି ଠିକା ସଂସ୍ଥା(ଆଉଟ୍‌ସୋର୍ସିଂ) ଜରିଆରେ ସିଧାସଳଖ ନୂଆ ନିଯୁକ୍ତି ସିଧାସଳଖ ଦିଆଯିବ ନାହିଁ। ପୂର୍ବରୁ ଯେଉଁସବୁ ଆଉଟ୍‌ସୋର୍ସିଂ ସଂସ୍ଥାକୁ ମ୍ୟାନ୍ ପାୱାର ଲାଗି ନିଯୁକ୍ତ କରାଯାଇଛି ତାହା ବଜାୟ ରହିବ ଏବଂ ସମ୍ପୃକ୍ତ ସଂସ୍ଥା ନବୀକରଣ କରିପାରିବେ। ହେଲେ ସମ୍ପୃକ୍ତ ସଂସ୍ଥା ଅର୍ଥ ବିଭାଗର ବିନା ଅନୁମୋଦନରେ ନୂଆ କରି ଜଣେ ହେଲେ ବି 'ମ୍ୟାନ୍ ପାୱାର' ନିଯୁକ୍ତି ଦେଇପାରିବେ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଗୁରୁବାର ସମସ୍ତ ବିଭାଗ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ତେବେ ରାଜ୍ୟରେ ଆଉ କେହି ଠିକା ନିଯୁକ୍ତ ହେବନାହିଁ, 'ଆଉଟ୍‌ସୋର୍ସିଂ'ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା ବୋଲି ୨୦୨୩ ଜୁନ୍‌ରେ ପୂର୍ବ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲା। ସେତେବେଳେ ଠିକା ନିଯୁକ୍ତି ଉଚ୍ଛେଦ ହେଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଆବଶ୍ୟକତା ଦୃଷ୍ଟିରୁ ଏହି ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି।

ସଚିବ ମିଶ୍ର ପତ୍ରରେ ଦର୍ଶାଇଛନ୍ତି ଯେ, ନୂତନ ମ୍ୟାନ୍ ପାୱାର ନିଯୁକ୍ତି ପୂର୍ବରୁ ଅର୍ଥ ବିଭାଗର ଅନୁମୋଦନ ବାଧ୍ୟତାମୂଳକ। ମାତ୍ର କୌଣସି ଠିକାସଂସ୍ଥାର ସମାନ ସଂଖ୍ୟକ ମ୍ୟାନ୍ ପାୱାର ନବୀକରଣ ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକ ନାହିଁ। ଯଦି ନବୀକରଣ ହେବାକୁ ଥିବା ସଂସ୍ଥା ଅଧିକ ମ୍ୟାନ୍ ପାୱାର ନିଯୁକ୍ତ କରିବାକୁ ବିଭାଗର ପ୍ରସ୍ତାବ ରହିଥିବ ତେବେ ସେ କ୍ଷେତ୍ରରେ ଅର୍ଥବିଭାଗର ଅନୁମୋଦନ ନିହାତି ଆବଶ୍ୟକ।

# ଏଚ୍‌ଓଡି, ଅଧ୍ୟକ୍ଷଙ୍କ ହାଜତ ମିଆଦ ବୃଦ୍ଧି

**ବାଲେଶ୍ୱର,୨୫।୭(ବାଞ୍ଛାନିଧି ଦେ)**

**ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ମାମଲା**

**ଭିଡିଓ କନଫରେନ୍ସିଂରେ ହାଜର ହେଲେ**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷ ଶୁକ୍ରବାର ଭିଡିଓ କନଫରେନ୍ସି (ଭିସି) ଜରିଆରେ କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କ ହାଜତ ମିଆଦ ଆଉ ୧୪ ଦିନ ବୃଦ୍ଧି କରାଯାଇଥିବା ଏସଡିଜେଏମ୍ କିଶୋର କୁମାର ନାଥ ସୂଚନା ଦେଇଛନ୍ତି। ଆସନ୍ତା ଅଗଷ୍ଟ ୬ ତାରିଖକୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି।

# ୮୬୯.୮ କୋଟିର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ମୋହର

**ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)**

୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ସାକାର କରିବା ପାଇଁ ରାଜ୍ୟ ସରକାର ସବୁ କ୍ଷେତ୍ରକୁ ଗୁରୁତ୍ୱ ଦେଉଥିବାବେଳେ ଶୁକ୍ରବାର ଅକ୍ଷୟଶକ୍ତିକୁ ପ୍ରାଥମିକତା ମିଳିଛି। ରାଜ୍ୟରେ ଅକ୍ଷୟଶକ୍ତି କିଭଳି ଅଧିକ ଉତ୍ପାଦନ ହୋଇପାରିବ ଏବଂ ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଶକ୍ତି ବିଭାଗ ପକ୍ଷରୁ ରାଜ୍ୟରେ ନିବେଶ ହେବାକୁ ଥିବା ୮୬୯.୮ କୋଟି ଟଙ୍କାର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ଫଳରେ ଓଡ଼ିଶାରେ ୧୭୮ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟଶକ୍ତି ପ୍ରକଳ୍ପ ସ୍ଥାପନ ବାଟ ପରିଷ୍କାର ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଦ୍ୱାଦଶ ସିଙ୍ଗିଲ୍ ୱିଣ୍ଡୋ କମିଟି (ଏସ୍‌ଡବ୍ଲୁସି) ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥଙ୍କ ସମେତ ଗ୍ରୀଡ୍‌କୋ ଏବଂ ଓଏଚ୍‌ପିସିର ନିର୍ଦ୍ଦେଶକ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ଓ ଅନ୍ୟାନ୍ୟ ବରିଷ୍ଠ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଅକ୍ଷୟ ଶକ୍ତି ପ୍ରମୁଖ ସଂସ୍ଥା (ଆର୍‌ଇଏନ୍‌ଏ)ର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକୁ ବୈଠକରେ ଉପସ୍ଥାପନ କରିଥିଲେ ଏବଂ ତତ୍‌ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିଚାରବିମର୍ଶ ପରେ ସିଙ୍ଗଲ ୱିଣ୍ଡୋ କମିଟି ତାହାକୁ ଅନୁମୋଦନ ଦେଇଥିଲା। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି, ସୁବର୍ଣ୍ଣପୁରର ବୀରମହାରାଜପୁରରେ ପ୍ରୋଜିଏଲ୍ ଗ୍ରୀନ ଏନର୍ଜି ଲିମିଟେଡ୍ ଦ୍ୱାରା ୬୯.୫ ମେଗାୱାଟ୍ ସୋଲାର୍ ପାର୍କ, କେନ୍ଦୁଝର ଜିଲାର ତେଲକୋଇଠାରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଦ୍ୱାରା ୪୯.୫ ମେଗାୱାଟ୍ ସୋଲାର୍ ପ୍ରକଳ୍ପ, ଝାରସୁଗୁଡ଼ାର ଲଖନପୁରଠାରେ ମହାନଦୀ କୋଲ୍ ଫିଲ୍ଡ ଦ୍ୱାରା ୧୦ ମେଗାୱାଟ୍ ସୋଲାର୍ ପ୍ରକଳ୍ପ ଓ ନବରଙ୍ଗପୁରର ପାପଡ଼ାହାଣ୍ଡିରେ ଏନ୍.ଏଲ୍.ସି. ଦ୍ୱାରା ପବନ ଶକ୍ତି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ସମେତ, ଏପର୍ଯ୍ୟନ୍ତ ସିଙ୍ଗଲ୍ ୱିଣ୍ଡୋ କମିଟି ମାଧ୍ୟମରେ ମୋଟ ୧,୮୪୪.୮୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ପ୍ରକଳ୍ପ ପାଇଁ ୧୨,୫୯୯.୭୯ କୋଟି ଟଙ୍କାର ବିନିଯୋଗ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିକାଶ ଯାତ୍ରାରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ନୂତନ ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।



**ଅକ୍ଷୟଶକ୍ତିକୁ ସରକାରଙ୍କ ପ୍ରାଥମିକତା**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନୃତ୍ୟନିଳୟ ଓ ନୃତ୍ୟାଙ୍କିତା ପକ୍ଷରୁ ୬ଷ୍ଠ ସମର୍ପଣ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ଣ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ କାବ୍ୟାଞ୍ଜଳି ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ : ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ, ସ୍ଥାନ: ଓଏସ୍‌ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ସ୍ୱର୍ଗତ ବି.କେ. ରାୟଙ୍କ ଶ୍ରାଦ୍ଧବାର୍ଷିକ ଓ ହାଇକୋର୍ଟର ୭୮ତମ ପ୍ରତିଷ୍ଠା ଦିବସ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଉଦ୍‌ଯାପନୀ ଦିବସ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ତୃତୀୟ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜର ୧୨୩ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଘାଟନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- କାର୍ଗିଲ୍ ବିଜୟ ଦିବସ, ସ୍ଥାନ: ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବରହମ୍‌ପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ଣ ୧୦ଟା।
- ନାକ୍ ମୂଲ୍ୟାୟନରେ ମହାବିଦ୍ୟାଳୟର ଭୂମିକା କର୍ମଶାଳା, ସ୍ଥାନ: କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲିଆପାଳ, ସମୟ: ପୂର୍ବାହ୍ଣ ୧୧ଟା।

## ଭଦ୍ରକ

- ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ବାଗୁରାଇ ସୈନିକ ସଂଘ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- କାର୍‌ଗିଲ ବିଜୟ ଦିବସ ପାଳନ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାରିପଦା,ସମୟ: ପୂର୍ବାହ୍ଣ ୧୧ଟା।
- ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ପାଟଣାଶୀପୁର ଉଚ୍ଚ ବିଦ୍ୟାଳୟ,ଉଦଳା,ସମୟ: ପୂର୍ବାହ୍ଣ ୧୧ଟା।
- ଯୌନ ଉତ୍ପୀଡ଼ନ ବିଷୟରେ ଜାଗୃତି କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ା ମହାବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ଣ ୧୧ଟା।

## ଗଞ୍ଜାମ

- ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଭିଭାବକ ଶିକ୍ଷକ ବୈଠକ, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ଣ ୧୧ ଟା।

## ଢେଙ୍କାନାଳ

- ଓଡିଶା ସାହିତ୍ୟ ଏକାଡେମୀ ଓ କଳାପରିଷଦ ଢେଙ୍କାନାଳ ପକ୍ଷରୁ ସାରସ୍ୱତ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା

- କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଜିଲା ବିଜେଡି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଡିହବଲରାମପୁର, ମାର୍ଶାଘାଇ, ସମୟ: ସକାଳ ୯ଟା।
- ରାଜନଗର ସୈନିକ ସଂଘ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳନ, ସ୍ଥାନ: କେ. ସି. ମଣ୍ଡପ, ରାଜନଗର, ସମୟ: ଅପରାହ୍ଣ ୩ଟା।

## ରାୟଗଡ଼ା

- ଶ୍ରୀ ସତ୍ୟସାଇ ମୋବାଇଲ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟସେବା ସେବା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- କାର୍ଗିଲ ବିଜୟ ଦିବସ ଉପଲକ୍ଷେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ: ଭେଟେରନ ସୋଲଜର୍ସ ଆସୋସିଏଶନ ଅଫିସ୍, ରାୟଗଡା, ସମୟ: ସନ୍ଧ୍ୟା ୭ଟା ୩୦ ।

## ନବରଙ୍ଗପୁର

- ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ରପାତ୍ରଙ୍କ ନବରଙ୍ଗପୁର ଜିଲା ଗସ୍ତ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ଣ ୨ଟା।
- ମନ୍ତ୍ରୀଙ୍କ ଦ୍ୱାରା ମାଆ ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ରାସନ କାର୍ଡ ବିତରଣ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ ପରିସର, ସମୟ ଅପରାହ୍ଣ ୩ଟା ୩୦।
- ମନ୍ତ୍ରୀଙ୍କ ଦ୍ୱାରା ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ଅପରାହ୍ଣ ୫ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ: ସକାଳ ୮ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ସକାଶେ ଆଲୋଚନା, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ: ପୂର୍ବାହ୍ଣ ୧୦ଟା।

## ବଲାଙ୍ଗୀର

- କାରଗିଲ ବିଜୟ ଦିବସ, ସ୍ଥାନ: ଏକ୍ସ-ସର୍ଭିସ ଅଫିସ, ଲାଲଟିକ୍ରା, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା।
- ପବିତ୍ର ଗଙ୍ଗାଜଳ ଜଳଶାୟୀ , ସ୍ଥାନ: ଚନ୍ଦ୍ରଶେଖର ମହାଦେବ ମନ୍ଦିର, ଶାନ୍ତିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୧୦ଟା ୩୦ ।

## ରାଉରକେଲା

- ମହିଳା ନିର୍ମାଣ ଶ୍ରମିକଙ୍କୁ ନିର୍ଯାତନା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରା ରୋଡ୍, ସମୟ: ସକାଳ ୮ଟା।
- ହିନ୍ଦୁସ୍ଥାନ ଫେଡେରେଶନ ପକ୍ଷରୁ ସର୍ବଦଳୀୟ ଦ୍ୱିତୀୟ ଆଲୋଚନା ମଞ୍ଚ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ଅପରାହ୍ଣ ୩ଟା ୩୦।
- ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ଗିରିଧାରୀ ଗୋଶାଳାର ଶତବାର୍ଷିକୀ ସମାରୋହ, ସ୍ଥାନ: ସୋହେଲା, ସମୟ: ସକାଳ ୯ଟା।
- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର (ଓଡ଼ିଆ ବିଭାଗ), କେଶବ ନଗର, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା।
- ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ଣ ୧୦ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନୂଆପଡ଼ା ପକ୍ଷରୁ ଏକ ସାଧାରଣ ସଭା, ସ୍ଥାନ: ଖଡିଆଳ ବ୍ଲକ ଲୋହରାପାଲି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୧ଟା।
- ନାଗବାଚା ଗୁଡିରେ ହରିଆଲି ତିହାର ପାଳନ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବୁଧ ଓ ଶୁକ୍ରଙ୍କ ସ୍ଥିତିଜନିତ ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। ଯାତ୍ରା ସମୟରେ ଅସାବଧାନତା ହେତୁ କିମ୍ବା ଅନ୍ୟମନସ୍କ କାରଣରୁ ଅର୍ଥହାନିର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ କଳହର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରୁ ଲାଭ, ସଭାସମିତିରେ ସମ୍ମାନ ଏବଂ ଧର୍ମାନୁଷ୍ଠାନରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ** – ରାଶ୍ୟାଧିପ ଶୁକ୍ରଙ୍କ ଉପରେ ଶନିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ। ଅର୍ଥ ସମ୍ପର୍କୀୟ କଥାବାର୍ତ୍ତାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ରବି ଓ ଚନ୍ଦ୍ରଙ୍କ ସଂଯୋଗରୁ ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ସାମୟିକ ପ୍ରତିବନ୍ଧକ ଜନିତ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପାରେ।

**ମିଥୁନ** – ବୃହସ୍ପତିଙ୍କ ସ୍ଥିତି କର୍ମକ୍ଷେତ୍ର ପାଇଁ କିଛିଟା ବ୍ୟତିକ୍ରମକୁ ନେଇ କୈଫିୟତ୍ ଦେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରର ମନାନ୍ତର ଦୂରେଇଯିବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି । କିନ୍ତୁ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା କାରଣରୁ ଧୀରେ ସୁସ୍ଥେ କାମ କରିବାକୁ ବାଧ ହେବେ।

**କର୍କଟ** – ଆଜିର ଚନ୍ଦ୍ର ରୋଗପୀଡ଼ା,ବନ୍ଧୁଙ୍କ ପକ୍ଷପାତିତା ଏବଂ ଋଣ ପରିଶୋଧ ଜନିତ ଦୁଶ୍ଚିନ୍ତାର ବିଲୟ ଘଟାଇବ। ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ମନ ବଳାଇବେ। କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରି ଖୁସି ରହିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରର ଦ୍ୱନ୍ଦ୍ୱ ଓ ଟେନସନ୍ ଦୂର ହେବ।

**ସିଂହ** – ଦେବଗୁରୁଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରୁ ଶିକ୍ଷା କ୍ଷେତ୍ରରେ ସଫଳତା, ସମ୍ପର୍କରେ ନିବିଡ଼ତା ଏବଂ ଆଲୋଚନାରେ ଅଗ୍ରଗତି ଅବଶ୍ୟମ୍ଭାବୀ। ରାହୁଙ୍କ କୁପ୍ରଭାବରେ ଯାତ୍ରା କାଳରେ ଠକାମିରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦୋଷକୁ ଘୋଡ଼ାଇବାକୁ ଯାଇ କୈଫିୟତ୍ ଦେବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାରୁ ହାତମୁଠାରୁ ସୁଯୋଗ ଖସିଯିବାର ସୂଚନା ମଧ୍ୟ ରହିଛି।

**କନ୍ୟା** – ଦ୍ୱିତୀୟ ସ୍ଥାନ ଗୁରୁଦୃଷ୍ଟ କାରଣରୁ ଆପଣଙ୍କ ସଯୌକ୍ତିକ କଥାବାର୍ତ୍ତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ବାକି ରଖିଥିବା ଲୋକଟି ହଠାତ୍ ଆସି ଟଙ୍କା ଦେଇଯାଇପାରେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ରାସ୍ତା ବାହାର କରିବାରେ ସମର୍ଥ ହେବେ। ପାରିବାରିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା** – ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ ସମସ୍ୟା ସମାଧାନ ପାଇଁ କଷ୍ଟ ସ୍ୱୀକାର କରିବାକୁ ହେବ। ବହୁ ବୁଝାଶୁଝା ପରେ ବନ୍ଧୁ ଆପଣଙ୍କ କଥା ଗ୍ରହଣ କରିପାରନ୍ତି। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ ସାମାଜିକ ସ୍ତରରେ ସମ୍ମାନ ଲାଭକରିବାର ସୁଯୋଗ ଲାଭ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିପାରେ।

**ବିଛା** – ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କଠାରୁ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ରାହୁଙ୍କ ପ୍ରଭାବରୁ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ କରିପାରିବେନି।

**ଧନୁ** – ଅଷ୍ଟମାଧିପତି ସହ ରବି ଓ ବୁଧଙ୍କ ସ୍ଥିତିଜନିତ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ସନ୍ତାନଙ୍କ ଉଚ୍ଚଶିକ୍ଷା ସକାଶେ ବନ୍ଧୁଙ୍କ ପରାମର୍ଶକୁ ଅଗ୍ରାଧିକାର ଦେବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି।

**ମକର** – ଶନିଙ୍କ ଦୃଷ୍ଟିରେ ଶୁକ୍ର ଥିବାରୁ ଶୃଙ୍ଖଳାର ସହ କାମ ସମ୍ପନ୍ନ କଷ୍ଟକର ହେବ। ପାରିବାରିକ ସ୍ଥିତିରେ ଉନ୍ନତି ଘଟିବାର କ୍ଷୀଣ ଆଶା ମାନକୁ ଚହଲାଇ ଦେଇପାରେ। ପିଲାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱଭାବ ଓ ଆଚରଣକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ପୂର୍ବବିବାଦକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କୁମ୍ଭ** – ବୁଧ ଦୁଃସ୍ଥାନରେ ଥିବାରୁ ପିଲାଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବା କାରଣରୁ ଅନ୍ୟ ସହ ତର୍କ ଓ ବିବାଦ ବଢ଼ିପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅନ୍ୟ କଥାରେ ପଡ଼ି ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ** – ଚନ୍ଦ୍ରଙ୍କ ସହ ରବି ଓ ବୁଧ ରହିବା ହେତୁ ଦୂରଯାତ୍ରା,ବନ୍ଧୁଙ୍କ ନିମନ୍ତ୍ରଣ ଏବଂ ଫଳପ୍ରଦ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶ ଏବଂ ଆହ୍ୱାନକ୍ରମେ ବିଦେଶ ଯାତ୍ରାର ଚିନ୍ତା ମନରେ ଉଙ୍କିମାରିବ। ପାରିବାରିକ ସମର୍ଥନରେ ନୂତନ କାର୍ଯ୍ୟରେ କୃତକାର୍ଯ୍ୟ ହେବେ। ସାମାଜିକ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିପାରନ୍ତି।

ଆଜି ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳ ଦିବସ, କାର୍ଗିଲ୍ ବିଜୟ ଦିବସ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ଦ୍ୱିତୀୟା ଶନିବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୧୦।୧୫ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୧୫ ମଧ୍ୟେ ରାହୁ କାଳ।

# ବିବାହ କରିବେ ଏଲ୍‌ଭିଶ



ମୁମ୍ବାଇ: କଥାରେ ଅଛି ନିଆଁ ନ ଥିଲେ ଧୂଆଁ ଉଠେନା। ଠିକ୍ ସେମିତି କିଛି ଘଟିଛି ଲୋକପ୍ରିୟ ୟୁଟ୍ୟୁବର ତଥା ବିଗ୍‌ବସ୍ ଓଟିଟି ୨ ବିଜେତା ଏଲ୍‌ଭିଶ ଯାଦବଙ୍କ କ୍ଷେତ୍ରରେ। ଏବେ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ବଡ଼ ଚର୍ଚ୍ଚା ହେଉଛି। ସେଇଟି ହେଲା ବିବାହ। ଏନେଇ ଜଣାପଡ଼ିବା ପରେ ପ୍ରଶଂସକମାନେ ଖୁସିବ୍ୟକ୍ତ କରୁଛନ୍ତି। ଏଲ୍‌ଭିଶ ଏବେ କୁକିଂ ରିଆଲିଟି ଶୋ' 'ଲାଫ୍‌ଟର ସେଫ୍ ୨'ରେ ପ୍ରତିଯୋଗୀ ଭାବେ ନଜର ଆସୁଛନ୍ତି। ଶୋ'ର ପ୍ରମୋରେ ତାଙ୍କ ବିବାହକୁ ନେଇ ବଡ଼ ଖୁଲାସା ହୋଇଛି। କମେଡିଆନ ଭାରତୀ ସିଂହ ସେଥିରେ ମୋହର ମାରିଛନ୍ତି। ଚଳିତ ବର୍ଷ ଏଲ୍‌ଭିଶ ବିବାହ ବନ୍ଧନରେ ଆବଦ୍ଧ ହେବେ। ତାଙ୍କୁ ତାଙ୍କ ମନର ନାୟିକା ମିଳିସାରିଛି। ସେ ଉଦୟପୁରର ବୋଲି ସ୍ପଷ୍ଟ ହୋଇଛି। ଏଲ୍‌ଭିଶ ବିବାହ ଯାଏ ସେସବୁ ଉପରୁ ପରଦା ଉଠାଇବାକୁ ମନା କରିଥିଲେ ହେଁ ବିବାହ ଖୁବ୍‌ଶୀଘ୍ର ହେବ ବୋଲି ଆଶା କରାଯାଉଛି।

# ଭାଜପା ନେତାଙ୍କ ସହିତ ସୁନା ମାଫିଆଙ୍କ ସମ୍ପୃକ୍ତି ରହିଛି:କଂଗ୍ରେସ



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳୀୟ ନେତା।

ଭୁବନେଶ୍ୱର,୨୫।୭(ରବିନାରାୟଣ ଜେନା)

ସାରା ଦେଶରେ ନାରୀ ନିର୍ଯାତନାକୁ ନେଇ ଓଡ଼ିଶା ଲଜ୍ଜିତ ଥିବାବେଳେ ସୁନା ମାଫିଆଙ୍କ ସହିତ ଭାଜପା ନେତାଙ୍କ ସମ୍ପର୍କ ଦୁର୍ନୀତିର ଆଉ ଏକ ନୂଆ ଫର୍ଦ ଖୋଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ, ସୁନା ମାଫିଆ ରମେଶ ମାଝୀଙ୍କର ବିଭିନ୍ନ ଭାଜପା ନେତାଙ୍କ ସହ ଥିବା ଫଟୋ ବର୍ତ୍ତମାନ ସାରା ରାଜ୍ୟରେ ଘୂରିବୁଲୁଛି। ବିଶେଷକରି କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ସହିତ ତାଙ୍କର ଘନିଷ୍ଠତା ରହିଛି। ଏହା ପଛରେ କି ରହସ୍ୟ ଅଛି ତଦନ୍ତକାରୀ ସଂସ୍ଥାମାନେ ତଦନ୍ତ କରିବାର ଆବଶ୍ୟକତା ରହିଛି। ସେହିପରି ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ, ଯେଉଁଦଳ ଦୁର୍ନୀତିଶୂନ୍ୟ ବୋଲି ଦମ୍ଭୋକ୍ତି ଦେଖାଉଛି, ତାଙ୍କ ଦଳର ବଡ଼ ବଡ଼ିଆ ନେତାଙ୍କ ସୁନା ନିବେଶ ମାଫିଆ ରମେଶ ମାଝୀଙ୍କ ସହ ଫଟୋ କେମିତି ପଦାକୁ ଆସୁଛି । ଯଦି ଏହା ମିଥ୍ୟା ତେବେ କେନ୍ଦ୍ରମନ୍ତ୍ରୀ,ଏମ୍‌ପି ଓ ଭାଜପା ନେତୃବୃନ୍ଦ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ପାରାଦୀପ ଧରିତ୍ରୀ ଖବରଦାତାଙ୍କ ମାତୃ ବିୟୋଗ

କେନ୍ଦ୍ରାପଡ଼ା, ୨୫।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ଈଶ୍ୱରପୁର ଗ୍ରାମର ବର୍ଷୀୟାନ ବୃଦ୍ଧା ଗୁର ରାଉତ (୯୪)ଙ୍କ ଶୁକ୍ରବାର ସକାଳେ ପରଲୋକ ଘଟିଛି। ତାଙ୍କ ମଧ୍ୟମ ପୁତ୍ର ତଥା ଧରିତ୍ରୀର ପାରାଦୀପ ଖବରଦାତା ଶରତ ରାଉତଙ୍କ ମା' ଅଟନ୍ତି। ବୃଦ୍ଧା ଗୁର ଭୁବନେଶ୍ୱର ସତ୍ୟବିହାରସ୍ଥିତ ଘରେ ଥିଲେ। ସକାଳୁ ପୂଜା କରିବାକୁ ଯିବାବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ସତ୍ୟବିହାର ବାସଭବନକୁ ଅଣାଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଅପରାହ୍ଣରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ କରାଯାଇଥିଲା। ବଡ଼ ପୁଅ ମହେଶ୍ୱର ରାଉତ ମୁଖାଗ୍ନି ଦେଇଥିଲେ। ପୁତ୍ର ଫକୀର, ଶୈଳେନ୍ଦ୍ର, ସନ୍ତୋଷ, ସୁନୀଲ, ଝିଅ କୁସୁମ, ସୁଷମା, ଜ୍ୱାଇଁ କୈଳାସ, ନାତୁଣୀନାତି, ବନ୍ଧୁ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ଗୁର ଜଣେ ଧର୍ମପରାୟଣା ମହିଳା ଥିଲେ ଏବଂ ବିଶିଷ୍ଟ ବାଗ୍ମୀ ସ୍ୱର୍ଗତ ସହଦେବ ରାଉତଙ୍କ ସ୍ତ୍ରୀ ଥିଲେ।



ଗୁର ରାଉତ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସପନ କଥାକୁ ସତ ମଣିଅଛି,**
**କାହାକୁ ବାନ୍ଧିଛୁ ଫାଶୀ;**
**ସରଗ ତାରାକୁ ଆଶା କରିଅଛୁ,**
**ସେ କି ପଡ଼ିବ ଖସି ।**

ସପନକୁ ସତ ମଣୁଥିବା ବ୍ୟକ୍ତି ଏବଂ ଉଚ୍ଚ ଆଶାରେ ନିକମା ହୋଇ ବସି ରହୁଥିବା ବ୍ୟକ୍ତି ଜୀବନରେ କେବେହେଲେ ସଫଳ ହୋଇପାରି ନ ଥାନ୍ତି। କର୍ମ ନ କଲେ ଫଳ ମିଳି ନ ଥାଏ। ଏପରିସ୍ଥଳେ ନିଷ୍କର୍ମା ହୋଇ ବସି ରହୁଥିବା ବ୍ୟକ୍ତି ଜୀବନର ଗତିପଥରେ ଅସଫଳ ହେବା ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତ ପର ହେଲେ ଭଲ**
**ନିଜ ଲୋକ ଠେଇଁ ପୀରତି ବାନ୍ଧିଲେ**
**ହୋଇଯିବ ସଦା ଭେଲ ।**

ପରଲୋକଙ୍କ ଭଳି ଦୂରେଇ ରହିବା ଅନେକ କ୍ଷେତ୍ରରେ ଭଲ ବା ଗ୍ରହଣୀୟ ହୋଇଥାଏ। ସବୁବେଳେ ଆତ୍ମୀୟଙ୍କ ସଙ୍ଗେ ଘଷର ପସର ହେଲେ ଭବିଷ୍ୟତରେ ସମ୍ପର୍କରେ ଭଙ୍ଗା ପଡ଼ିବାର ଆଶଙ୍କା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ପ୍ରଥମ ପୃଷ୍ଠାରୁ...



ଝାଲୱାରର ପିପ୍ଲୋଡି ବିଦ୍ୟାଳୟର ଭଗ୍ନାବଶେଷ ତଳୁ ପିଲାଙ୍କୁ ଉଦ୍ଧାର କରାଯାଉଛି।

## ସ୍କୁଲ ଛାତ ଭୁଶୁଡ଼ିଲା...


ତେବେ ଉକ୍ତ ତାଲିକାରେ ପିପ୍ଲୋଡିର ଉକ୍ତ ସ୍କୁଲ୍ ନ ଥିଲା। ଜିଲାପାଳ ଏହା ଉପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ୧୯୯୪ରେ ସ୍ଥାପିତ ଏହି ପୁରୁଣା ସ୍କୁଲ୍ ବିଲ୍ଡିଂରେ ୫ଟି ଶ୍ରେଣୀଗୃହ ଏବଂ ଗୋଟିଏ ଅଫିସ୍ ରହିଛି। ଛାତର ଗୋଟିଏ ଭାଗ ଭୁଶୁଡ଼ିଥିବାବେଳେ ଆଗକୁ ବିପଦ ଘଟିବା ଆଶଙ୍କାରେ ଅବଶିଷ୍ଟ ଅଂଶକୁ ଜିଲା ପ୍ରଶାସନ ଭାଙ୍ଗିଦେଇଛି। ସ୍କୁଲ୍ ପିଲାଙ୍କ ମୃତ୍ୟୁ ଘଟଣାରେ ଲୋକ ସଭା ବାଚସ୍ପତି ତଥା କୋଟା ଏମ୍‌ପି ଓମ୍ ବିର୍ଲା ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଆହତ ପିଲାମାନଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ୩୩ ଏମ୍‌ଓୟୁ...

କରିବା ଦିଗରେ ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଘରୋଇ ନିବେଶର ୪୦% ଓଡ଼ିଶାକୁ ଆସିଛି। କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଓଡ଼ିଶା ଟେକ୍ସ ୨୦୨୫ ଓଡ଼ିଶାର ବୟନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ କରୁଛି। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି, ଆମର ପ୍ରତିବଦ୍ଧତା ହେଉଛି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁଦୃଢ଼ କରିବା ସହ ଆଧୁନିକ ବୟନ ନିବେଶକୁ ଦ୍ୱିଗୁଣିତ କରିବା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ଦେଶର କୋଣ ଅନୁକୋଣରୁ ଆସିଥିବା ଟେକ୍ସଟାଇଲ ଉଦ୍ୟୋଗୀ ଏବଂ ଶିଳ୍ପପତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସଚିବ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଛନ୍ତି।

## ଡେପୁଟି ରେଞ୍ଜରଙ୍କ ...

ଟିମ୍ ରାମଚନ୍ଦ୍ରଙ୍କ ବହୁ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ରାମଚନ୍ଦ୍ରଙ୍କ କୋରାପୁଟ ଜିଲା ଜୟପୁର ଟାଉନ ପିଆର୍ ପେଟା ଏନ୍‌କେଟି ରୋଡ୍‌ରେ ପ୍ରାୟ ୪ହଜାର ବର୍ଗଫୁଟ ଅଞ୍ଚଳରେ ଏକ ୩ ମହଲା କୋଠା ଠାବ ହୋଇଛି। ସେହିପରି ଭୁବନେଶ୍ୱର ରଘୁନାଥପୁର ଜାଲିରେ ଏକ ୩ ବିଏଚ୍‌କେ ଫ୍ଲାଟ୍ ଓ ଜୟପୁର ଟାଉନ ପିଆର୍ ପେଟାସ୍ଥିତ ଏକ ଆପାର୍ଟମେଣ୍ଟରେ ୨ଟି ୨ ବିଏଚ୍‌କେ ଫ୍ଲାଟ୍ ମିଳିଛି। ଘରୁ ମୋଟ ୧ କୋଟି ୪୩ ଲକ୍ଷ ୩୪ ହଜାର ଟଙ୍କା ଜବତ ହୋଇଛି। ଜୟପୁରସ୍ଥିତ ଫ୍ଲାଟ୍‌ର ସିକ୍ରେଟ୍ ଟ୍ରେଜେରିରୁ ୧ କୋଟି ୩୮ ଲକ୍ଷ ୯୦ ହଜାର ମିଳିଥିବା ବେଳେ ଜୟପୁର ଟାଉନସ୍ଥିତ ବାସଭବନରୁ ୪ ଲକ୍ଷ ୪୪ ହଜାର ଟଙ୍କା ମିଳିଛି। ସେହିପରି ଘରୁ ୧.୫ କେଜି ସୁନା ଓ ୪.୬୩୭ କେଜି ରୁପା ମିଳିଛି। ଏଥିରେ ୧୦ ଗ୍ରାମର ୧୬ଟି ସୁନା ବିସ୍କୁଟ, ଏକାଧିକ ସୁନା କଏନ୍ ଓ ବିଭିନ୍ନ ଅଳଙ୍କାର ରହିଛି। ଜୟପୁର ଟାଉନ୍‌ରେ ଦୁଇଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ତେବେ ରାମଚନ୍ଦ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୪ଟି ବ୍ୟାଙ୍କରେ ୧୦ ଆକାଉଣ୍ଟ ଥିବା ବେଳେ ଏସବୁରେ ୧ କୋଟି ୩୨ ଲକ୍ଷ ୧୯ ହଜାର ୭୩୦ ଟଙ୍କା ଓ ଜୀବନବୀମା ଜମା ୬୬ ହଜାର ରହିଛି। ରାମଚନ୍ଦ୍ରଙ୍କ ଘରୁ ଦୁଇଟି ଚାରିଚକିଆ ଯାନ (କିଆ କାରେନ୍ସ ଓ ଟାଟା ଏସିଇ) ଓ ୩ଟି ଦୁଇ ଚକିଆ ଯାନ ଠାବ ହୋଇଛି। ସେହିପରି ୧୫.୫୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମଧ୍ୟ ଠାବ ହୋଇଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଚାଲିଥିବା ଏହି ଚଢ଼ାଉ ଓ ଯାଞ୍ଚରେ ଭିଜିଲାନ୍ସର ୬ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୯ ଜଣ ଏସ୍‌ଆଇ/ଏଏସ୍‌ଆଇ ଓ ଅନ୍ୟ ସହାୟକ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଯାଞ୍ଚ ଜାରି ରହିଥିବାରୁ ରାମଚନ୍ଦ୍ରଙ୍କ ଆହୁରି ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବନୀକରଣ ଏବଂ ବୃକ୍ଷରୋପଣରେ ଦୁର୍ନୀତି କରି ରାମଚନ୍ଦ୍ର ଏହି ବେଆଇନ ସମ୍ପତ୍ତିର ସାମ୍ରାଜ୍ୟ ଛିଡ଼ା କରିଥିବା ଭିଜିଲାନ୍ସରେ ଚର୍ଚ୍ଚା ହେଉଛି।



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଚାଷୀମାନଙ୍କ ସହ ବ୍ଲକ କୃଷି ଅଧିକାରୀ ଧାନ ତଳି ରୋଉଛନ୍ତି।

# ଚାଷୀଙ୍କ ସହ ଧାନତଳି ରୋଇଲେ ବ୍ଲକ୍ କୃଷି ଅଧିକାରୀ

ଆଠମଲ୍ଲିକ,୨୫।୭
(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତ ଦେଉଳବେଡ଼ା ଗ୍ରାମରେ ଧାଡ଼ି ଧାନ ତଳି ରୋଇବା ଓ ହସନ୍ତ ବିହନ ଚାଷ କରିବା ଉପରେ ଚାଷୀମାନଙ୍କୁ କୃଷି ବିଭାଗ ତରଫରୁ ସଚେତନ କରାଯାଇଛି। ଏହି ସଚେତନା କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ସାମିଲ ହେବା ସହିତ ଚାଷୀମାନଙ୍କ ସହ ମିଶି ବିଲରେ ଧାନ ତଳି ରୋଇଛନ୍ତି। ଧାଡ଼ି ତଳି ରୋଇବା ଦ୍ୱାରା ଗଛରେ ଅଧିକ ପିଲ ହେବା ସହିତ ରୋଗ ଓ ପୋକ ଲାଗିବା ସମ୍ଭାବନା ହ୍ରାସ ପାଇଥାଏ। ଏଥିସହ ଅଧିକ ଅମଳ ପାଇ ଚାଷୀ ଲାଭବାନ ହୋଇଥାଏ ବୋଲି ବ୍ଲକ କୃଷି ଅଧିକାରୀ ଚାଷୀଙ୍କୁ ସଚେତନ କରାଇଥିଲେ। କୃଷି ଅଧିକାରୀ ବାରିକଙ୍କ କୃଷି ସମ୍ବନ୍ଧୀୟ ଉପଦେଶରେ ପ୍ରଭାବିତ ହୋଇ ଚାଷୀ କୁମୁଦିନୀ ପ୍ରଧାନ, ତ୍ରିନାଥ ପ୍ରଧାନ, ସୁଜିତ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ହସନ୍ତ ବିହନ ନେଇ ଧାଡ଼ି ତଳି ରୁଆ କରିଥିଲେ। ଏହି ବିହନ ସରକାରଙ୍କ ତରଫରୁ ମାଗଣାରେ ଯୋଗାଇ ଦିଆଯାଉଥିବା ବେଳେ ଅଣୁସାର, ଘାସମରା, ପୋକମରା ଔଷଧରେ ଖର୍ଚ୍ଚ ହୋଇଥିବା ଅର୍ଥ ପର ମୁହୂର୍ତ୍ତରେ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ଯୋଗାଇ ଦିଆଯିବ ବୋଲି କୃଷି ଅଧିକାରୀ ପ୍ରକାଶ କରିଥିଲେ।

# ଓଏଏସ୍ ଅଧିକାରୀସ୍ତରରେ ବ୍ୟାପକ ଅଦଳବଦଳ

ଭୁବନେଶ୍ୱର,୨୫।୭
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ବଡ଼ ଧରଣର ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ଶିବୋ ନାରାୟଣ ସାହୁଙ୍କୁ ଉକ୍ତ କାର୍ଯ୍ୟାଳୟରେ ଉପ ମହାନିର୍ଦ୍ଦେଶକ(ପ୍ରଶାସନ) ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସୁଧାକର ଶବରଙ୍କୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ସୁଷମା ବାରିକଙ୍କୁ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।

ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ରାଉତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରଭାତ କୁମାର ମହାପାତ୍ରଙ୍କୁ ଓଏସ୍‌ସିଏସ୍‌ସି ଲିମିଟେଡ୍‌ର ମହାପ୍ରବନ୍ଧକ, ରବୀନ୍ଦ୍ର କୁମାର ସେଠୀଙ୍କୁ କେବିକେ ଯୁଗ୍ମ ପ୍ରଶାସକ, ବବିତାରାଣୀ ଦଳବେହେରାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ, ଧରିତ୍ରୀ ମିଶ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ସଚିବ, ସଞ୍ଜୟ କୁମାର ପ୍ରତିହାରୀଙ୍କୁ ଅତିରିକ୍ତ ଜେଲ ଆଇଜି ଭାବେ ଜେଲ ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି। ସେହିପରି ସୂର୍ଯ୍ୟସ୍ମିତା ସାହୁଙ୍କୁ ବୟନିକା ଜେନେରାଲ ମ୍ୟାନେଜର ତଥା ସଚିବ ଭାବରେ ନିଯୁକ୍ତ କରାଯାଇଥିବା ବେଳେ ତରଣୀ ସୁନାଙ୍କୁ ବଲାଙ୍ଗୀର ଜିଲାପରିଷଦ ସିଡିଓ ତଥା ଇଓ ଭାବେ, ନୂପୁର ଚାନ୍ଦଗୋଟିଆଙ୍କୁ ପୂର୍ତ୍ତ ବିଭାଗ ଉପସଚିବ, ଶରତ ମାଝୀଙ୍କୁ ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ, ମୋନାଲିସା ପଣ୍ଡାଙ୍କୁ ଅନୁସୂଚିତ ଜାତି, ଜନଜାତି ବିଭାଗ ଉପସଚିବ, ଶ୍ୟାମଲ କୁମାର ରାୟଙ୍କୁ ଓରେରାର ଉପସଚିବ, କ୍ଷୀତିଶ ବେହେରାଙ୍କୁ ଯାଜପୁରସ୍ଥିତ ସରକାରୀ ମେଡିକାଲ କଲେଜ(ଏମଜେକେ)ର ପ୍ରଶାସନିକ ଅଧିକାରୀ ଏବଂ ଜୟଦେବ ଦାସଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ପଦ୍ମନାଭ ସାମନ୍ତରାୟଙ୍କୁ ଟିଟିଲାଗଡ଼ ଉପଜିଲାପାଳ ଭାବେ ଏବଂ କୋମନା ବିଡିଓ ବିନୟ କୁମାର ଭୋଇଙ୍କୁ ବୌଦ୍ଧ ଉପଜିଲାପାଳ ଭାବେ ବଦଳି କରାଯାଇଛି।

ସେହିପରି ଅନ୍ୟ ଏକ ବଦଳି ନିର୍ଦ୍ଦେଶନାମାରେ ଉପଜିଲାପାଳ ସୁନ୍ଦରଗଡ଼ ଦାଶରଥି ସରବୋଙ୍କୁ ବ୍ରହ୍ମପୁର ଆର୍‌ଆଇସି ରେଜିଓନାଲ ମ୍ୟାନେଜର ଓ ସୁରଜ କୁମାର ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଏଡିଏମ୍ ଏବଂ ଚାର୍ଲେସ ନାୟକଙ୍କୁ ବାଲେଶ୍ୱର ଉପଜିଲାପାଳ ଭଳି ୧୦ଜଣ ଅଧିକାରୀଙ୍କୁ ବଦଳି କରାଯାଇଛି।

# ବିକଶିତ ହେବ ବାରିପଦା ସହର

ଭୁବନେଶ୍ୱର(ବନ୍ଦନା ସେଠୀ)/ବାରିପଦା
(ନୀଳାଦ୍ରି ବିହାରୀ ଦଣ୍ଡପାଟ),୨୫।୭

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦା ସହରର ବିକାଶ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକ ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ସହରର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବାରିପଦା ସହର ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ବ୍ୟାରେଜ ନିର୍ମାଣ, ଉନ୍ନତ ସ୍ୱେରେଜ ସିଷ୍ଟମ ସହିତ ରିଙ୍ଗ ରୋଡ୍ ନିର୍ମାଣ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ଓ ନୂତନ ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣକୁ ନେଇ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ।

ପଞ୍ଚାୟତିରାଜ ଓ ପୂର୍ତ୍ତ ବିଭାଗର ସଚିବ, ଏନ୍‌ଏଚ୍‌ଏଆଇ ସଚିବ ଓ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରାଯାଇଥିଲା। ଏ ନେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ରେଲୱେର ଓଭରବ୍ରିଜ ସହିତ ବାଇପାସ ରାସ୍ତା ନିର୍ମାଣ କରାଯିବ। ଫଳରେ ବାରିପଦା ସହର କଳେବର ବୃଦ୍ଧିପାଇବା ସହ ଅଞ୍ଚଳର ବିକାଶ ହୋଇପାରିବ। ସେହିପରି ଜରାଳୀ ଓ ସରାଳୀ ନଦୀର ନବୀକରଣ, ବାରିପଦା ଟାଉନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ସହ ୫ଏକର ପରିମିତ ଜମିରେ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ସମେତ ସମସ୍ତ ବିଭାଗର କାର୍ଯ୍ୟାଳୟ ଖୋଲାଯିବ। ଯାହା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଗୋଟିଏ ସ୍ଥାନରୁ କାର୍ଯ୍ୟ କରିବାର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ଏକ ଯୁଗ୍ମ ଟେକ୍ନିକାଲ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବାରିପଦା ସହର ପାଇଁ ଏକ ସମ୍ପୂର୍ଣ୍ଣ ମାଷ୍ଟର ପ୍ଲାନ ପ୍ରସ୍ତୁତିରେ ସହାୟକ ହେବ। ଏହି କମିଟି ଭୂ-ଉପଯୋଗ, ଭୌଗୋଳିକ ତଥ୍ୟ, ବିଭିନ୍ନ ଢାଞ୍ଚାର ଅବସ୍ଥାପନା ଏବଂ ସାଧାରଣ ଅଭିଳାଷା ସହ ରାଜ୍ୟ ଯୋଜନାର ସମନ୍ୱୟ କରି ଭବିଷ୍ୟତ ନକ୍ସା ପ୍ରସ୍ତୁତ କରିବ।

# ଉମା କାଞ୍ଜିଲାଲ ଇଗ୍ନୁର ପ୍ରଥମ ମହିଳା କୁଳପତି



ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ପ୍ରଥମ ମହିଳା କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ ବିଗତ ପ୍ରାୟ ଏକବର୍ଷ ଧରି ଇଗ୍ନୁର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ମାର୍ଚ୍ଚ ୨୦୨୧ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ଇଗ୍ନୁର ପ୍ରୋ-କୁଳପତି ଥିଲେ। ପ୍ରଫେସର କାଞ୍ଜିଲାଲ ଏହା ପୂର୍ବରୁ ଇଗ୍ନୋର ଅନ୍‌ଲାଇନ ଶିକ୍ଷା କେନ୍ଦ୍ର ଏବଂ ସାମାଜିକ ବିଜ୍ଞାନ ବିଦ୍ୟାପୀଠର ନିର୍ଦ୍ଦେଶିକା ମଧ୍ୟ ରହିଛନ୍ତି ବୋଲି ଇଗ୍ନୁ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ହାଇଦ୍ରାବାଦ: ଆପାର୍ଟମେଣ୍ଟରୁ ଡେଇଁ ଓଡ଼ିଆ ଛାତ୍ରୀଙ୍କ ଆତ୍ମହତ୍ୟା

## ବିଦ୍ୟାଳୟ କର୍ତ୍ତୃପକ୍ଷ ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲେ

ଭଞ୍ଜନଗର,୨୫।୭(ବାବୁଲା ପ୍ରଧାନ)

ହାଇଦ୍ରାବାଦର ମୀରାପୁର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଓଡ଼ିଆ ମେଧାବୀ ଛାତ୍ରୀ ଗୁରୁବାର ପରିବାର ସହ ରହୁଥିବା ଆପାର୍ଟମେଣ୍ଟର ୫ମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିମାସରେ ମାଟ୍ରିକ ପରୀକ୍ଷା ପାଇଁ ବିଦ୍ୟାଳୟରେ ହେଉଥିବା ପରୀକ୍ଷା ଦେବାରୁ ଛାତ୍ରୀଙ୍କୁ ବଞ୍ଚିତ କରିବା ଯୋଗୁ ଏଥିରେ ମର୍ମାହତ ହୋଇ ସେ ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ପରିବାର ଅଭିଯୋଗ କରିଛନ୍ତି। ମୃତା ଛାତ୍ରୀଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗାଲେରୀ ଗ୍ରାମରେ। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ ଏବଂ ଛାତ୍ରୀଙ୍କ ଅଭିଭାବକଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଆଲୋଚନା ପରେ ଛାତ୍ରୀଙ୍କ ମୃତଦେହ ଅନ୍ତିମ ସତ୍କାର କରାଯିବାକୁ ସ୍ଥିର ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଆପାର୍ଟମେଣ୍ଟରେ ପହଞ୍ଚିଛି।



ଛାତ୍ରୀଙ୍କ ପରିବାର ରହୁଥିବା ଆପାର୍ଟମେଣ୍ଟ।

ଘଟଣାରୁ ପ୍ରକାଶ, ସମ୍ପୃକ୍ତ ଛାତ୍ରୀ ଜଣକ ଜଣେ ମେଧାବୀ ଥିଲେ। ସେ ନବମ ଶ୍ରେଣୀରେ ୯୮ ପ୍ରତିଶତ ମାର୍କ ରଖି ପାସ୍ କରିଥିଲେ। ବର୍ତ୍ତମାନ ସେ ଦଶମ ଶ୍ରେଣୀରେ ପଢୁଛନ୍ତି। ଗୁରୁବାର ବିଦ୍ୟାଳୟର ଦଶମ ଶ୍ରେଣୀ ପାଇଁ ମାସିକ ପରୀକ୍ଷା ହେଉଥିଲା। ମାତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀ ଜଣଙ୍କୁ କେତେକ କାରଣ ଦର୍ଶାଇ ପରୀକ୍ଷା ହଲ୍‌କୁ ଛାଡ଼ି ନ ଥିଲେ। ଏହାକୁ ନେଇ ଛାତ୍ରୀ ଜଣକ ଅପମାନିତ ମନେକରିଥିଲେ। ପରେ ଘରକୁ ଆସି ସେ ବାପାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ମୋର ଏହି ବର୍ଷ ମାଟ୍ରିକ ପରୀକ୍ଷା। ମୋତେ ପରୀକ୍ଷା ହଲ୍‌କୁ ଯିବାକୁ ସ୍କୁଲ କର୍ତ୍ତୃପକ୍ଷ ଦେଲେ ନାହିଁ। ମୋ ଭବିଷ୍ୟତ କ'ଣ ହେବ ବୋଲି ଛାତ୍ରୀ ଜଣକ ବାପାଙ୍କୁ କହିଥିଲେ। ବାପା ତାଙ୍କୁ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇ ମୁଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ କଥା ହେବି ବୋଲି କହିଥିଲେ। ଏହାର କିଛି ସମୟ ପରେ ଗୁରୁବାର ଅପରାହ୍ନ ୧ଟାରେ ସେମାନେ ରହୁଥିବା ଘରର ଛାତରୁ ଡେଇଁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିଲେ। ତାଙ୍କ ଆତ୍ମହତ୍ୟା ଖବର ଏଠାରେ ପହଞ୍ଚିବା ପରେ ଭଞ୍ଜନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ହେଲେ ଯଜ୍ଞେଶ୍ୱର ଦଣ୍ଡପାଟ

ଭୁବନେଶ୍ୱର,୨୫।୭(ସୁଚିସ୍ମିତା ସାହୁ)



ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ନିଯୁକ୍ତି ଦିଆଯାଇଛି। ରାଜଭବନ ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ନିର୍ଦ୍ଦେଶନାମା ଅନୁସାରେ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ କାର୍ଯ୍ୟ କରିବେ। ଗତ ମେ ୨୩ରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାପରେ ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗ ମୁଖ୍ୟ ଥିବା ପ୍ରଫେସର ଦଣ୍ଡପାଟ ମେ ୨୭ରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଦାୟିତ୍ୱ ନେଇଥିଲେ। ହେଲେ ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ବ୍ୟବସ୍ଥାର ଉଲ୍ଲଂଘନ କରି କୁଳାଧିପତି ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଦଣ୍ଡପାଟଙ୍କୁ ନିଯୁକ୍ତି ଦେଇଥିବା ଅଭିଯୋଗ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ମୁଖ୍ୟ ବିଚାର ପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର କରି ନିକଟରେ ନିଯୁକ୍ତିକୁ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ, ପ୍ରଫେସର ଦଣ୍ଡପାଟ ୨୦୦୨ରୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଛନ୍ତି। ୨୦୧୦ରୁ ସେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ତାଙ୍କର ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ଅଭିଜ୍ଞତା ଓ ଦକ୍ଷତା ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
DRIVER
(PERSONAL)
At - Phulanakhara, Cuttack
Khaiba + Rahiba Free
Salary : 12500/-
MOB : 7809525452

WANTED
ଭୁବନେଶ୍ୱରରେ ଏକ ଘରୋଇ Car/School Bus ଚଳାଇବାପାଇଁ ଅଭିଜ୍ଞ, ଶିକ୍ଷିତ ଡ୍ରାଇଭର ଆବଶ୍ୟକ।
- ଯୋଗାଯୋଗ -
9861326975 / 9853538772

Requirement
Sales Manager-2 nos.
2 year Exp. in Solar Sector
Salary -22k to 28k+ Incentive
Sales Executive -5 nos. (M&F)
Min. 2 year Exp. in Sales.
Salary-15k to 18k + Incentive
Interview Date - 28/07/2025 (MONDAY)
Contact No- 9124614403.
Saura SHAKTI ENTERPRISE Private Limited
SAURASHAKTI ENTERPRISES PRIVATE LIMITED
ID Market, Nayapalli, Bhubaneswar.

We're HIRING
BUSINESS DEVELOPMENT MANAGER
& BUSINESS DEVELOPMENT EXECUTIVE (MALE)
- COMPANY -
SST DEVELOPERS
A Leading Real Estate Company
Location : Flat No. 2001, 2nd Floor, Laxmi Priya Twin City, Pahal, Bhubaneswar
Age : 30 to 35 years / Qualification : MBA in Marketing
Experience : Minimum 5 years in real estate or relevant field
Salary : ₹ 20,000 to ₹ 30,000 per month
(Based on experience & performance)
INTERESTED CANDIDATES CAN CALL : 9777699900

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ସାମଗ୍ରୀ ଜବତ

ନୂଆପଡ଼ା,୨୫।୭(ମକାରୁ ବେମାଲ)

ନୂଆପଡ଼ା ଜିଲା ବୋଡେନ ଥାନା କାଠଫାର-ଛତାପାଣି ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଛି ବୋଲି ଗୋଇନ୍ଦା ସୂତ୍ରରୁ ଜିଲା ପୋଲିସକୁ ଖବର ମିଳିଥିଲା। ତଦନୁଯାୟୀ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡି ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ସକାଳେ ଗର୍ଜନପାଣି କ୍ୟାମ୍ପରେ କାର୍ଯ୍ୟରତ ଡିଭିଏଫ୍ ଓ ଡି/୧୯ ସିଆର୍‌ପିଏଫ୍ ଯବାନ ସୀମାନ୍ତ କାଠଫାର-ଛତାପାଣି ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଏହା ଜାଣିପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ସେଠାରୁ ବିସ୍ଫୋରକ ସହ ବିପୁଳ ପରିମାଣ ମାଓ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ,୨୪ ରାଉଣ୍ଡର ୨ଟି ଦେଶୀ ବନ୍ଧୁକ, ୧୦ଟି ଜିଲାଟିନ ଷ୍ଟିକ, ୩ ଡେଟୋନେଟର, ୫୦ ଗ୍ରାମ ବାରୁଦ ପାଉଡର,୨ଟି ସୋଲାର ପ୍ଲେଟ, ୱାକିଟକି ଚାର୍ଜର, ମୋବାଇଲ ଚାର୍ଜର, ବିଦ୍ୟୁତ ତାର, ମାରଣାସ୍ତ୍ର, ଛୁରି ଆଦି ରହିଛି। ସୂଚନାଯୋଗ୍ୟ ଗତ ୮ ତାରିଖରେ ଛତିଶଗଡ ସୀମାନ୍ତ ସିନାପାଲି ଥାନା ଖାରବନ୍ଧ ଗାଁ ନିକଟ ନାରାୟଣ ଡୋଙ୍ଗରୀ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଯବାନମାନେ କୋମ୍ବିଂ ଅପରେଶନ ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରି ବିପୁଳ ପରିମାଣ ସାମଗ୍ରୀ ଜବତ କରିଥିଲେ। ମାସକରେ ଏହା ଦ୍ୱିତୀୟ ଘଟଣା ହୋଇଥିବାରୁ ସୀମାନ୍ତ ଜଙ୍ଗଲରେ ମାଓବାଦୀମାନେ ଡେରା ପକାଇ ବଡଧରଣର ଅଘଟଣ ଘଟାଇବା ଯୋଜନା କରୁଥିବା ପୋଲିସ ସନ୍ଦେହ କରୁଛି। ମାଓବାଦୀ ଦମନ ପାଇଁ କୋମ୍ବିଂ ଅପରେଶନକୁ ଜୋରଦାର କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।



ଜବତ ମାଓବାଦୀ ସାମଗ୍ରୀ।

# ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି



## କାର୍‌ଗିଲ ବିଜୟ ଦିବସ

ଭାରତୀୟ ସାମରିକ ଇତିହାସର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧ ବିଜୟ ଭାବେ କାର୍‌ଗିଲ ବିଜୟ ପରିଗଣିତ। ୧୯୯୯ରେ ଏହି ଯୁଦ୍ଧର ବିଜୟକୁ ସ୍ମରଣୀୟ କରାଇବା ଲାଗି ପ୍ରତିବର୍ଷ ଜୁଲାଇ ୨୬ରେ ପାଳିତ ହେଉଛି କାର୍‌ଗିଲ ବିଜୟ ଦିବସ। ଏହି ଦିବସଟି ଭାରତୀୟ ସୈନିକଙ୍କ ଅତୁଳନୀୟ ସାହସ ଏବଂ ବଳିଦାନ ପ୍ରତି ଏକ ଗଭୀର ଶ୍ରଦ୍ଧାଞ୍ଜଳି।

୧୯୯୯ରେ ପାକିସ୍ତାନୀ ସେନା କାର୍‌ଗିଲ ସେକ୍ଟରର ନିୟନ୍ତ୍ରଣ ରେଖା ଡେଇଁ ଭାରତରେ ଅନୁପ୍ରବେଶ କରିଥିଲା। ଏହା ମେ' ମାସରେ ଜଣାପଡ଼ିବା ପରେ ଆରମ୍ଭ ହୋଇଥିଲା ଯୁଦ୍ଧ। 'ଅପରେଶନ ବିଜୟ' ନାମରେ ପ୍ରାୟ ଦୁଇ ମାସ ଧରି ଯୁଦ୍ଧ ଚାଲିଥିଲା। ଭାରତୀୟ ସେନା ସେମାନଙ୍କ ବୀରତ୍ୱର ପରିଚୟ ଦେଇ ଆମ ଦେଶ ସୀମାରୁ ପାକିସ୍ତାନୀ ସେନାକୁ ଘଉଡ଼ାଇ ଟାଇଗର ହିଲ୍ ଏବଂ ଟୋଲୋଲିଂ ଭଳି ପ୍ରମୁଖ ଶିଖରଗୁଡ଼ିକୁ ପୁନର୍ବାର ନିଜ ଅକ୍ତିଆରକୁ ଆଣିଥିଲା। ଏଥିସହ ସେହି ବର୍ଷ ୨୬ ଜୁଲାଇରେ ବିଜୟ ଘୋଷଣା କରାଯାଇଥିଲା, ଯାହା ଜାତୀୟ ସାର୍ବଭୌମତ୍ୱକୁ ପୁନଃ ସ୍ଥାପିତ କରିଥିଲା। କ୍ୟାପଟେନ୍ ବିକ୍ରମ ବାତ୍ରା (ପରମବୀର ଚକ୍ର)ଙ୍କ ଭଳି ଯୋଦ୍ଧାଙ୍କ ସମେତ ୫୦୦ରୁ ଅଧିକ ଭାରତୀୟ ସୈନ୍ୟ ଦେଶ ପାଇଁ ବଳିଦାନ ଦେଇଥିଲେ।

ଭାରତୀୟ ବାୟୁ ସେନା
ଅଭିଜିତ ହୁଅନ୍ତୁ ...
ହୁଅନ୍ତୁ ଅଗ୍ନିବୀରବାୟୁ
(ଇଣ୍ଟେକ୍ 02/2026)
DSPL-184
02 ଜୁଲାଇ 2005 ରୁ 02 ଜାନୁଆରୀ 2009 ମଧ୍ୟରେ ଜନ୍ମିତ (ଉଭୟ ତାରିଖ ଅନ୍ତର୍ଭୁକ୍ତ) ଯୋଗ୍ୟ ଅବିବାହିତ ଭାରତୀୟ ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆହ୍ୱାନ।
ଅନଲାଇନ୍ ପରୀକ୍ଷା:
25 ସେପ୍ଟେମ୍ବର 2025 ରୁ ଆରମ୍ଭ
ଅନଲାଇନ୍ ରେଜିଷ୍ଟ୍ରେସନ୍:
11 ଜୁଲାଇ 2025 ରୁ
31 ଜୁଲାଇ 2025 ପର୍ଯ୍ୟନ୍ତ
DETAILED NOTIFICATION
ଅନଲାଇନ୍ ପଞ୍ଜୀକରଣ:
https://agnipathvayu.cdac.in/
OIPR-12001/13/0014/2526

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର । ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର । ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭବ । -ଶ୍ରୀମା

-ଦ୍ୱିତୀୟାରେ ଚନ୍ଦ୍ର ଦର୍ଶନ



# ହନିଟ୍ରାପ ଭୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଯଦି ଆପଣଙ୍କ ପାସ୍‌ୱାର୍ଡ ଏବେଯାଏ '୧୨୩୪' ଅଛି ଏବଂ ଭାବୁଛ ଯେ ବିଳାସମୟ ହୋଟେଲ ରୁମ୍ ତୁମ ପାଇଁ ସୁରକ୍ଷିତ, ତେବେ ତୁମେ ଡିଜିଟାଲ ଯୁଗ ଲାଗି ଅଯୋଗ୍ୟ ବୋଲି ବୁଝାପଡୁଛି। ମହାରାଷ୍ଟ୍ରରେ ହନିଟ୍ରାପ୍‌ରେ ଫସିଥିବା ବ୍ୟକ୍ତିଙ୍କ ସଂଖ୍ୟା ଯାହା ଜଣାପଡ଼ିଛି ତାହା ବିଶ୍ୱାସ କରିହେଉନାହିଁ। ଆଇଏଏସ୍, ଆଇପିଏସ୍, ଏପରି କି ମନ୍ତ୍ରୀଙ୍କ ସମେତ ଅତିକମ୍‌ରେ ୭୨ ଜଣ ହୋଟେଲକୁ ଯାଇ ଆକର୍ଷଣରେ ମୋହିତ ହୋଇଥିବା କୁହାଯାଉଛି। ଗୁପ୍ତ କ୍ୟାମେରା ସେମାନଙ୍କ ବ୍ୟକ୍ତିଗତ ଘଟଣାଗୁଡ଼ିକୁ ରେକର୍ଡିଂ କରିଥିବା ସେମାନେ ଜାଣିବାକୁ ପାଇଛନ୍ତି। କୁହାଯାଉଛି, ସୁନ୍ଦରୀ ଯୁବତୀ ଏବଂ ସୁସଜ୍ଜିତ ହୋଟେଲଗୁଡ଼ିକ ନିରୀକ୍ଷଣ ବଳୟରେ ଥିଲେ। କେତେକ ଅଧିକାରୀ ଘଟଣାକୁ ଚପାଇଦେବା ଲାଗି ୩ କୋଟି ଟଙ୍କା ଦେଇଥିବା ବିଶ୍ୱାସ କରାଯାଉଛି। ଠାଣେରୁ ଏବେ ଜଣେ ମହିଳା ଗିରଫ ହେବା କଥା ସାମ୍ନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଓ ବିରୋଧୀ ଦଳ ନେତା ନାନା ପାଟୋଲେ ଏହି ଘଟଣାରେ ମୁହଁ ଖୋଲିଛନ୍ତି। କିନ୍ତୁ ଏହି କେଳେଙ୍କାରୀରେ ଅଧିକ ଖୋଳତାଡ଼ ଦରକାର। ଏହା କେବଳ ବ୍ୟକ୍ତିଗତ ଆଚରଣର ବିଷୟ ନୁହେଁ, ବରଂ ଏହା ଶାସନର ସର୍ବୋଚ୍ଚ ସ୍ତରରେ ଥିବା ଦୁର୍ବଳତାକୁ ପ୍ରତିପାଦିତ କରୁଛି। ଅଧିକାରୀଙ୍କ ପାଖରେ ସମ୍ବେଦନଶୀଳ ତଥ୍ୟ ଥିଲେ ମଧ୍ୟ ସେମାନେ ଭାବନାକୁ ନିୟନ୍ତ୍ରଣ କରି ନ ପାରି ଯନ୍ତାରେ ପଡ଼ିଛନ୍ତି। ଏଭଳି ଘଟଣା ହେଉଛି ଜାତୀୟ ସୁରକ୍ଷା ପାଇଁ ସମସ୍ୟା। ତା'ଠାରୁ ବଡ଼ ସମସ୍ୟା ହେଉଛି, କୌଣସି ଅଧିକାରୀ ସାମ୍ନାକୁ ଆସିନାହାନ୍ତି କିମ୍ବା ମୁହଁ ଖୋଲୁନାହାନ୍ତି । ଏଭଳି ନୀରବତା ବିପଜ୍ଜନକ। ଯଦି ସରକାରୀ ଚାକିରିଆମାନେ ଏଭଳି ଭୁଲ୍ କାମରେ ପଦବୀ ଓ ପ୍ରୋଟୋକଲକୁ ଢାଲ କରି ସୁରକ୍ଷିତ ରହିପାରୁଛନ୍ତି, ସେଠାରେ କ'ଣ ସବୁ ଗୁପ୍ତ ରଖାଯାଉଛି, ତାହା କିଏ କହିବ ?

### ପଦବୀ ଖାଲିପଡ଼ିଛି

ଟ୍ରିଲିୟନ ଡଲାର ସ୍ୱପ୍ନ ପଛରେ ଧାଉଁଥିବା ଏକ ଦେଶରେ ପ୍ରମୁଖ ସଂସ୍ଥାଗୁଡ଼ିକ ଅଜବ ଢଙ୍ଗରେ ଆରାମରେ ଚାଲିଥିବା ଦେଖିବାକୁ ପାଉଛୁ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କଥା ବିଚାର କରାଯାଉ। ଏବେ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ପରିଚାଳନା ନିର୍ଦ୍ଦେଶକ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି ଅଣଆଧିକାରିକ ନିର୍ଦ୍ଦେଶକ ପର୍ଯ୍ୟନ୍ତ ବୋର୍ଡ ସ୍ତରରେ ୭୦ଟିରୁ ଅଧିକ ପଦବୀ ଖାଲିପଡ଼ିଛି। ଏହା ଶାସନ ବା ପରିଚାଳନାର ଅଭାବକୁ ଦର୍ଶାଉଛି। ସଂସ୍ଥା ପ୍ରତି ଥିବା ବିପଦ ଦୂର କରିବା ଲାଗି ନିଆଯାଉଥିବା ପଦକ୍ଷେପ, ଋଣ ପ୍ରବାହ ଓ ରଣନୀତିକ ନୀତି ନିର୍ଦ୍ଧାରଣ କ୍ଷେତ୍ରକୁ ଏହା ପ୍ରଭାବିତ କରୁଛି। ଯେପରି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏକ ମାସରୁ ଅଧିକ ସମୟ ଧରି ଜଣେ ପରିଚାଳନା ନିର୍ଦ୍ଦେଶକ କିମ୍ବା ସିଇଓ ନ ରହିଲେ ସାମଗ୍ରିକ ଭାବେ ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୁଏ। କେବଳ ବ୍ୟାଙ୍କଗୁଡ଼ିକ ନୁହନ୍ତି, କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଶକ୍ତି (ଏନ୍‌ଟିପିସି,ଆଇଓସିଏଲ) ଓ ଭିତ୍ତିଭୂମି (ଏସ୍‌ଏଆଇଏଲ୍ , ବିଏଚ୍‌ଇଏଲ୍, ଆଇଆର୍‌ସିଓଏନ୍) ସମେତ କେତେକ ଶିଳ୍ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ସ୍ତରୀୟ ପଦବୀ ଖାଲିପଡ଼ିଛି। ପଦବୀ ସମ୍ପର୍କରେ ବିଜ୍ଞାପନ ଦିଆଯାଇଛି। ଚୟନ କମିଟି ମଧ୍ୟ ଗଠନ କରାଯାଇଛି । ତଥାପି ପଦବୀ ଖାଲି ହେବାଠାରୁ ପୂରଣ ହେବା ପର୍ଯ୍ୟନ୍ତ ଆବଶ୍ୟକ ପ୍ରକ୍ରିୟା ଶୀଘ୍ର ହେବା ବଦଳରେ ପୂରା ମନ୍ଥର ଗତିରେ ଚାଲୁଛି। ଏହି ପଦବୀଗୁଡ଼ିକୁ ପୂରଣ କରିବା ଗୁରୁତ୍ୱପୂର୍ଣ୍ଣ କାରଣ ଏଗୁଡ଼ିକ ଅଧୀନରେ ବହୁ କୋଟି ଟଙ୍କାର ପ୍ରୋଜେକ୍ଟ, କାର୍ଯ୍ୟ ଏବଂ ମହତ୍ତ୍ୱପୂର୍ଣ୍ଣ ଜାତୀୟ ସଂସାଧନ ରହିଛି। ଯେତେବେଳେ ଶୀର୍ଷ ସ୍ତରର ନେତୃତ୍ୱ ନ ଥା'ନ୍ତି କିମ୍ବା ଅବ୍ୟବସ୍ଥିତ ଥାଏ, ସେତେବେଳେ କାର୍ଯ୍ୟାନ୍ୱୟନ ପ୍ରଭାବିତ ହେବା ସ୍ୱାଭାବିକ।

### ଯୋଗ୍ୟ ଡିଜିପି

ଶୀର୍ଷ ପୋଲିସ ପଦବୀ ପାଇଁ ଅନେକ ମାସ ଛକାପଞ୍ଝା ପରେ ଚଣ୍ଡିଗଡ଼ ଶେଷରେ ଜଣେ ସ୍ଥାୟୀ ବା ପୂର୍ଣ୍ଣକାଳୀନ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପାଇଛି। ଏଜିଏମ୍‌ୟୁଟିର ୧୯୯୭ ବ୍ୟାଚ ଆଇପିଏସ୍ ସାଗର ପ୍ରୀତ୍ ହୁଦା ଏହି ଦାୟିତ୍ୱ ନେଇଛନ୍ତି। ଫଳରେ ଚଣ୍ଡିଗଡ଼ ପୋଲିସ ସ୍ଥାୟୀ ଅଧିକାରୀ ବଦଳରେ ଅନେକଙ୍କୁ ସାମୟିକ ଭାବେ କାମରେ ଲଗାଇବା ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପଞ୍ଜାବ ପୋଲିସ ଉପରେ ଲଗାଯାଇଥିବା ଏକ ଆକ୍ରମଣ ଅଭିଯୋଗ ଓ ଏସ୍‌ଆଇଟି ଯାଞ୍ଚକୁ ନେଇ ସୃଷ୍ଟି ହୋଇଥିବା ଅଶାନ୍ତ ସ୍ଥିତିରେ ହୁଦାଙ୍କ ନିଯୁକ୍ତି ନେତୃତ୍ୱ ସ୍ୱଚ୍ଛତା ଆଣିଛି। ସେ ଜରୁରୀ ଥିବା ନୂଆ ବିଷୟ ଆରମ୍ଭ କରିପାରିବେ। ତେବେ କେବଳ ବହୁଦିନ ଧରି ପଦବୀ ଖାଲି ପଡ଼ିଥିଲା ବୋଲି ତାଙ୍କୁ ନିଯୁକ୍ତ କରାଯାଇନାହିଁ, ବରଂ ତାଙ୍କ ଯୋଗ୍ୟତାକୁ ଦେଖି ଏହା କରାଯାଇଛି। ସେ ହାର୍ଭାର୍ଡ ଏଡ୍‌ୱାର୍ଡ ଏସ୍ ମାସନର ଜଣେ ଫେଲୋ, ସେ ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଓ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ିଛନ୍ତି। ଏହା ବ୍ୟତୀତ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ହାସଲ କରିଛନ୍ତି। ହୁଦାଙ୍କ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଏବଂ ଶିକ୍ଷାଗତ ଯୋଗ୍ୟତା ଅଛି। ଏବେ ଦିଲ୍ଲୀ ପୋଲିସର ଗୋଇନ୍ଦା ବିଭାଗକୁ ସଞ୍ଚାଳନ କରୁଛନ୍ତି। ତାଙ୍କ ପାଇଁ ଅଧିକ ଚାପ ଥିବା ପଦବୀ କିଛି ନୂଆ କଥା ନୁହେଁ। ଆଶା କରାଯାଉଛି, ହୁଦାଙ୍କର ଚଣ୍ଡିଗଡ଼ ସହ ସମ୍ପର୍କ ଓ ତାଙ୍କ ବିଚକ୍ଷଣ ବୁଦ୍ଧି ପୋଲିସ ବ୍ୟବସ୍ଥାକୁ ଠିକ୍ ବାଟରେ ନେବ ଓ ଅଧିକ ଦାୟିତ୍ୱସମ୍ପନ୍ନ ନେତୃତ୍ୱ ଯୋଗାଇବ। କାର୍ଯ୍ୟକାରୀ ଡିଜିପିମାନେ କାମ ଚଳାଇ ନେଇପାରନ୍ତି, କିନ୍ତୁ ଏକ ବାସ୍ତବ ନେତୃତ୍ୱର ବିକାଶ ଲକ୍ଷ୍ୟ ତଥା ଦୀର୍ଘମିଆଦୀ ଦୃଷ୍ଟିଭଙ୍ଗୀ ରହିଛି। ତେବେ ହୁଦାଙ୍କ ନିଯୁକ୍ତି ପରିବର୍ତ୍ତନର ଏକ ବଡ଼ ସଙ୍କେତ ହୋଇପାରିବ, ଯଦି ସେ ପୋଲିସ ବଳକୁ ନେତୃତ୍ୱ ଦେବା ପାଇଁ ସମୟ ଓ ସ୍ୱାଧୀନତା ପାଇବେ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 6 | | | | | | 3 |
| | 1 | | | 2 | 3 | | | |
| 4 | | 7 | | | | | 8 | |
| | 9 | | 5 | | | | 3 | 1 |
| | | 5 | | | 1 | | | |
| | | | 4 | | 2 | | | 9 |
| | | | | 6 | | 7 | 1 | |
| | | | 2 | | 4 | | | 5 |
| | | | 3 | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 8 | 1 | 7 | 3 | 2 | 9 |
| 7 | 3 | 1 | 5 | 2 | 9 | 6 | 8 | 4 |
| 8 | 2 | 9 | 4 | 6 | 3 | 7 | 5 | 1 |
| 3 | 4 | 6 | 1 | 7 | 5 | 2 | 9 | 8 |
| 9 | 5 | 7 | 2 | 8 | 4 | 1 | 3 | 6 |
| 1 | 8 | 2 | 9 | 3 | 6 | 4 | 7 | 5 |
| 6 | 1 | 8 | 3 | 5 | 2 | 9 | 4 | 7 |
| 2 | 7 | 4 | 6 | 9 | 8 | 5 | 1 | 3 |
| 5 | 9 | 3 | 7 | 4 | 1 | 8 | 6 | 2 |

ଗତକାଲିର ଉତ୍ତର

# ଦୁଃଖଦ ଶିରୋନାମା



ଡ. ସୁବାସ ଚନ୍ଦ୍ର ପାତ୍ର

ଦେଶ ସ୍ୱାଧୀନତାର ତିନିବର୍ଷ ପୂର୍ବରୁ (୧୯୪୪) ସ୍ଥାପିତ ଓ ଓଡ଼ିଆ ଭାଷାର ତ୍ରାଣକର୍ତ୍ତା ଫକୀରମୋହନଙ୍କ ନାମରେ ନାମିତ ଓଡ଼ିଶାର ଫକୀରମୋହନ ମହାବିଦ୍ୟାଳୟ (ଏବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ) ଆଜି ଭୁଲ୍ କାରଣ (ମାନସିକ ନିର୍ଯାତନା ପାଇଁ ଜଣେ ଛାତ୍ରୀଙ୍କ ଆତ୍ମାହୁତି) ପାଇଁ ଖବରକାଗଜର ଶିରୋନାମା ମଣ୍ଡନ କରୁଛି। ସ୍ୱୟଂ ଫକୀରମୋହନ ଓ ଆଦ୍ୟକାଳର ପ୍ରବାଦ ଶିକ୍ଷକଗଣ-ଯେଉଁମାନେ ଏହାର ମୂଳଦୁଆ ପକେଇଥିଲେ-କୁଞ୍ଜ ବିହାରୀ ଦାଶ, ତ୍ରିଲୋଚନ ମିଶ୍ର, ମନ୍ମଥ ନାଥ ଦାସ, ଶ୍ରୀରାମ ଚନ୍ଦ୍ର ଦାଶ, କ୍ଷେତ୍ରମୋହନ ପଟ୍ଟନାୟକ, ଜାନକୀ ବଲ୍ଲଭ ମହାନ୍ତି, ଭି.ଭି. ଜନ୍, ପି.ଏସ୍. ସୁନ୍ଦରମ୍ ପ୍ରମୁଖଙ୍କ ଆତ୍ମା ଆଜି ଆର୍ତ୍ତନାଦ କରୁଛି। ମାତ୍ର ଅନୁଷ୍ଠାନର ଗର୍ବ – ପଦ୍ମଭୂଷଣ ମନୋଜ ଦାସ, ପଦ୍ମଶ୍ରୀ ଅପୂର୍ବ କିଶୋର ବୀର, ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ, ପଦ୍ମଶ୍ରୀ ରାଧାମୋହନ, ଚିନ୍ତାମଣି ବେହେରା, ଗୋବିନ୍ଦ ସେନାପତି-ସ୍ୱର୍ଗ ବା କେହି କେହି ଏବେ ବି ମର୍ତ୍ତ୍ୟରେ ଥାଇ ମର୍ମାହତ। କ୍ଷେତ୍ରରେ ଘଟିଥିବା ଘଟଣାର ଅନୁସନ୍ଧାନ କରିବାକୁ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ପୋଲିସ ବିଭାଗ କାର୍ଯ୍ୟରତ। ମାତ୍ର ଏହି ଘଟଣା ଅନ୍ତରାଳରେ ଥିବା ବ୍ୟବସ୍ଥାଗତ ତ୍ରୁଟି ସର୍ବସମକ୍ଷରେ ଆଣିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ।

ପ୍ରଥମ କାରଣଟି ହେଲା ଉଚ୍ଚଶିକ୍ଷା ବ୍ୟବସ୍ଥାଟି କେବେ ବି ସରକାରୀ ପ୍ରାଧାନ୍ୟ ଲାଭ କରିପାରିନାହିଁ, ଯାହା ଏହାକୁ ମିଳିଥିବା ବଜେଟ-ମଞ୍ଜୁରୀରୁ ଜାଣିହେବ। ଓଡ଼ିଶାର ଏହା ନାମକୁ ଉଚ୍ଚଶିକ୍ଷା, ମାତ୍ର ଗୁରୁତ୍ୱ ଅତି ନ୍ୟୂନ। କୌତୁକର କଥା ବେଶ୍ କିଛି ବର୍ଷ ଏହି ବିଭାଗର ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟା ଦିଆଯାଇ ନ ଥିଲା। ଗୋଳେଇଘାଣ୍ଟି ଯେମିତି ସେମିତି ଚଳେଇ ନେବାର ନାମ ଉଚ୍ଚଶିକ୍ଷା। ଏହାର ପ୍ରଥମ ଉଦାହରଣ ହେଉଛି ବିଗତ ୨୦ ବର୍ଷ ହେଲା ୬୦ଟି ପାଖାପାଖି ସରକାରୀ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଓ +୨ ଶିକ୍ଷା ବ୍ୟବସ୍ଥାକୁ +୩ ଶିକ୍ଷା ବ୍ୟବସ୍ଥାରୁ ପୃଥକ୍ ନ କରି ଖେଚୁଡ଼ି କରି ରଖିବା। ଫକୀରମୋହନ କଲେଜ ସେହି ଦୁର୍ଦ୍ଦଶାର ଭାଗୀଦାର।

ଓଡ଼ିଶାର କୋଣଅନୁକୋଣରେ ଥିବା କ୍ଷୁଦ୍ର କ୍ଷୁଦ୍ର ସରକାରୀ ଅନୁଷ୍ଠାନରେ ନିୟମିତ ମୁଖ୍ୟ ଥିଲା ବେଳେ ସରକାରୀ ମହାବିଦ୍ୟାଳୟମାନ କି ପାପ କଲେ ଯେ ସେମାନଙ୍କୁ ମସ୍ତକହୀନ କରି ରଖାଯାଇଛି ? ଭାରପ୍ରାପ୍ତ ଅଧ୍ୟକ୍ଷ ପଦବୀ ବରିଷ୍ଠ କଲେଜ ଶିକ୍ଷକମାନଙ୍କ ପାଇଁ ଏକ ପଦବୀ ନୁହେଁ, ଏକ ସମ୍ମାନ ନୁହେଁ, ଏକ ଅତ୍ୟାଚାର, ଏକ ଅପମାନ। ନିୟମିତ ଓ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ସମାନ ଥିଲାବେଳେ ଭାରପ୍ରାପ୍ତ ଅଧ୍ୟକ୍ଷ ତାଙ୍କ ନିୟମିତ କ୍ଲାସ୍ ନେବା ପାଇଁ ନିଯୁକ୍ତିପତ୍ରରେ ଉଲ୍ଲେଖ କରାଯାଉଛି। ଏଣୁ ଅନେକ ଅଧ୍ୟକ୍ଷ ନା ପ୍ରଶାସନ ସମ୍ଭାଳୁଛନ୍ତି ନା ଶ୍ରେଣୀ ଶିକ୍ଷାଦାନ।



ଫକୀରମୋହନ କଲେଜରେ ଘଟିଥିବା ଘଟଣା ପ୍ରସଙ୍ଗରେ ଆହୁରି କେତୋଟି ବିଷୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପ୍ରତିଶତ ଓ ପରୀକ୍ଷା ହଲ୍ ପରି ଶ୍ରେଣୀରେ ପ୍ରବେଶର ସମୟ ସୀମାର ପ୍ରାବଧାନ ନ ଥିବାରୁ ଅନେକ ସମୟରେ ଏହା ମହାଭାରତ ସୃଷ୍ଟିକରେ। ବାସ୍ତବରେ ଏକ ଆଦର୍ଶ ଶିକ୍ଷା ବ୍ୟବସ୍ଥାରେ ଏଗୁଡ଼ିକ ଅପ୍ରସଙ୍ଗ। ମାତ୍ର ଛାତ୍ର ସଂସଦ ନିର୍ବାଚନ ପାଇଁ ଆବଶ୍ୟକ ୭୫ ପ୍ରତିଶତ ଉପସ୍ଥାନର ଆବଶ୍ୟକତା ଆଜି ଅନେକ କୋଳାହଳର କାରଣ। ଏ ବାବଦରେ ମଧ୍ୟ ସରକାରୀ ସ୍ପଷ୍ଟତା ଆସିବା ଦରକାର। ଫକୀରମୋହନ କଲେଜରେ ଘଟିଥିବା ଘଟଣାର ମୁଖ୍ୟ କାରଣ ହେଲା କଲେଜରେ ଦୀର୍ଘଦିନ ଧରି ପ୍ରଚଳିତ ଟ୍ୟୁଟୋରିଆଲ କ୍ଲାସ୍‌ର ବିଲୋପ। ଆଗରୁ ଛାତ୍ରୀଛାତ୍ରମାନଙ୍କ ପାଠ ସମ୍ବନ୍ଧୀୟ ଯାବତୀୟ ସନ୍ଦେହ ମୋଚନ ତଥା ବ୍ୟକ୍ତିଗତ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଅଭାବ, ଅସୁବିଧା, ମାନସିକ ସଙ୍କଟକୁ ପାଖରୁ ଦେଖିବାକୁ ଏହି ଟ୍ୟୁଟୋରିଆଲ କ୍ଲାସ୍ ବେଶ୍ ସହାୟକ ହେଉଥିଲା। ଖର୍ଚ୍ଚକାଟ ତଥା ଘରୋଇ ଟିଉଶନକୁ ପ୍ରୋତ୍ସାହିତ କରିବାକୁ ଏହି ବ୍ୟବସ୍ଥା ଉଠେଇ ନାମକୁମାତ୍ର ପ୍ରୋକ୍ଟରିଆଲ ବ୍ୟବସ୍ଥାଟିକୁ କାଗଜରେ ରଖି ପାଠ୍ୟ ଓ ଅଣପାଠ୍ୟ ବିଷୟରେ ଉପଲବ୍ଧ ସୁବିଧାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯାଉଛି। ଟ୍ୟୁଟୋରିଆଲ ଓ ପ୍ରୋକ୍ଟରିଆଲର ମିଶ୍ରିତ ରୂପଟି ଯଦି ଥାଆନ୍ତା ସୌମ୍ୟାଶ୍ରୀ ଘଟଣା ଆଜି ଏତେବାଟ ଯାଇ ନ ଥାନ୍ତା। ପ୍ରକୃତରେ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଆବଶ୍ୟକ ଉପସ୍ଥାନ ଭରଣା ପାଇଁ ସଙ୍କଟ ତାଙ୍କୁ ଦୁଃସ୍ଥିତି ଭିତରକୁ ଠେଲି ଦେଇଥିଲା। କଲେଜ ନିର୍ବାଚନ ଥିଲାବେଳେ ଏହି କଥାକୁ ନେଇ କଲେଜରେ ଗଣ୍ଡଗୋଳ ହୁଏ ଏବଂ ଶିକ୍ଷକମାନେ ଡରିମରି ଅବୈଧ ଭାବରେ ଉପସ୍ଥାନ ପୂରଣ କରି ଦିଅନ୍ତି। କଲେଜ ନିର୍ବାଚନ ନ ଥିଲାବେଳେ ଆପାତତଃ ଏହି ଗୋଟିଏ ଦିଗରୁ ବିଶୃଙ୍ଖଳା ଢେର କମିଯାଇଥିଲା। ଏବେ ଏ ବାବଦରେ ସରକାର ଦୃଢ଼ ସ୍ପଷ୍ଟୀକରଣ ରଖିବା ଦରକାର, ନଚେତ୍ ନିର୍ବାଚନ ଯଜ୍ଞରେ କିଏ ପୁଣି ଶହୀଦ ହୋଇଯିବ! ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛାତ୍ର ନେତୃତ୍ୱ ନିର୍ମାଣ ପାଇଁ କଲେଜରେ ନିର୍ବାଚନର ଆବଶ୍ୟକତାର ଯେଉଁ ଦ୍ୱାହି ଦିଆଯାଉଛି, ବାସ୍ତବିକ ନିର୍ବାଚନ ହେଉ ନ ଥିବା ଅନୁଷ୍ଠାନ ଯଥା ମେଡିକାଲ, ଇଞ୍ଜିନିୟରିଂ, ଏମ୍‌ବିଏର ଛାତ୍ରୀଛାତ୍ର ଆଜି ପ୍ରମୁଖ ରାଜନେତା ବା ବରିଷ୍ଠ ପ୍ରଶାସକ ହେବା ଏହାକୁ ଭୁଲ୍ ପ୍ରମାଣିତ କରୁଛି।

ସୌମ୍ୟାଶ୍ରୀଙ୍କୁ ନେଇ ଘଟିଥିବା ଘଟଣା ଅନ୍ୟ ଏକ କ୍ଷେତ୍ରରୁ ମଧ୍ୟ ଆସିପାରେ। ତା'ହେଲା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ ଓ ତା'ର ଧରପଗଡ଼। ମନେପଡୁଛି ଏକ ସରକାରୀ କଲେଜର କଥା। ପିଲାଟି ତା' ଶାର୍ଟର ହାତର ଭିତର ପାଖରେ କିଛି ଲେଖି ଆଣିଥିଲା। ପରୀକ୍ଷା ହଲ୍‌ରେ ବିଚରା ଧରାପଡ଼ିଲା। ତା'ର ଶାର୍ଟଟି ଅସଦ ଉପାୟ ଅବଲମ୍ବନର ଏକ ପ୍ରମାଣ ହୋଇଥିବାରୁ ତତ୍‌କ୍ଷଣାତ୍ ତାକୁ ଶାର୍ଟମୁକ୍ତ କରେଇ ତା' ମୁକୁଳା ଦେହକୁ ଏକ ତଉଲିଆରେ ଢାଙ୍କି ଦିଆଗଲା। ଭିନ୍ନ ଘଟଣାରେ ସୌମ୍ୟାଶ୍ରୀ ଉତ୍ପୀଡ଼ିତ ହେଲା ପରି ପରୀକ୍ଷା ହଲ୍ ଭିତରେ ୩ଘଣ୍ଟାର ଏହି ନିର୍ଯାତନା ଛାତ୍ରଟି ପାଇଁ ଅସହ୍ୟ ହୋଇପଡିଲା। ପରୀକ୍ଷା ସରିବାର ଘଣ୍ଟେ, ଦେଢ଼ଘଣ୍ଟା ମଧ୍ୟରେ ଛାତ୍ରଟି ନିକଟତମ ରେଳଲାଇନରେ ଆତ୍ମାହୁତି ଦେଲା।

ଗୋଟିଏ ପରିବାରର ଦୁଃଖ ଆହୁରି କିଛି ଅଧିକ ଭୟାନକ ଦୃଶ୍ୟ ଅନ୍ୟ କେତେକ ପରିବାରରେ ସୃଷ୍ଟି ନ କରୁ। କିନ୍ତୁ ସେ ପ୍ରକାର ଏକ ସମ୍ଭାବନା ଦେଖାଦେଉଛି। ସୌମ୍ୟାଶ୍ରୀଙ୍କ ଅଭିଯୋଗର ସତ୍ୟତା ପରଖିଥିବା ଆଭ୍ୟନ୍ତରୀଣ କମିଟି ସଦସ୍ୟମାନେ ସେହିପରି ସଙ୍କଟ ଆଡ଼କୁ ଯାଉଛନ୍ତି। କମିଟିରେ ଥିବା ୯ଜଣ ମଧ୍ୟରୁ ୩ଜଣ ଥିଲେ କଲେଜର ଅଧ୍ୟାପିକା, ଜଣେ ଅଣଶିକ୍ଷକ ମହିଳା କର୍ମଚାରୀ, ୩ଜଣ ଛାତ୍ରୀ ଓ ଜଣେ ଅଣଶିକ୍ଷକ ପୁରୁଷ କର୍ମଚାରୀ ଓ ଜଣେ ବାହାର ମହିଳା ସମାଜସେବୀ। ଏବେ କଲେଜର ୪ ମହିଳା କର୍ମଚାରୀ ଓ ଜଣେ ପୁରୁଷ କର୍ମଚାରୀଙ୍କ ମୁଣ୍ଡ ଉପରେ ଖଣ୍ଡା। ଏମାନେ ସମସ୍ତେ ଶିକ୍ଷକ ବା ଅନୁଷ୍ଠାନର କର୍ମଚାରୀ। ଏମାନେ ଏପରି ଅପାତତଃ ଆପରାଧିକ କାର୍ଯ୍ୟର ଅନୁସନ୍ଧାନ ପାଇଁ ତାଲିମପ୍ରାପ୍ତ ନୁହନ୍ତି। ପୂର୍ବ ଅଭିଜ୍ଞତା ମଧ୍ୟ ନାହିଁ। ଅନୁସନ୍ଧାନର ଧାରାଗୁଡ଼ିକ କ'ଣ ହେବ, କ୍ରମ କ'ଣ ହେବ, କେଉଁ କେଉଁ ପ୍ରଶ୍ନ ପଚାରି ସତ୍ୟ ଉନ୍ମୋଚିତ କରାଯାଇପାରିବ, ଏ ସମ୍ବନ୍ଧୀୟ ଜ୍ଞାନ ଏମାନଙ୍କ ନାହିଁ। କମିଟିରେ କୌଣସି ଅବସରପ୍ରାପ୍ତ ପୋଲିସ ଅଫିସର ବା ଜିଲାସ୍ତରୀୟ ସରକାରୀ ଓକିଲ ଏମାନଙ୍କୁ ଦିଗ୍‌ଦର୍ଶନ ଦେବାକୁ ନ ଥିଲେ। ୯୦ ଦିନର ସମୟ ସୀମା ବଦଳରେ ୯ ଦିନରେ ଏମାନେ ଚାପରେ ରିପୋର୍ଟ ଦେଲେ। ଅଣପେସାଦାର ବ୍ୟକ୍ତିମାନଙ୍କ ଦ୍ୱାରା ଆପରାଧିକ ମାମଲାରେ ତଦନ୍ତ କରାଇବା କେତେଦୂର ଯୁକ୍ତିଯୁକ୍ତ ? ତେଣୁ ସରକାର ଏହି କମିଟି ଗଠନ କିପରି ପାରଦର୍ଶୀ ହୋଇପାରିବ, ଭବିଷ୍ୟତରେ କେହି ଏ କମିଟିର ସଦସ୍ୟ ହେବାକୁ ଯେପରି ଅମଙ୍ଗ ହେବେନାହିଁ, ତାହା ବିଚାର କରିବା ଉଚିତ।

ସତ୍ୟ ଓ ଅର୍ଦ୍ଧସତ୍ୟ ଭିତରେ ପାର୍ଥକ୍ୟରେଖା ବହୁତ କ୍ଷୀଣ। ସତ୍ୟ ନାମରେ ବହୁ ଅର୍ଦ୍ଧସତ୍ୟ ଗଣମାଧ୍ୟମରେ ଘୂରି ବୁଲୁଛି। ଆଶା କରାଯାଏ ପାଣି କ୍ଷୀରର ଭ୍ରମ ସୃଷ୍ଟି କରିବ ନାହିଁ ଏବଂ ଫକୀରମୋହନ କଲେଜ ତା' ପୂର୍ବଗୌରବ ଫେରିପାଇବ।

ପୂର୍ବତନ ଅଧ୍ୟକ୍ଷ
ଜେଲ୍ ରୋଡ୍, ବାଲେଶ୍ୱର
ମୋ: ୯୪୩୭୩୭୬୨୧୯

# ବିଷ ବଜାର



ସତ୍ୟନାରାୟଣ ଦେହୁରୀ

ଆମର ବିଭିନ୍ନ ସାମଗ୍ରୀର ବିକ୍ରି ଓ ଖରିଦ ପାଇଁ ବଜାର ବ୍ୟବସ୍ଥା ହୋଇଛି। ସକାଳ ହେଲେ ଆମେ ବଜାର ଯାଉ ନିଜର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଆଣିବା ପାଇଁ। ଆଉ କେତେଜଣ ଲୋକ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରିକରିବା ପାଇଁ ବଜାର ଯାଇଥାଆନ୍ତି। ବଜାରରେ ପନିପରିବାଠାରୁ ଆରମ୍ଭକରି ତେଜରାତି ଜିନିଷ ପର୍ଯ୍ୟନ୍ତ ସବୁ କିଛି ମିଳିଥାଏ। ରାତି ପାହିଲେ କିଛି ପନିପରିବା କିମ୍ବା ତେଜରାତି ଜିନିଷ ନ କିଣିଲେ ଘର ଚଳେନାହିଁ। ନିଜେ ଚାଷକରି ପନିପରିବା ଉତ୍ପାଦନକଲା ଲୋକ ବହୁତ କମ୍। ଯେଉଁମାନେ ନିଜେ ପନିପରିବା ଉତ୍ପାଦନ କରିପାରୁଛନ୍ତି ସେମାନଙ୍କୁ ପରିବା ପାଇଁ ବଜାର ଯିବାକୁ ପଡ଼ି ନ ଥାଏ। ଆଗେ ମଫସଲର ଲୋକମାନେ ସହର ଯାଇ ନିଜର ଚାହିଦା ଅନୁସାରେ ଜିନିଷ ଆଣୁଥିଲେ। ଆଜିକାଲି ସବୁ ଗାଁରେ ତେଜରାତି ଦୋକାନ ,କପଡ଼ା ଦୋକାନ ,ପନିପରିବା ଦୋକାନ ହେଲାଣି। କେତେକ ଅଞ୍ଚଳରେ ସାପ୍ତାହିକ ହାଟ ବସୁଛି। ସେଠାରେ ବେଶି ପନିପରିବା ମିଳିଥାଏ।

ଆଜିକା ଦିନରେ ବଜାରରେ ମିଳୁଥିବା ସବୁଜିନିଷ ବିଷ ପାଲଟିଗଲାଣି। ଏହି ବିଷ ଜ୍ୱାଳାରେ ମଣିଷ ବର୍ତ୍ତମାନ ଆଉଟୁପାଉଟୁ ହେଉଛି। ପନିପରିବାରେ ଅତ୍ୟଧିକ କୀଟନାଶକ ପ୍ରୟୋଗ ହେଉଛି। ସେହି କୀଟନାଶକର ପ୍ରଭାବ ମଣିଷ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି କରୁଛି। ଅତ୍ୟଧିକ ରାସାୟନିକ ସାର ପ୍ରୟୋଗକରି ପନିପରିବା ଚାଷ କରାଯାଉଛି। ଏହା ମଧ୍ୟ ମଣିଷ ଶରୀରରେ ସ୍ଲୋ ପଏଜନ ଭଳି କାମ କରୁଛି। ଜୈବିକ ସାର ପ୍ରୟୋଗରେ ଯଦି ପନିପରିବା ଚାଷ କରାଯାଆନ୍ତା, ତା' ହେଲେ ଏସବୁ ଅସୁବିଧା ହୁଅନ୍ତା ନାହିଁ। କେବଳ ପନିପରିବା କାହିଁକି ଧାନ, ଗହମ, ମୁଗ, ବିରି ଇତ୍ୟାଦି ଫସଲରେ ମଧ୍ୟ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ହେଉଛି। ଏହାଫଳରେ ମଣିଷ ଶରୀରରେ ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି। ଚାଷୀ ନିଜେ ମଧ୍ୟ ଏହି ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହେଉଛି । ଆଜିକାଲି ଚାଷୀମାନେ ଦେଶୀ ବିହନ ଚାଷ କରୁନାହାନ୍ତି। କାରଣ ଏହା କମ୍ ଅମଳ ଦେଇଥାଏ। କିନ୍ତୁ ଏହି ଦେଶୀ ବିହନରେ ଅଧିକ ସାର କିମ୍ବା କୀଟନାଶକ ଦରକାର ହୋଇ ନ ଥାଏ। କେବଳ ଜୈବିକ ସାର ପ୍ରୟୋଗରେ ଏହା ଉତ୍ପନ୍ନ ହୋଇଥାଏ। ଏହା ଶରୀର ପାଇଁ ବହୁ ଲାଭଦାୟକ। ବର୍ତ୍ତମାନର ଯୁଗ ହେଲା ହାଇବ୍ରିଡ୍‌ର ଯୁଗ। ହାଇବ୍ରିଡ୍ ବିହନ ଚାଷକଲେ ଅଧିକ ଅମଳ ହୋଇଥାଏ। ତେଣୁ ସବୁ ଚାଷୀ ହାଇବ୍ରିଡ୍ ମୁହାଁ ହୋଇଛନ୍ତି।

ଫଳ ବଜାରରେ ଦେଖାଯାଏ ଫଳଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଉଛି। କଦଳୀ ପାଚିବା ପାଇଁ କେମିକାଲ ଦିଆଯାଉଛି। କଦଳୀ ପାକଳ ହୋଇ ନ ଥିବ ,କିନ୍ତୁ କେମିକାଲ ଦେଇ ସେଗୁଡ଼ିକୁ ପଚାଇ ଦିଆଯାଏ। ଫଳକୁ ସତେଜ ରଖିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର କେମିକାଲ ବ୍ୟବହାର କରାଯାଉଛି। ଆମ୍ବକୁ ମଧ୍ୟ କେମିକାଲ ଦେଇ ପଚାଯାଏ। ଏସବୁ ଫଳ ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ଏହା ମଣିଷ ଶରୀରରେ ସ୍ଲୋ ପଏଜନ ହିସାବରେ କାମକରେ।

ମାଛମାଂସ କଥା ଯଦି ଦେଖିବା ସେଇ ସମାନ ଅବସ୍ଥା। ମାଛରେ ଫର୍ମାଲିନ୍‌ର ପ୍ରୟୋଗ କରି ସତେଜ ରଖାଯାଉଛି। ଯେଉଁ ଫର୍ମାଲିନ୍‌କୁ ଶବ ସଂରକ୍ଷଣରେ ବ୍ୟବହାର କରାଯାଏ ସେହି ଫର୍ମାଲିନ୍ ଆମେ ଖାଉଥିବା ମାଛରେ ବ୍ୟବହାର କରାଯାଉଛି। ନଦୀ କିମ୍ବା ପୋଖରୀର ସତେଜ ମାଛ ଆଉ ଖାଇବାକୁ ମିଳୁନାହିଁ। ଯଦି ବି କେତେବେଳେ ନଦୀ କିମ୍ବା ପୋଖରୀର ସତେଜ ମାଛ ମିଳୁଛି ,ତାହା ବ୍ୟବସାୟୀମାନେ ନେଇଯାଇ ତାକୁ ବରଫରେ ରଖି କିମ୍ବା ଫର୍ମାଲିନ୍ ପ୍ରୟୋଗକରି ଅନେକ ଦିନ ଧରି ବିକ୍ରି କରୁଛନ୍ତି। ବଡ଼ ବଡ଼ ନଦୀରେ ଡିନାମାଇଟ୍ ବ୍ୟବହାରକରି ମାଛ ମରାଯାଉଛି। ସେହି ମଲାମାଛକୁ ବିକ୍ରି କରାଯାଏ। ସେହିପରି ଚିକେନ୍ ଓ ମଟନ କଥା ଯଦି ଦେଖିବା, ତାହା ମଧ୍ୟ କୃତ୍ରିମ ପଦ୍ଧତିରେ ପ୍ରସ୍ତୁତ କରାଯାଉଛି। ଚିକେନ୍‌ଗୁଡ଼ିକୁ ଇଞ୍ଜେକସନ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି। ମଟନ ମଧ୍ୟ ସେହିଭଳି ହାଇବ୍ରିଡ୍ ଛେଳି ପାଳନକରି କମ୍ ଦିନ ମଧ୍ୟରେ ବହୁ ପରିମାଣରେ ମାଂସ ମିଳିପାରୁଛି। ଏଗୁଡ଼ିକ କୃତ୍ରିମ ଉପାୟରେ ଚାଷ କରାଯାଉଥିବାରୁ ଏଗୁଡ଼ିକର ମାନ ଭଲ ନ ଥାଏ । ଆଗରୁ ଯେଉଁ ଦେଶୀ ଖାସି ମାଂସ କିମ୍ବା ଦେଶୀ ଚିକେନ ମିଳୁଥିଲା, ତାହା ଆଉ ବେଶି ମିଳୁନାହିଁ। କ୍ୱଚିତ ମିଳୁଛି।

ଏବେ ଯିବା ତେଜରାତି ଜିନିଷ ମିଳୁଥିବା ବଜାରକୁ। ପ୍ରାୟ ସବୁ ତେଜରାତି ଜିନିଷ ବର୍ତ୍ତମାନ ଅପମିଶ୍ରଣ ହେଉଛି । ଖାଇବା ତେଲ, ଅଟା, ସୁଜି, ମଇଦା, ଚିନି ଇତ୍ୟାଦି ଜିନିଷ ଆଉ ଭଲ ମିଳୁନାହିଁ । ଆଗରୁ ୧ ଚାମଚ ଚା' ପତି ପକାଇଲେ ହାରାହାରି ୨କପ ଚା' ତିଆରି ହୋଇପାରୁଥିଲା । କିନ୍ତୁ ବର୍ତ୍ତମାନର କପେ ଚା' ପାଇଁ ୨ଚାମଚ ଚା'ପତି ଦରକାର ପଡୁଛି । ତେଲର କୌଣସି ବାସନା ରହୁନାହିଁ । ସୋରିଷ ତେଲକୁ ମୁଢ଼ିରେ ଗୋଳାଇ ଦେଲେ କେତେ ସୁନ୍ଦର ବାସନା ହେଉଥିଲା ଏବଂ ସେହି ବାସନାରେ ଖାଦ୍ୟ ରୁଚିକର ହେଉଥିଲା । କେତେ ରକମର ଅଟା ବଜାରରେ ମିଳୁଛି । କିନ୍ତୁ କୌଣସି ଅଟା ବିଶୁଦ୍ଧ ଜଣାପଡୁନାହିଁ । ଅନେକ କମ୍ପାନୀ ପ୍ରତିଯୋଗିତାମୂଳକ ଭାବରେ ନିଜ ନିଜ ପ୍ରଚାର ମାଧ୍ୟମରେ ନିଜର ସାମଗ୍ରୀ କିପରି ଅଧିକ ବିକ୍ରିହେବ ସେହି ଚେଷ୍ଟାରେ ଲାଗିପଡ଼ିଛନ୍ତି । ଜିନିଷର ମାନକୁ କେହି ଦେଖୁ ନାହାନ୍ତି । ନିଜର ଲାଭକୁ ସମସ୍ତେ ଦେଖୁଛନ୍ତି । ଖାଉଟିମାନେ ମଧ୍ୟ ଜିନିଷର ମାନକୁ ପରୀକ୍ଷା ନ କରି ଶସ୍ତାରେ ମିଳୁଥିବା ଜିନିଷ ନେଇଆସନ୍ତି । ବେଳେ ବେଳେ ଖାଉଟି ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି।

ଔଷଧ କଥା ନ କହିବା ଭଲ। ଔଷଧଗୁଡ଼ିକ ମଧ୍ୟ ଆଗ ଭଳି କାମ କରୁନାହିଁ। ଆଗରୁ ୪ ଏମ୍‌ଜି ପାରାସିଟାମଲ ଖାଇଲେ ଜ୍ୱର ଛାଡୁଥିଲା, ଏବେ କିନ୍ତୁ ୬ ଏମ୍‌ଜି ଖାଇଲେ ମଧ୍ୟ ଜର ଛାଡୁନାହିଁ। ଯେଉଁ ରୋଗ ଦିନେ ଦୁଇ ଦିନରେ ଭଲ ହେବା କଥା ତାହା ୫ରୁ୬ ଦିନ ଲାଗୁଛି। ସାଧାରଣ ଭାଇରାଲ ଜର ହେଲେ ୧୦ ଦିନ ପର୍ଯ୍ୟନ୍ତ ଛାଡୁନାହିଁ। ଅବଶ୍ୟ ଦିନକୁଦିନ ମଣିଷ ଶରୀରର ରେଜିଷ୍ଟାନ୍ସ ମଧ୍ୟ ବଢ଼ିଯାଉଛି। ହେଲେ ମଧ୍ୟ ଔଷଧର ଅନେକ କମ୍ପାନୀ ନିମ୍ନମାନର ଔଷଧ ବଜାରକୁ ଛାଡୁଛନ୍ତି।

ଏହିଭଳି ଭାବରେ ଯଦି ଦେଖିବା ବର୍ତ୍ତମାନ ବଜାର ସାରା ବିଷମୟ ହୋଇଗଲାଣି । ଅନେକ କମ୍ପାନୀ ନିଜର ସ୍ୱାର୍ଥ ସାଧନ ପାଇଁ ମଣିଷ ଜୀବନ ସହ ଖେଳୁଛନ୍ତି । ତେଣୁ ଜିନିଷ ଖରିଦ କଲା ବେଳେ ବୁଝିବିଚାରି କିଣିବା ଉଚିତ। ବିଷ ବଜାରରୁ ଅମୃତ ମିଳିବା ଅସମ୍ଭବ ହେଲେ ମଧ୍ୟ ପରିମାଣ ତ କମାଇହେବ ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩



## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ସମ୍ପୂର୍ଣ୍ଣ ନିଷେଧ କରାଯାଉ

ମହାଶୟ,

କୌଣସି ଉତ୍ସବାନୁଷ୍ଠାନରେ ଡାକବାଜି ଯନ୍ତ୍ର ବ୍ୟବହାର କରିବା ନିମନ୍ତେ ସ୍ଥାନୀୟ ପ୍ରଶାସନ ପାଖରୁ ଅନୁମତିପତ୍ର ଆଣିବାକୁ ପଡ଼ିଥାଏ। ଅନୁମତିପତ୍ରରେ ଇଂଲିଶର 'ନୋ ଡିଜେ' ବୋଲି ମୋହର ମରାଯାଇଥାଏ। ଏହାର ଅର୍ଥ ଅନୁମତିପ୍ରାପ୍ତ ଡାକବାଜି ଯନ୍ତ୍ର ବ୍ୟତୀତ ଡି.ଜେ. ବଜାଯାଇପାରିବ ନାହିଁ। ମାତ୍ର ବରଯାତ୍ରୀ ଶୋଭାଯାତ୍ରା, ଭସାଣିରେ ଡିଜେର ଛାତିଫଟା ଶବ୍ଦ ଘରର କାନ୍ଥ ବାଡ଼ ଇତ୍ୟାଦି ଥରିବା ଆରମ୍ଭ କରିଥାଏ। ଉକ୍ତ କର୍କଶ ଜୀବନାଶକାରୀ ଶବ୍ଦର ତାଳେ ତାଳେ ମଦୁଆଲା ହୋଇ ଯୁବକମାନେ ସ୍ଥଳ ବିଶେଷରେ ମହିଳା ଓ ଯୁବତୀମାନେ ନୃତ୍ୟ କରିଥାନ୍ତି। ତେବେ ଏହି ଶବ୍ଦରେ ବୟସ୍କ ବ୍ୟକ୍ତି, ରୋଗୀ କି ପ୍ରକାର କଷ୍ଟ ପାଉଥାନ୍ତି ଏହା ସମସ୍ତଙ୍କୁ ଜଣା। ହେଲେ ଏହାକୁ ବିରୋଧ କରି କେହି ଶତ୍ରୁ ହେବା ପାଇଁ ଚାହିଁ ନ ଥା'ନ୍ତି। ଡିଜେ ଶବ୍ଦରେ ଜୀବନ ମଧ ଚାଲିଯିବା ଖବର ରହିଛି। ତେବେ ଶୋଭାଯାତ୍ରା ଯିବା ସମୟରେ ପୋଲିସ ଗାଡ଼ି ପାଟ୍ରୋଲିଂ କରୁଥିଲେ ମଧ ସବୁ ଚୁପ୍ ରହିଥାନ୍ତି। ସରକାରଙ୍କୁ ନିବେଦନ ସାରା ଓଡ଼ିଶାର ଏହି ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଉ। ଅବଜ୍ଞାକାରୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯାଉ।

-ଚିନ୍ମୟ କୁମାର ମଲ୍ଲିକ, ଧଳସାହି ଛକ, ରରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯିବାରେ ସବୁଜ ଶକ୍ତି ବା ଇନ୍ଧନର ଅଧିକ ଭୂମିକା ରହିଛି। ଏହାକୁ ଜୀବାଶ୍ମ ଇନ୍ଧନର ବିକଳ୍ପ ବୋଲି ବିଚାର କରାଯାଉଛି। ତେବେ ଆଇଆଇଟି ମାଡ୍ରାସ୍‌ର ୪ ଜଣ ପୁରାତନ ଛାତ୍ର ସମୁଦ୍ରଶୈବାଳରୁ ବାୟୋଫୁଏଲ ବା ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରୁଛି। ଏଥିପାଇଁ ସେମାନେ ପ୍ରତିଷ୍ଠା କରିଛନ୍ତି ସି-୬ ଏନର୍ଜୀ ଫାଉଣ୍ଡେଶନ ସିଓ୍ୱିଡ୍ । ନେଲ୍‌ସନ ଭାଡ୍‌ସେରି, ଶ୍ରୀକୁମାର ସୂର୍ଯ୍ୟନାରାୟଣ, ଶୈଳଜା ନୋରି ଏବଂ ସୌମ୍ୟା ବାଲେନ୍ଦିରାନ ୨୦୧୦ରେ ଏହି ଷ୍ଟାର୍ଟଅପ୍ ଗଠନ କରିଥିଲେ। ସେମାନେ ସମୁଦ୍ରରେ ଶୈବାଳ ଚାଷ କରିବାର ବ୍ୟବସ୍ଥା ମଧ କରିଛନ୍ତି। ଶୈବାଳ ଚାଷ ହେବାଦ୍ୱାରା ସାମୁଦ୍ରିକ ଜୈବବିବିଧତାର ବିକାଶ ଘଟୁଛି। ଏହି ଶୈବାଳରୁ ବାୟୋଫୁଏଲ ପ୍ରସ୍ତୁତ ହେଉଛି ଓ ଏହି ପ୍ରକ୍ରିୟାରେ ଖୁବ୍ କମ୍ କାର୍ବନ ଡାଇଅକ୍ସାଇଡ ଗ୍ୟାସ ନିର୍ଗମନ ହେଉଛି ଏବଂ ତାହାକୁ ଚାଷ ସମୟରେ ସମୁଦ୍ରଶୈବାଳ ଗ୍ରହଣ କରିନେଉଛି। ଏବେ ଏହି ଷ୍ଟାର୍ଟଅପ୍‌କୁ ନେଦରଲାଣ୍ଡସର ଆକ୍ୱା ସ୍ପାର୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ପକ୍ଷରୁ ଆର୍ଥିକ ସହଯୋଗ ମିଳୁଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ମଧ ସହଯୋଗ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଜୁଲାଇ ୧୯୭୬

- ଓଡ଼ିଶା, ମେଘାଳୟ ଓ ଉତ୍ତର ପ୍ରଦେଶର ୩ଟି ବିଲ୍‌କୁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦଙ୍କ ସ୍ୱୀକୃତି ପ୍ରଦାନ।
- ଭୁବନେଶ୍ୱର ବିମାନଘାଟିରେ କଲିକତାରୁ ଆସୁଥିବା ଇଣ୍ଡିଆନ ଏୟାରଲାଇନ୍ସର ଗୋଟିଏ ଫକର ଫ୍ରେଣ୍ଡସିପ ବିମାନଟି ଓଦାଳିଆ ମାଟିରେ ଅବତରଣ କଲାବେଳେ ଗୁରୁତର କ୍ଷତିଗ୍ରସ୍ତ।

## ଚିରନ୍ତନୀ

କଥା ନ ଫୁଟିବ ମୁଖୁ
ନୀରବେ ସମ୍ଭାଳି ବୁକୁ
ରଚିବା ନିଶ୍ଚଳ ଏକ ନୀରବ ରାଇଜ,
ସବୁ ଅଚଞ୍ଚଳ ସ୍ଥିର
ନାହିଁ ଗୀତ ନାହିଁ ଗୀର
ରତ ଯହିଁ ସକଳେ ଗୋ ଧ୍ୟାନେ ନିଜ ନିଜ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଏବିଇଓଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ମୋରଡ଼ା,୨୫ା୭(ସ୍ମାରକ ମାଝୀ)– ମୋରଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଏବିଇଓ ପାଲୁ ହାଁସଦାଙ୍କୁ ମାଡ଼ ମରାଯାଇଥିବା ନେଇ ମୋରଡା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୩/୨୫) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ଗୁରୁବାର ମଧ୍ୟାହ୍ନ ୧୨ଟା ୩୦ ମିନିଟ ସମୟରେ ଏବିଇଓ ହାଁସଦା କାର୍ଯ୍ୟାଳୟରେ ଥିବା ସମୟରେ ଉକ୍ତ ଥାନା ଅଧୀନ ବଳଦିଆ ଗ୍ରାମର ସୁରେନ୍ଦ୍ରନାଥ ମୁଦୁଲି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରି ତାଙ୍କ ସାର୍ଟ କଲର ଧରି ଟଣା ଓଟରା କରିବା ସହିତ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ତେବେ ଉକ୍ତ ଘଟଣାର ତଦନ୍ତ ଭାର ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ନେଇଛନ୍ତି।

### କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ବାଙ୍ଗିରିପୋଷି,୨୫ା୭ (ସଞ୍ଜୟ କୁମାର ଅଗ୍ରୱାଲ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବାଙ୍ଗିରିପୋଷି ଜୋନ ସମ୍ପାଦକ ତଥା ଅଖିଳ ଭାରତୀୟ ଆଦିବାସୀ ମହାସଭା ରାଜ୍ୟ କମିଟିର ସଦସ୍ୟ ସାଥୀ ରଥ ସିଂଙ୍କ ୨୪ ତାରିଖରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପାର୍ଟି ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ଜିଲାପାର୍ଟି ପକ୍ଷରୁ କାର୍ଯ୍ୟକାରୀ କମିଟି ସଦସ୍ୟ ସାଥୀ ବଳରାମ ମହାନ୍ତ ଓ ସାରସକଣା ଜୋନ ସମ୍ପାଦକ ସାଥୀ ବଳରାମ ମୁର୍ମୁ ତାଙ୍କ ଗହ୍ଳାପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ମର ଶରୀରରେ ଲାଲ ପତାକା ଦେଇ ଶେଷ ସମ୍ମାନ ଜଣାଇଥିଲେ। ତାଙ୍କ ପରଲୋକରେ ରାଜ୍ୟ ପାର୍ଟିର ସମ୍ପାଦକ ମଣ୍ଡଳୀ ସଦସ୍ୟ ସାଥୀ ଡା. ପ୍ରଶାନ୍ତ ମିଶ୍ର, ସାଥୀ ଜୟନ୍ତ ଦାସ, ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସହ ସମ୍ପାଦକ ସାଥୀ ତ୍ରୀନାଥ ପାତ୍ର, ହୃଷୀକେଶ ସାହୁଙ୍କ ସମେତ ଜିଲ୍ଲାର ସାଥୀ ଓ ସମର୍ଥକମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

### ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ବାରିପଦା,୨୫ା୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)–ବାରିପଦା ସହର ୩ ନଂ ୱାର୍ଡ ମାଇନିଙ୍ଗ କଲୋନୀସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ ସଚିବ ରାଜେଶ କୁମାର ପ୍ରଧାନ ,ସମ୍ମାନିତ ଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଚକ୍ରଧର ନାୟକ ଯୋଗଦେଇଥିଲେ ।

# ଘରେ ପଶିଲା ବର୍ଷାପାଣି

ମୋରଡ଼ା,୨୫ା୭(ସ୍ମାରକ ମାଝୀ)

■ମୋରଡ଼ା ବ୍ଲକ୍ ଅଞ୍ଚଳରେ ବ୍ୟାପକ କ୍ଷତି

■ରାଜାବନ୍ଧ ଓ ଜମ୍ବୀରା ନଦୀ ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ପ୍ରହ୍ଲାଦ ଦଳେଇଙ୍କ ଘର ଭିତରେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ପଶି ଯିବାରୁ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ନଷ୍ଟ ହୋଇଯାଇଛି । ଚିତ୍ରଡ଼ା ଦମକଳ ବାହିନୀ ପହଞ୍ଚି ପାଣି ନିଷ୍କାସନ କରିଥିଲା। ସେହିପରି ଚିତ୍ରଡ଼ାର ମୃତ୍ୟୁଞ୍ଜୟ ସେନାପତି, କୈଳାସଚନ୍ଦ୍ର ଖଣ୍ଡେଲୱାଲ ଘରେ ଏବଂ ବଜାରରେ ଥିବା ୧୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହରେ ପାଣି ପଶି ଥିବାରୁ ଲକ୍ଷାଧିକ ଟଙ୍କାର ଜିନିଷ ନଷ୍ଟ ହୋଇଥିବା ଆଶଙ୍କା କରାଯାଉଛି। ଭାଲିଆଡିହା ପଞ୍ଚାୟତର ଡାକୋଇ ଗ୍ରାମର ଭୁଗୁଲୁ ହେମ୍ବ୍ରମ, କମଳ ଟୁଡୁ, ମାଳତୀ ହେମ୍ବ୍ରମ, ନେଗୀ ଟୁଡୁଙ୍କ ଘରେ ମଧ୍ୟ ବର୍ଷା ଜଳ ପଶିଛି। ବରକନ୍ଦ ପଞ୍ଚାୟତରେ ମଧ୍ୟ କିଛି ଲୋକଙ୍କ ଘରେ ବର୍ଷା ଜଳ ପଶିଥିବା ସୂଚନା ମିଳିଛି । ବାରିପଦା–ଚିତ୍ରଡ଼ା–ଅମର୍ଦ୍ଦା ରାଜ୍ୟ ରାଜପଥର ରାଜାବନ୍ଧ ପୋଲ ଉପରେ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବନ୍ଦ ରହିବା ସହ ଏକ ଆମ୍ବୁଲାନ୍ସ ମଧ୍ୟ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଚିତ୍ରଡ଼ା– ମୋରଡ଼ା ମୁଖ୍ୟ ରାସ୍ତାର ଶିଳଦାସ୍ଥିତ ଜମ୍ବୀରା ନଦୀ ପୋଲ ଉପରେ ୩ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ୍ ହୋଇଯାଇଛି।



ଚିତ୍ରଡ଼ା ଗ୍ରାମର ମୃତ୍ୟୁଞ୍ଜୟ ସେନାପତିଙ୍କ ଘରେ ପଶିଥିବା ବର୍ଷାଜଳ।

# ସୋନ,ଦେଓ ନଦୀ ଜଳସ୍ତର ବୃଦ୍ଧି

ଉଦଳା,୨୫ା୭
(ସନ୍ତୋଷ କୁମାର ବାଛିନୀ)

ଲଗାଣ ବର୍ଷା ଯୋଗୁ କପ୍ତିପଦା ଉପଖଣ୍ଡର ସୋନ, ଦେଓ, ସଞ୍ଜ, କାଳ, ଗଙ୍ଗାହାର, କଣ୍ଟାଳ, ନାଲୁହା, ଟାଙ୍ଗଣା ନଦୀର ଜଳସ୍ତର ବୃଦ୍ଧି ପାଇଛି। ଗୁରୁବାର ରାତି ୧୦ଟାଠାରୁ ଲଗାଣ ବର୍ଷା ଜାରି ରହିଛି। ତେବେ ଯଦି ଏହିପରି ବର୍ଷା ଜାରି ରହେ ଏବଂ ଉପରମୁଣ୍ଡରେ ବର୍ଷା ଅଧିକ ହୁଏ ତେବେ କପ୍ତିପଦା ଉପଖଣ୍ଡରେ ସ୍ଥିତି ଭୟଙ୍କର ହେବା ଆଶଙ୍କା କରାଯାଉଛି। ବନ୍ୟା ଆସିଲେ ଉଦଳା, କପ୍ତିପଦା, ଗୋପବନ୍ଧୁନଗର, ନୀଳଗିରି ଓ ବାଲେଶ୍ୱର ଜିଲାର ତଳିଆ ଅଞ୍ଚଳବାସୀ ଅନେକ କ୍ଷତିଗ୍ରସ୍ତ ହେବେ। ସେପଟେ ଲଗାଣ ବର୍ଷା କାରଣରୁ ସୋନ ଏବଂ କାଳ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଥିବାରୁ ଡ୍ୟାମରେ ଜଳସ୍ତର ବିପଦ ସଂକେତ ଛୁଇଁବାକୁ ବସିଛି। ସୁରକ୍ଷା ଦୃଷ୍ଟିରୁ ସୋନ ଓ କାଳ ଡ୍ୟାମ ଗେଟ ଖୋଲିବାର ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଯାହାର ପ୍ରଭାବ ତଳିଆ ଅଞ୍ଚଳରେ ପଡ଼ିବ। ତେବେ ଏସଆରସି ଦେଇଥିବା ସୂଚନା ଆଧାରରେ ଯଦି ମାତ୍ରାଧିକ ବର୍ଷା ଜାରି ରହେ ତେବେ ଉପଖଣ୍ଡରେ ବନ୍ୟା ସ୍ଥିତି ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି।

# ୮୪୦୦ ଲିଟର ମହୁଲ ପୋଚ ନଷ୍ଟ



ଜବତ ପୋଚ ଓ ମଦରନ୍ଧା ସାମଗ୍ରୀ।

ମୋରଡ଼ା,୨୫ା୭(ସ୍ମାରକ ମାଝୀ)

## ଅବକାରୀ ଚଢ଼ାଉ

ମୟୂରଭଞ୍ଜ ଜିଲା ମୋରଡା ଅବକାରୀ ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮୪୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୪୪୦ ଲିଟର ଦେଶୀ ମଦ ଜବତ କରିଛି । ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ,ଏପିଆର ଫୋର୍ସ,ସଦର ରେଞ୍ଜ,ବାରିପଦା ସଦର, ମୋରଡା,ଦେଉଳି,ବେତନଟି ଅବକାରୀ ବିଭାଗ ମିଳିତ ହୋଇ ଶୁକ୍ରବାର ପୂର୍ବାହ୍ନ ୯ଟା ସମୟରେ ଭାଲୁକଟୁଆ ଗ୍ରାମରେ ବେଆଇନ ଭାବେ ଗଢି ଉଠିଥିବା ମଦ ଭାଟି ଉପରେ ଚଢ଼ାଉ କରି ୪୮୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୧୬୦ ଲିଟର ଦେଶୀ ମଦ ଜବତ କରିଛନ୍ତି । ସେହିପରି ହାଣ୍ଡିଭଙ୍ଗା ଗ୍ରାମରେ ଥିବା ମଦ ଭାଟି ଉପରେ ଚଢ଼ାଉ କରି ୩୬୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୪୪୦ ଲିଟର ମଦ ଜବତ କରାଯାଇଛି । ଏଥି ସହିତ ମଦ ତିଆରି ପାଇଁ ବ୍ୟବହୃତ ବିଭିନ୍ନ ସରଞ୍ଜାମ ମଧ୍ୟ ଜବତ କରିଛି ବିଭାଗ ।

# ଜିଲାପାଳଙ୍କ ଆଦେଶକୁ ବିଡିଓଙ୍କ ଅବମାନନା

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବଦଳି ପ୍ରସଙ୍ଗ

ବାରିପଦା,୨୫ା୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ ବଦଳି ଆଦେଶକୁ ଅଧିକାରୀମାନେ କାର୍ଯ୍ୟକାରୀ କରୁନାହାନ୍ତି। ବିକାଶ ମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ମାନଙ୍କୁ ଜିଲାପାଳ ବଦଳି କରିଥିବା ବେଳେ ସମ୍ପୃକ୍ତ ବ୍ଲକର ବିଡିଓମାନେ ଆଦେଶକୁ ଅବମାନନା କରିଛନ୍ତି। ଯାହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଦେଶ ପ୍ରକାଶ ପାଇବାର ୪୦ ଦିନ ବିତିବା ପରେ ମଧ୍ୟ ବିଡିଓମାନେ ଏହାକୁ କାର୍ଯ୍ୟକାରୀ ନ କରିବାରୁ ପିଇଓମାନେ ପୂର୍ବବତ ନିଜ ନିଜ ସ୍ଥାନରେ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପତ୍ର ନଂ. ୧୧୦୫/୧୪ା୬ ୨୦୨୫ରେ ବିଭିନ୍ନ ବ୍ଲକରେ କାର୍ଯ୍ୟରତ ୩୪ଜଣ ପିଇଓଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ୧୭ଟି ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୩୪ଜଣ ପିଇଓଙ୍କର ଅନ୍ୟ ବ୍ଲକକୁ ବଦଳି କରାଯାଇଥିଲା। ସେଥି ମଧ୍ୟରୁ ରାସଗୋବିନ୍ଦପୁର ଓ ଖୁଣ୍ଟା ବ୍ଲକର ୫ଜଣ ଲେଖାଏ, କପ୍ତିପଦା ବ୍ଲକର ୪ଜଣ, କରଞ୍ଜିଆ ବ୍ଲକର ୩ଜଣ, ଯଶୀପୁର, ବିଜାତଳା, ଠାକୁରମୁଣ୍ଡା, ଜିବିନଗର ଓ ସାରସକଣା ବ୍ଲକର ୨ଜଣ ଲେଖାଏ, ଉଦଳା, ବଡ଼ସାହି, ରରୁଆଁ, ଶୁକ୍ଳୀ, ଜାମଦା ଓ ବହଳଦା ବ୍ଲକର ଜେଣ ଲେଖାଏ ପିଇଓଙ୍କର ବଦଳି ଆଦେଶ ପ୍ରକାଶ ପାଇଥିଲା। ସମ୍ପୃକ୍ତ ବ୍ଲକର ବିଡିଓମାନଙ୍କୁ ତୁରନ୍ତ ରିଲିଭ କରିବାକୁ ଦର୍ଶାଯାଇଥିଲା । ଏନେଇ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ୪ ଉପଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜିଲା ପଞ୍ଚାୟତ ଅଧିକାରୀ ଅବଗତ କରିଥିଲେ। ତେବେ ନିର୍ଦ୍ଦେଶ ପ୍ରକାଶ ପାଇବାର ୪୦ଦିନ ବିତିଯାଇଥିଲେ ମଧ୍ୟ ଜଣେ କିମ୍ବା ଦୁଇ ଜଣ ବିଡିଓଙ୍କୁ ଛାଡିଦେଲେ ଅବଶିଷ୍ଟ ୧୫ଜଣ ବିଡିଓ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରି ନ ଥିବା ଜଣାପଡ଼ିଛି। ଫଳରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହେବା ଉଦ୍ଦେଶ୍ୟରେ କରାଯାଇଥିବା ଏହି ବଦଳି ହାସ୍ୟାସ୍ପଦ ହୋଇଛି। ତେବେ ଜିଲାପାଳଙ୍କ ବଦଳି ଆଦେଶକୁ କାହା ଇଙ୍ଗିତରେ ବିଡିଓମାନେ ମାନୁନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛ। ଆଦେଶ କାର୍ଯ୍ୟକାରୀ କରୁ ନ ଥିବା ବିଡିଓମାନଙ୍କ ବିରୋଧରେ ଜିଲାପାଳ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ବଜ୍ରପାତରେ ଚାଷୀ ମୃତ

ରାଇରଙ୍ଗପୁର,୨୫ା୭
(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବଦଳଦା ଥାନା ଅଧୀନ ଗମ୍ଭାରିଆ ଗାଁରେ ଶୁକ୍ରବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ କାଦୁଆଣି ଗାଁର ପରେଶ ଚନ୍ଦ୍ର ମହାନ୍ତ(୫୯)। ଅପରାହ୍ନ ୩ଟାରେ ପରେଶ ତାଙ୍କ ବିଲରେ ଚାଷ କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ରାଇରଙ୍ଗପୁର ମେଡିକାଲ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୫) ରୁଜୁ ହୋଇଛି।

# ବିଜେଡିର ନୂତନ ବ୍ଲକ୍ ଓ ପୌରାଞ୍ଚଳ ସଭାପତିଙ୍କ ନାମ ଘୋଷଣା

ବାରିପଦା,୨୫ା୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବ୍ଲକ ଓ ପୌରାଞ୍ଚଳର ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମୟୂରଭଞ୍ଜ–୧ ଜିଲା ନିର୍ବାଚନ ଅଧିକାରୀ ଅନନ୍ତ କୁମାର ଦାସ ପ୍ରେସ ବିଜ୍ଞପ୍ତି ଜରିଆରେ ନାମ ଘୋଷଣା କରିଛନ୍ତି। ବାରିପଦା ଟାଉନ ସଭାପତି ଭାବେ ପ୍ରଭାତ ମହାନ୍ତି, ବାରିପଦା ବ୍ଲକ ସଭାପତି ଭାବେ ସୁଜିତ କୁମାର ମହାନ୍ତ, ଖୁଣ୍ଟା ବ୍ଲକ ପାଇଁ ସୁଶାନ୍ତ ମିଶ୍ର, ଶୁଳିଆପଦା ବ୍ଲକ ପାଇଁ କାଳୀଚରଣ ଧଳ, ମୋରଡା ବ୍ଲକ ପାଇଁ ସଚ୍ଚିଦାନନ୍ଦ ମହାନ୍ତ, ରାସଗୋବିନ୍ଦପୁର ବ୍ଲକ ପାଇଁ ଜଗନ୍ନାଥ ଦାଶ, ଶ୍ୟାମାଖୁଣ୍ଟା ବ୍ଲକ ପାଇଁ ହରେକୃଷ୍ଣ ମହାନ୍ତ, କୁଳିଅଣା ବ୍ଲକ ପାଇଁ ଶୁଭ୍ରାଂଶୁ ଶେଖର ଦେଓବାବୁ, ବାଙ୍ଗିରିପୋଷି ବ୍ଲକ ପାଇଁ ବୀର କିଶୋର ମହାନ୍ତି, କପ୍ତିପଦା ବ୍ଲକ ପାଇଁ ପ୍ରଶାନ୍ତ କୁମାର ବେହେରା, ଉଦଳା ବ୍ଲକ ପାଇଁ ଗୋବିନ୍ଦ କୁମାର ନାୟକ, ଉଦଳା ଏନଏସି ପାଇଁ ସୌଭାଗ୍ୟ ସାହୁ, ଗୋପବନ୍ଧୁ ନଗର ବ୍ଲକ ପାଇଁ ସତ୍ୟବାନ ଉପାଧ୍ୟକ୍ଷ, ବଡ଼ସାହି ବ୍ଲକ ପାଇଁ ତପନ ପତି ଓ ବେତନଟୀ ବ୍ଲକ ପାଇଁ ରାଜୀବ ସେନାପତିଙ୍କ ନାମ ଘୋଷଣା କରାଯାଇଛି। ନୂତନ ସଭାପତିମାନଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଏହା ଦ୍ୱାରା ସଙ୍ଗଠନ ଆହୁରି ସୁଦୃଢ଼ ହେବ ବୋଲି ଆଶାବ୍ୟକ୍ତ କରାଯାଇଛି।

# ଇନ୍‌ଟାକ୍‌ର ତାଲିକାଭୁକ୍ତ ପ୍ରକଳ୍ପରେ ମୟୂରଭଞ୍ଜର ୬୦୦ ଐତିହ୍ୟ ସାମିଲ



ବେଲଗଡ଼ିଆ ପ୍ୟାଲେସରେ ଅନୁଷ୍ଠିତ ବୈଠକ।

ବାରିପଦା,୨୫ା୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚରାଲ ହେରିଟେଜ(ଇନ୍‌ଟାକ୍)ର ତାଲିକାଭୁକ୍ତ ପ୍ରକଳ୍ପରେ ମୟୂରଭଞ୍ଜର ୬୦୦ ଐତିହ୍ୟ ସାମିଲ ହୋଇଛି। ଏନେଇ ଇନ୍‌ଟାକ୍ ଓଡ଼ିଶା ଚାପ୍ଟର ପକ୍ଷରୁ ଏକ ବୈଠକ ବାରିପଦାସ୍ଥିତ ବେଲଗଡ଼ିଆ ପ୍ୟାଲେସରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାରେ ମଠ, ମନ୍ଦିର, ପ୍ରାଚୀନ ମୂର୍ତ୍ତି, ପ୍ରାସାଦ, ସେତୁ, ବନ୍ଧ, ରାସ୍ତା,ଆଦିବାସୀ ଐତିହ୍ୟ, ରେଳପଥ ଏବଂ ଏସିଆର ସର୍ବବୃହତ ଅମର୍ଦ୍ଦାରୋଡ୍ ବିମାନ ବନ୍ଦର ରହିଛି। ତେଣୁ ଜିଲାର ସମସ୍ତ ଐତିହ୍ୟ ସ୍ଥଳ ଏବଂ ଢାଞ୍ଚାର ତାଲିକାଭୁକ୍ତ, ମ୍ୟାପିଂ ଏବଂ ଡକ୍ୟୁମେଣ୍ଟେଶନ କରିବାର ମହତ୍ୱାକାଂକ୍ଷୀ ପ୍ରକଳ୍ପ ହାତକୁ ନିଆଯାଇଛି। ଇନ୍‌ଟାକ୍‌ର ରାଜ୍ୟ ସଂଯୋଜକ ଡ.ବିଶ୍ୱଜିତ ମହାନ୍ତି ତାଲିକାଭୁକ୍ତ ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ଜିଲାର ସମସ୍ତ ସଂରକ୍ଷିତ ଏବଂ ଅସୁରକ୍ଷିତ ଐତିହ୍ୟ ସ୍ମାରକୀ ଏବଂ ସ୍ଥାନଗୁଡ଼ିକୁ ତାଲିକାଭୁକ୍ତ ଏବଂ ବର୍ଗୀକରଣ କରିବାର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବାରିପଦା ଜିଲା ମୁଖ୍ୟାଳୟରୁ ଆରମ୍ଭ ହୋଇଛି। ରାଜ୍ୟ ଚାପ୍ଟର ଏବଂ ଇନ୍‌ଟାକ୍ ବାରିପଦା ଚାପ୍ଟର ମିଳିତ ଉଦ୍ୟମରେ ଏହାର ସଂଯୋଜକ ମେଜର ରବିନ୍ଦ୍ର ପରିଡ଼ାଙ୍କ ନେତୃତ୍ୱରେ ଜିଲାରେ ଥିବା ୬୦୦ରୁ ଅଧିକ ଐତିହ୍ୟ ସ୍ଥାନର ଡକ୍ୟୁମେଣ୍ଟେଶନ କରାଯାଉଛି। ସେହିପରି ସ୍ଥପତି ଅନିସା ସ୍ୱାଇଁ ସମଗ୍ର ଜିଲାରେ ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ନିୟୋଜିତ ରହିଛନ୍ତି। ଭାରତର ରାଷ୍ଟ୍ରପତି ଏହି ଜିଲାର ହୋଇଥିବାରୁ ତାଙ୍କ ପାଖରେ ରିପୋର୍ଟ ଉପସ୍ଥାପିତ କରାଯିବ ବୋଲି ସୂଚନା ମିଳିଛି। ଇନ୍‌ଟାକ୍‌ର ରାଜ୍ୟ ସହ ସଂଯୋଜକ ଅନୀଲ ଧିର ଅଧିକ ବିବରଣୀ ପ୍ରଦାନ କରିଥିଲେ। ଇନ୍‌ଟାକ୍‌ର ସଦସ୍ୟା ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଚଳଚ୍ଚିତ୍ର ନିର୍ମାତା ସୁବାସ ରଥ ଓ ଗୋଲକ ବିହାରୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ବିଭୁଦତ୍ତ ଦାସ ଧନ୍ୟବାଦ ଦେଇଥିଲେ।


**OFFICE OF THE ENGINEER-IN-CHIEF (CIVIL) ODISHA
NIRMAN SOUDHA, UNIT-V, BHUBANESWAR**

**INVITATION FOR BIDS**

E-mail ID:cebuildings_orissa@yahoo.co.in, cebuildings@rediffmail.com Tel.-(0674)-2391523
File No.B-I-SD&TE-(ITI)-12/2024 Lr.No.27848 Bhubaneswar,the 16th July,2025

No.B-323: **Invitation For Bids**
Bid Identification No.CE (B)- 17/2025-26

| | | |
|---|---|---|
| 1. | The Chief Engineer (Buildings-II), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **“Construction of Academic-cum-Workshop Buildings (GF, FF, SF) in respect of New Govt. I.T.I. Lakhanpur, Jharsuguda District”** as detailed below. | |
| 2. | Nature of Work | : **Building work** |
| 3. | No. of Work | : **01 No.** |
| 4. | Bid Cost | : **Rs.10,000/- (Each)** |
| 5. | Class of Contractor | : **‘A’/ Special Class** |
| 6. | Availability of Bid documents in the website | : **From dt.29.07.2025 to 17.00 Hours of dt.14.08.2025** |
| 7. | Date of Opening of Bid | : **Dt.16.08.2025 at 11.30 AM** |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Chief Engineer (Buildings-II), Odisha, Bhubaneswar
OIPR-34117/11/0123/2526

**CORRIGENDUM NOTICE**

No. i-241: In reference to the Tender Call Notice No. 01/BDOBNRPL/ANGUL/2025-26 published by the Panchayat Samiti Office, Banarpal, the following corrections and modifications are hereby made:

1. In the column “Class of Bidder” for Sl. No. **1 to 5**, the class has been mistakenly printed as ‘C & B’. It should be read as **‘C & D’** instead.
2. The last date of sale of tender paper is extended to **06.08.2025 upto 5 P.M.** instead of 28.07.2025.
3. The last date of receipt of tender paper is revised to **07.08.2025 upto 5 P.M.** instead of 29.07.2025.
4. The opening of tender will now be held on **08.08.2025 at 11.45 A.M.** instead of 31.07.2025.

All other terms and conditions of the original tender call notice shall remain unchanged.

By Order
**Sd./- Block Development Officer, Banarpal**
OIPR-19039/11/0007/2526

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**STATE INSTITUTE FOR RURAL DEVELOPMENT & PANCHAYATI RAJ**
Panchayati Raj and Drinking Water Department, Govt. of Odisha
No.1681/SIRD&PR, Bhubaneswar Date : 24.07.2025

**e-Tender Call Notice for procurement through GeM Platform**

**No.i-240** : SIRD&PR, Odisha, Bhubaneswar is going bulk purchase of Desktop, Printer, UPS & Inverter etc. for PESA Districts, SIRD&PR and different DPRCs of the State through competitive bidding process using the forward GeM Platform vide Bid No. GEM/2025/B/6469009, GEM/2025/B/6469735 and GEM/2025/B/6465604. Interested bidders may participate in the above mentioned online process. List & quantity of the items to be procured and detail terms & conditions are available in the website of PR & DW Department (https://panchayat.odisha.gov.in) and portal of SIRD&PR (https://pmssird.odisha.gov.in).

Sd./- DIRECTOR
SIRD&PR, ODISHA
P.R. & D.W. DEPTT., BHUBANESWAR
OIPR-19012/11/0001/2526

OFFICE OF THE No. C-747
**DHENKANAL MUNICIPAL COUNCIL, DHENKANAL**
**E-Procurement Notice**
Tender Call Notice No. 2797/DKLMPLTY / Date: 24.07.2025

| | | |
|---|---|---|
| 1. | Name of the Work | : Individual Civil Construction work published in the website |
| 2. | No. of works put to tender | : 01 No. individual works |
| 3. | Estimated Cost | : Rs.254.981 Lakhs |
| 4. | Period of Completion | : 12 Months |
| 5. | Date and time of availability of bid document in the portal | : From 11.00 hours of Dt.28.07.2025 to 17.30 of Dt.11.08.2025 |
| 6. | Last date/time for receipt of bids | : 17.30 hours of Dt.11.08.2025 |
| 7. | Date and time of opening of Technical bid | : 11.00 hours of Dt.12.08.2025 |
| 8. | Name and address of the Officer Inviting Bid | : Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal **https://tenderodisha.gov.in**.

**Sd./- Executive Officer
Dhenkanal Municipality**
OIPR-13146/11/0041/2526

**GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, JHARSUGUDA**
‘e’ Procurement Notice
Bid Identification No.SE MID JSD 03/2025-26
E-mail: eemijharsuguda@gmail.com
No.1991// MID// date 21.07.2025

No.A-437: The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the Works | : Civil Construction Work |
| 2. | Total No. of Works | : 01 (One) Nos. |
| 3. | Estimated Cost (Detail list of work annexed) | : Rs.52.00 Lakh |
| 4. | Class of Contractor | : As mentioned against work |
| 5. | Period of Completion | : As mentioned against work |
| 6. | Date & time of availability of Bid document in the portal | : **28.07.2025 to 11.08.2025 during office hours** |
| 7. | Last date/time for receipt of bid in the portal | : **11.08.2025 during office hours** |
| 8. | Date/Time of Opening of Technical Bid | : **12.08.2025 at 10.00 A.M.** at Office of the S.E.M.I. Divn. Jharsuguda |
| 9. | Date/Time of Opening of Financial Bid | : **13.08.2025 at 10.00 AM** |
| 10. | Lottery Date | : **14.08.2025 at 11.30 AM** at O/o the Superintending Engineer, M.I.Division Jharsuguda |
| 11. | Name & Address of the Officer Inviting the Bid | : Superintending Engineer, M.I.Division Jharsuguda |
| 12. | Mode of Payment of Bid Cost & Bid Security | : **Online** |

**Sd./- Superintending Engineer
M.I.Division, Jharsuguda**
OIPR-32291/11/0012/2526

No.CAD-1255
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT-II/E-284/24-25/1828 Dated : 21.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Supply, Delivery, Installation, Testing & Commissioning of Main Panel Distribution Board. 300KVAR APFC Panel, Main LT Panel, Cable and earthing for load sharing of the two nos existing 750 KVA transformer at Krushi Bhawan, Bhubaneswar.

| Procurement Officer | Bid Identification No. | Availability of Tender On-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ ELECT-II/e-27/25-26 | 28.07.2025 at 12.00 Hrs. | 12.08.2025 at 17.00 Hrs. |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website**.

Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0218/2526

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଚରମ୍ପା,୨୫।୭ (ଅମରେନ୍ଦ୍ର ପଣ୍ଡା)

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ଶ୍ରେଣୀ ପ୍ରଥମବର୍ଷର ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଦୁର୍ଗାଶଙ୍କର ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଡ.ପଦ୍ମନାଭ ପତ୍ରୀ, କମଳାକାନ୍ତ ଜେନା, ଅଜିତ୍ ଦାସ, ଲକ୍ଷ୍ମୀକାନ୍ତ ନାୟକ, ରଜତ ପ୍ରଧାନ, ତପନ କୁମାର ମଲ୍ଲିକ, ସାର୍ଥକ କୁମାର ଜେନା, ପ୍ରତାପ କୁମାର ନାୟକ, ରମେଶ ଦାସ, ସତ୍ୟନାରାୟଣ ବାରିକ, ମୃତ୍ୟୁଞ୍ଜୟ ଦାସ, ସସ୍ମିତା ସାହୁ, ଦିନେଶ ଦାସ, ଚିଦାନନ୍ଦ ଦାସ, ଅଶୋକ ଦାସ, ସନ୍ତୋଷ ସେଠୀ, ଅରୁନ୍ଧତୀ ମହାନ୍ତି, ସ୍ମୃତିରାଣୀ ମିଶ୍ର, ବନଜା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ଓ କଲେଜରେ ଦୈନିକ ପାଠ୍ୟ ଅଧ୍ୟୟନର ସମୟ ନିର୍ଘଣ୍ଟ ସୂଚୀପତ୍ର ପ୍ରଦାନ ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ମଞ୍ଚ ପରିଚାଳନା କରିଥିଲେ।

## କଂଗ୍ରେସର ଧାରଣା
# ବନ୍ଦର ଅଭିମୁଖେ ଗଡ଼ିଲାନି ଗାଡ଼ି

ବାସୁଦେବପୁର,୨୫।୭
(ନାରାୟଣ ପ୍ରସାଦ ବାରିକ୍)


ବିଧାୟକ ଅଶୋକ କୁମାର ଦାସଙ୍କ ସହ କଂଗ୍ରେସ କର୍ମକର୍ତ୍ତା ଧାରଣାରେ ବସିଛନ୍ତି।

ବାସୁଦେବପୁର-ଧାମରା ରାସ୍ତାରେ ପ୍ରତିଦିନ ଶତାଧିକ ଟ୍ରକ୍ ଧାମରା ବନ୍ଦରକୁ ଚଳାଚଳ କରୁଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗତ କିଛିବର୍ଷ ମଧ୍ୟରେ ଦୁର୍ଘଟଣାରେ ଶତାଧିକ ଲୋକ ମୃତାହତ ହୋଇଛନ୍ତି। ଏହି ରାସ୍ତାରେ ଧାମରା ବନ୍ଦରକୁ ଗାଡ଼ି ଚଳାଚଳ ବନ୍ଦ ଦାବିରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ବାସୁଦେବପୁର ବଜାର ଓ ବାଲିମୁଣ୍ଡା ବଜାରରେ ପୃଥକ୍ ଭାବେ ଅହୋରାତ୍ର ଧାରଣା ଦିଆଯାଇଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ସକାଳ ୭ଟାରୁ ଧାରଣା ଦିଆଯାଇଥିବା ବେଳେ ଧାମରା ବନ୍ଦର ଅଭିମୁଖେ କୌଣସି ଗାଡ଼ି ଗଡ଼ିନାହିଁ।

ବନ୍ଦରକୁ ଗାଡ଼ି ଚଳାଚଳ ପାଇଁ ଏକ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ନିର୍ମାଣ, ବେକାର ଶିକ୍ଷିତ ଯୁବତୀ ଯୁବକଙ୍କ ଯୋଗ୍ୟତା ଭିତ୍ତିରେ ଧାମରା ବନ୍ଦରରେ ନିଯୁକ୍ତି, ଜାମୁଝାଡ଼ିଠାରୁ ଧାମରା ରାସ୍ତାର ପ୍ରଶସ୍ତୀକରଣ, ବନ୍ଦର କମ୍ପାନୀ ପକ୍ଷରୁ ବାସୁଦେବପୁର ଅଞ୍ଚଳରେ ଉନ୍ନତୀକରଣ ଆଦି ଦାବି କରାଯାଇଛି। ବନ୍ଦର କର୍ତ୍ତୃପକ୍ଷ ଓ ସରକାର ସମସ୍ତ ଦାବି ପ୍ରତି ଦୃଷ୍ଟି ଦେଇ ସମାଧାନ କରିବାକୁ ବିଧାୟକ ଦାବି କରିଛନ୍ତି। ନଚେତ୍ ଏହି ଆନ୍ଦୋଳନ ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ତହସିଲଦାର ପ୍ରିୟବ୍ରତ ଦାସ ଓ ବନ୍ଦର କର୍ମଚାରୀ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସମାଧାନର ବାଟ ବାହାରି ନ ଥିବାରୁ ଆନ୍ଦୋଳନ ଜାରି ରହିଛି। ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ବାରିକ୍, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ସରପଞ୍ଚ ମଧୁସୂଦନ ପଣ୍ଡା, ତୌହିଦ ଖାଁ, ନିରଞ୍ଜନ ପଲେଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

### ବାସୁଦେବପୁର-ଧାମରା ରାସ୍ତାରେ ଚଳାଚଳ ବନ୍ଦ ଦାବି

## ସବ୍‌ମିଶନ କମିଟି ବୈଠକରେ ବିଭିନ୍ନ ଦାବି ଉପସ୍ଥାପନକଲେ ବିଧାୟକ

ଭଦ୍ରକ,୨୫।୭ (ସନାତନ ରାଉତ)

ଓଡ଼ିଶା ବିଧାନସଭା ପରିସରରେ ଶୁକ୍ରବାର ଅନୁଷ୍ଠିତ ସବ୍‌ମିଶନ କମିଟିର ପୂର୍ତ୍ତ ବିଭାଗ ବୈଠକରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଭଦ୍ରକ ସହର ମଧ୍ୟରେ ଥିବା ବ୍ରିଟିଶ ଅମଳର ରାଜଘାଟ ପୋଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ତାହାର ପୁନଃ ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ, ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ୧୬ ନଂ. ଜାତୀୟ ରାଜପଥର ନଳାଙ୍ଗଠାରୁ ସହର ଉପକଣ୍ଠରେ ପରିକଳ୍ପିତ ରିଙ୍ଗରୋଡ୍ ନିର୍ମାଣର କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥର ଚିଙ୍ଗୁଡ଼ିପୁରଠାରେ ରାଜପଥ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବା, ଭଦ୍ରକ ସହରରୁ ଭଦ୍ରକାଳୀ ପୀଠକୁ ଯାଇଥିବା ରାସ୍ତା ପ୍ରଶସ୍ତୀକରଣ, ସାଳନ୍ଦୀ ନଦୀର ସନ୍ଥିଆ, କୁଆଁସ ସେତୁ ଓ ରାନ୍ଦିଆ ଓଭରବ୍ରିଜ୍‌ର ରକ୍ଷଣାବେକ୍ଷଣ, ଉନ୍ନତୀକରଣ ଆଦି ବିଭିନ୍ନ ପ୍ରସଙ୍ଗରେ ବିଧାୟକ ଦାବି ଉପସ୍ଥାପନ କରିଥିଲେ। କମିଟିର ଅଧ୍ୟକ୍ଷ ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧ୍ୟକ୍ଷତାରେ ବୈଠକରେ ସଦସ୍ୟମାନେ ଉପସ୍ଥିତ ଥିଲେ।


ସବ୍‌ମିଶନ କମିଟି ବୈଠକରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟମାନେ।

## କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ସମ୍ପର୍କିତ ପ୍ରଶିକ୍ଷଣ


କର୍ମଶାଳାରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

ଭଦ୍ରକ,୨୫।୭
(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଓ ସ୍ଥାନୀୟ ଅଭିଯୋଗ କମିଟି(ଏଲ୍‌ସିସି)କୁ ନେଇ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ-୨୦୧୩ ବିଷୟରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ରାଷ୍ଟ୍ରୀୟ ଉଦ୍ୟୋଗ, ସ୍ୱାସ୍ଥ୍ୟକେନ୍ଦ୍ର, ହଷ୍ଟେଲ ଆଦି ବିଭିନ୍ନ କ୍ଷେତ୍ରରେ ହେଉଥିବା ଯୌନ ଶୋଷଣ ବାବଦରେ ସେମାନେ ଆଲୋଚନା କରିବା ସହ ଏହାକୁ କିପରି ରୋକାଯାଇ ପାରିବ ସେ ବିଷୟରେ ପରାମର୍ଶ ଦେଇଛନ୍ତି। କର୍ମକ୍ଷେତ୍ରରେ କୌଣସି ମହିଳାଙ୍କୁ ଇଚ୍ଛା ବିରୋଧରେ ଶରୀରକୁ ସ୍ପର୍ଶ କରିବା ପାଇଁ ଉଦ୍ୟମ, ଅଶ୍ଳୀଳ ମନ୍ତବ୍ୟ ଦେବା, ଅଶ୍ଳୀଳ ଫଟୋ ଦେଖାଇବା, ସାଙ୍କେତିକ ଆଚରଣ କରିବା ଆଦି ଯୌନ ଶୋଷଣ। କର୍ମକ୍ଷେତ୍ରରେ କୌଣସି ମହିଳା ଏପରି ଶୋଷଣର ଶିକାର ହେଉଥିଲେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଖାଉଟି କଲ୍ୟାଣ ସମିତି ସଭାପତି ଶିବ ପ୍ରସାଦ ମହାନ୍ତି, ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ଲଲାଟେନ୍ଦୁ ମହାନ୍ତି, ଆସିୟାନା ସମ୍ପାଦିକା ସୋଫିଆ ସେଖ୍ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

# ଭଦ୍ରକରେ ବଢ଼ିଚାଲିଛି ବ୍ରାଉନସୁଗାର କାରବାର

### ମାସେ ପୂରିନି, କେବଳ ଟାଉନ ପୋଲିସ ଜବତ କରିଛି ୫୬ ଗ୍ରାମ୍
### ଗିରଫ ହେଲେଣି ୧୧, ଅଧିକାଂଶ ଯାଜପୁର ଓ ଜଗତସିଂହପୁର ଅଞ୍ଚଳର

ଭଦ୍ରକ,୨୫।୭ (ସନାତନ ରାଉତ)

ଭଦ୍ରକ ସହର ସମେତ ଜିଲାର ଗଳିକନ୍ଦିରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ବିଭିନ୍ନ ସମୟରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଧଳାଜହର ବେପାରୀମାନଙ୍କୁ ଗିରଫ କରୁଥିଲେ ମଧ୍ୟ ଏହା ଥମିବାର ନାଁ ଧରୁନି। ଜୁଲାଇ ସରିବାକୁ ଆଉ ୫ ଦିନ ବାକି ଥିବାବେଳେ ଚଳିତ ମାସରେ କେବଳ ଭଦ୍ରକ ଟାଉନ ପୋଲିସ ୫୬.୭୩ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୫ଟି ମାମଲା ରୁଜୁ କରି ୧୧ ଜଣଙ୍କୁ ଗିରଫ କରିଛି। ଗୁରୁବାର ଟାଉନ ପୋଲିସ ସହରର ମୋଟେଲ ଛକଠାରେ ୧୧.୯୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୩ ଯୁବକଙ୍କୁ ଧରିଛି। ଏନେଇ ମାମଲା (ନଂ.୪୩୦/୨୫) ରୁଜୁ କରି ଖୋର୍ଦ୍ଧା ଜିଲା ଲକ୍ଷ୍ମୀସାଗର ଥାନା ଅଧୀନ ବୁଦ୍ଧେଶ୍ୱରୀ କଲୋନୀର ମୁନା ପାତ୍ର, ଯାଜପୁର ଜିଲା କଳସପୁରର ସତ୍ୟରଞ୍ଜନ ନାୟକ ଓ ଗରିଆପୁରର ସତ୍ୟପ୍ରକାଶ ବେହେରାଙ୍କୁ ଗିରଫ କରାଯାଇଛି।

ପ୍ରକାଶ ଯେ, ଚଳିତ ମାସ ୨ତାରିଖରେ ୧୦.୧୧ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିବା ବେଳେ ମାମଲା (ନଂ.୩୭୩/୨୫) ରୁଜୁ ହୋଇଥିଲା। ଏହି ମାମଲାରେ ଜଗତସିଂହପୁର ଲଲାସାହିର ଆଭିଜାତ୍ୟ ସାହୁ, ତୁଷାର ରଞ୍ଜନ ଦାସ, ସ୍ୱପ୍ନଜିତ୍ ପରିଜାଙ୍କୁ ଗିରଫ କରାଯାଇଥିଲା। ୧୦ ତାରିଖରେ ୧୬ନଂ. ଜାତୀୟ ରାଜପଥର ଡାହାଣୀଗଡ଼ିଆ ଛକଠାରେ ୧୧.୭୪ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିଲା। ଏନେଇ ଏକ ମାମଲା (ନଂ. ୩୯୦/୨୫) ରୁଜୁ କରାଯାଇ ଭଦ୍ରକ ପୁରୁଣାବଜାର ଥାନା ଅଧୀନ ହଳଦୀଡିହ ବାଇପାସ୍‌ର ଶେଖ୍ ସବୀର, କାଜିମହଲାର ହାସିମ ଖାଁ ଓ ନଙ୍ଗାମହଲାର ସାହାବାଜ ଖାଁଙ୍କୁ ଗିରଫ କରାଯାଇଥିଲା। ୧୯ ତାରିଖରେ ଡାହାଣୀଗଡ଼ିଆ ଛକଠାରେ ପୋଲିସ ୧୨.୦୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ମାମଲା (ନଂ. ୪୧୭/୨୫) ରୁଜୁ କରି ଯାଜପୁର ଜିଲା କୋରେଇ ଥାନା ଅଞ୍ଚଳର କାଓ୍ୱାଡ଼ି ଦୁଲାଲଙ୍କୁ ଗିରଫ କରିଥିଲା। ୨୦ ତାରିଖରେ ୧୦.୯୧ ଗ୍ରାମ୍ ବ୍ରାଉନସୁଗାର ଜବତ ସହ ମାମଲା (ନଂ.୪୧୮/୨୫) ରୁଜୁ କରାଯାଇ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ରତନପୁରର ଆକାଶ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ଭଦ୍ରକରେ ଏହି କାରବାରରେ ସମ୍ପୃକ୍ତ ଅଧିକାଂଶ ଯାଜପୁର ଓ ଜଗତସିଂହପୁର ଅଞ୍ଚଳର ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଏହାର ମାଷ୍ଟରମାଇଣ୍ଡ ପାଖରେ ପୋଲିସ ପହଞ୍ଚିପାରୁ ନ ଥିବାରୁ ଧଳାଜହର କାରବାର ବନ୍ଦ ହୋଇପାରୁ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ଧାମନଗରରେ ଖୋଲିବ ବରିଷ୍ଠ ଦେୱାନୀ ଅଦାଲତ

ଧାମନଗର,୨୫।୭ (ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

### ଭାଜପା, ଓକିଲ ସଂଘ ପକ୍ଷରୁ ଧନ୍ୟବାଦ

ଧାମନଗରରେ ନୂତନ ବରିଷ୍ଠ ଦେୱାନୀ ଅଦାଲତ ଖୋଲିବା ନେଇ ଘୋଷଣା ହୋଇଛି। ଏଥିପାଇଁ ଧାମନଗର ଭାଜପା ଏବଂ ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀ କରି ଧନ୍ୟବାଦ ଜଣାଇଛନ୍ତି। ପୂର୍ବାହ୍ନରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଭାଜପା ପକ୍ଷରୁ ଦଳୀୟ ନେତା ବିଜୟ କୁମାର ରାମଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଏମ୍‌ପିଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ନଗର ପ୍ରତିନିଧି ସରୋଜ ମହାପାତ୍ର, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର, ଅରବିନ୍ଦ ପତି, ସରୋଜ ମହାପାତ୍ର, ଶ୍ରୀଧର ବେହେରା, ଅଶୋକ ଦାଶ, ମନୋଜ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଭାଜପା ରାଜ୍ୟ ସଭାପତି ଏବଂ ହାଇକୋର୍ଟ ବିଚାରପତିଙ୍କୁ କୃତଜ୍ଞତା ଜଣାଇଥିଲେ। ଆଇନଜୀବୀ ଅଜିତ ଦାସ ଧନ୍ୟବାଦ ଦେଇଥିଲେ।

ସେହିପରି ଅପରାହ୍ନରେ ଧାମନଗର କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ଆଇନଜୀବୀ ରଣଜିତ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସଭାପତି ଅଶୋକ ଦାଶ, ପୂର୍ବତନ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଉପସଭାପତି ପ୍ରଜ୍ଞାପରମିତା ଦାଶ, ମିନତି ମଲ୍ଲିକ, ମନୋଜ ଗୁପ୍ତା, ଶାନ୍ତନୁ ଦାସ, ବିଜୟ ରାମ, ସନ୍ତୋଷ ତ୍ରିପାଠୀ, ସୌମ୍ୟରଞ୍ଜନ ସାହୁ, ସୁଦର୍ଶନ ସାମଲ, ଗୋପାଳ ବାରିକ, ଜୟନ୍ତୁଲ ଆବେଦିନ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି। ନୂତନ ବରିଷ୍ଠ ଦେୱାନୀ ଅଦାଲତ ଖୋଲିବା ଦ୍ୱାରା ବିଶେଷକରି ସଧାରଣ ଲୋକେ ସୁବିଧା ଓ ସହଯୋଗ ପାଇପାରିବେ। ଏହି ଅଞ୍ଚଳର ଲୋକଙ୍କୁ ଆଉ ଭଦ୍ରକ କୋର୍ଟକୁ ଯିବାକୁ ପଡ଼ିବ ନାହିଁ ବୋଲି ସମ୍ମିଳନୀରେ କୁହାଯାଇଥିଲା। କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରକାଶଥାଉ କି, ଧାମନଗରଠାରେ ଶୀତ ମହୋତ୍ସବ ସମୟରେ ଅତିଥି ହୋଇ ଆସିଥିବା ଆଇନ ମନ୍ତ୍ରୀଙ୍କ ନିକଟରେ ଧାମନଗର ଓକିଲ ସଂଘ ପକ୍ଷରୁ ଏନେଇ ଦାବି କରାଯାଇଥିଲା।


ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା।

## ଭଦ୍ରକ କଲେଜ ପଡ଼ିଆରେ ପାଳନ ହେବ ସ୍ୱାଧୀନତା ଦିବସ

ଭଦ୍ରକ,୨୫।୭ (ସନାତନ ରାଉତ)

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଶୁକ୍ରବାର ଅପରାହ୍ନ ୫ଟାରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ସ୍ୱାଧୀନତା ଦିବସ ପାଳନର ରୂପରେଖ ବାବଦରେ ଆଲୋଚନା କରିଥିଲେ। ଚଳିତବର୍ଷ ଭଦ୍ରକ କଲେଜ ପଡ଼ିଆରେ ପତାକା ଉତ୍ତୋଳନ ଓ ପରେଡ୍ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସ ପୂର୍ବରୁ ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱାଧୀନତା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଚଳିତବର୍ଷ ସ୍ୱାଧୀନତା ଦିବସ ସନ୍ଧ୍ୟାରେ ପ୍ରଥମଥର ପାଇଁ ଟାଉନ ହଲ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

## କଲେଜରେ କର୍ମଶାଳା

ଭଣ୍ଡାରିପୋଖରୀ,୨୫।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ନାଆଁମୀ ମହାବିଦ୍ୟାଳୟରେ ଗୁରୁବାର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ. ଅଜୟ କୁମାର ପ୍ରଧାନ ସଂଯୋଜନା କରିଥିବା ବେଳେ କମିଟିର ବରିଷ୍ଠ ସଦସ୍ୟ ଅଧ୍ୟାପକ ଅଶୋକ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ଅଧ୍ୟାପକ ବନମାଳୀ ପଣ୍ଡା, ଅଧ୍ୟାପିକା ଭାରତୀଲତା ପଣ୍ଡା, ମନୋରମା ଖଣ୍ଡାଇ ଓ ଅଧ୍ୟାପକ ଚିନ୍ତାମଣି ମହାକୁଡ଼ ଯୋଗଦେଇ ଛାତ୍ରୀଛାତ୍ର କୌଣସି ମାନସିକ କିମ୍ବା ଶାରୀରିକ ନିର୍ଯାତନାର ଶିକାର ହେଲେ କମିଟିକୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ।

## ସମିତି ଗୋଦାମ ପାଇଁ ଚିହ୍ନଟ ସ୍ଥାନ ପରିବର୍ତ୍ତନ ଦାବି

ଭଣ୍ଡାରିପୋଖରୀ,୨୫।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ନାଆଁମୀ ପ୍ରାଥମିକ କୃଷି ସମବାୟ ସମିତିର ପ୍ରସ୍ତାବିତ ନୂତନ ଗୋଦାମ ପାଇଁ ସ୍ଥାନ ନିରୂପଣକୁ ନେଇ ଅଭିଯୋଗ ହୋଇଛି। ଗୋଦାମ ଗୃହ ନିର୍ମାଣ ପାଇଁ ସମିତି ନିକଟରେ ସରକାରୀ ଜମି ରହିଛି। ମାତ୍ର ସମିତିଠାରୁ ଯଥେଷ୍ଟ ଦୂରରେ ଅଙ୍କାବଙ୍କା ରାସ୍ତାପାର୍ଶ୍ୱରେ ଏଥିପାଇଁ ଜମି ଚିହ୍ନଟ କରାଯାଇଛି। ମଞ୍ଜୁରୀରୋଡ୍ ରାଜସ୍ୱ ନିରୀକ୍ଷକ ନାଆଁମୀ ଗ୍ରାମର ଖାତା ନଂ. ୮୦୯ ଓ ପ୍ଲଟ୍ ନଂ. ୩୧୧୧ରେ ଏହି ଗୋଦାମ ନିର୍ମାଣ ପାଇଁ ସୁପାରିଶ କରିଛନ୍ତି। ଏହି ଜମି ଗୋଦାମ ଗୃହ ନିମନ୍ତେ ଅନୁପଯୋଗୀ। ଚିହ୍ନଟ ଜମିକୁ ପରିବର୍ତ୍ତନ କରି ସମିତି ସଂଲଗ୍ନ ଜମିକୁ ଗ୍ରହଣ କରାଯିବାକୁ ଆଶିଷ ରଞ୍ଜନ ପତି, କୃଷ୍ଣଚନ୍ଦ୍ର ମୁଖି, ଅଭିମନ୍ୟୁ ଯେନା, ରତ୍ନାକର ପାଢ଼ୀ, ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ସମିତିର ଶତାଧିକ ପଞ୍ଜୀକୃତ ଚାଷୀ ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ସ୍ଥିତି ଅନୁଧ୍ୟାନ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## 'ମାଳୀ ପରି ଯତ୍ନଶୀଳ ହେଲେ ପ୍ରସ୍ଫୁଟିତ ହେବେ ଶିଶୁ'

ତିହିଡ଼ି,୨୫।୭ (ସଞ୍ଜିତ ବଳ)

ଶିଶୁମାନେ କୋମଳ କଢ଼ି ସଦୃଶ। ସମସ୍ତେ ମାଳୀ ପରି ଯତ୍ନଶୀଳ ହେଲେ ଶିଶୁମାନେ ଠିକ୍ ରୂପେ ପ୍ରସ୍ଫୁଟିତ ହୋଇପାରିବେ ଏବଂ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳାରେ ମୁଖ୍ୟଅତିଥି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କହିଛନ୍ତି। କଟକର ସାମାଜିକ ସଙ୍ଗଠନ ସଂଯୋଗର ପରିଚାଳନା ଓ ଜିଲା ଶିଶୁ ସୁରକ୍ଷା ସମିତି ସହଯୋଗରେ ଆୟୋଜିତ କର୍ମଶାଳାରେ ବିଡିଓ ନିରଞ୍ଜନ ବାରିକ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ୟୁନିସେଫ୍‌ର ପରାମର୍ଶଦାତା ଡ. ମଧୁମିତା ଦାସ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷାରେ ପଞ୍ଚାୟତସ୍ତରୀୟ କମିଟିର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଡିଓ ମାନସ କୁମାର ଜେନା, ଜିପିଇଓ ପ୍ଲାବନ ପଣ୍ଡା, ଜିଲା ଶିଶୁ ସୁରକ୍ଷା ସମିତି ସଦସ୍ୟ ସୁବ୍ରତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ନିର୍ଯାତନା ଉପରେ ଆଲୋଚନା କରି ସମସ୍ତଙ୍କ ସହଯୋଗ ରହିଲେ ଏହାକୁ ରୋକାଯାଇ ପାରିବ ବୋଲି କହିଥିଲେ।

ସଂଯୋଗ ସମ୍ପାଦିକା ରିନି ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ ବିବରଣୀ ପ୍ରଦାନ କରିଥିଲେ। ଜୋନାଲ ପ୍ରକଳ୍ପ ପରିଚାଳିକା ରୁପାଲୀ ମହାନ୍ତି ସ୍ୱାଗତ ଭାଷଣ ଓ ତ୍ରିବେଣୀ ଟ୍ରଷ୍ଟ ଅଧ୍ୟକ୍ଷା ରଞ୍ଜୁଲତା ଗାହାଣ ଧନ୍ୟବାଦ ଦେଇଥିଲେ। ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ଚକ୍ରଧର ଦାସ, କୁନ୍ତଳା ମଲିକ, ପୁଷ୍ପାଞ୍ଜଳି ଲେଙ୍କା, ସୁପ୍ରଭା ପାଣି, ଯଶୋଦା ମଲ୍ଲିକ, ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର ଶତପଥୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀନବନ୍ଧୁ ମହାନ୍ତି, ଡ. ଅରୁଣ ପଣ୍ଡା, ଶାରଦା ବଳ, ସୁକାନ୍ତି ବାରିକ, ରୁନୁରାଣୀ ମଲିକ, ମନୋରଞ୍ଜନ ଦଳେଇ, ନଳିନୀକାନ୍ତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତଙ୍କ ସମେତ ସଂଯୋଗର କର୍ମକର୍ତ୍ତାମାନେ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ବଧୂହତ୍ୟା ମାମଲା: ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ୩ ବର୍ଷ ଜେଲ

ଭଦ୍ରକ,୨୫।୭ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ସ୍ପେଶାଲ ଟ୍ରାକ୍ କୋର୍ଟରେ ଶୁକ୍ରବାର ଏକ ବଧୂହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଜ୍ୟୋତିରଞ୍ଜନ ପଣ୍ଡା ମାମଲାର ବିଚାର କରି ମୃତ ମହିଳାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ୩ ବର୍ଷ ଜେଲ ସହ ୨ ହଜାର ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପୁନଶ୍ଚ ୩ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ବାଂଶଡ଼ା ଥାନା ଅଧୀନ ଗୋପୀନାଥପୁର ଗ୍ରାମର ରବିନାରାୟଣ ଜେନାଙ୍କ ପୁଅ କମଳାକାନ୍ତ ୮ ବର୍ଷ ତଳେ ତିହିଡ଼ି ଥାନା ଅଧୀନ ଦୋଳସାହି ଗ୍ରାମର ଦୀପା ଜେନାଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଦାବି କରି ସେ ଦୀପାଙ୍କୁ ନିର୍ଯାତନା ଦେଉଥିଲେ। ୨୦୨୩ ମେ' ୧ ରାତିରେ ଦୀପା ଆତ୍ମହତ୍ୟା କରିଥିବା ଶାଶୁଘର ଲୋକ ଜଣାଇଥିଲେ। ଦୀପାଙ୍କୁ ଶାଶୁଘର ଲୋକ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ତାଙ୍କ ଭାଇ ସଞ୍ଜୟ ଥାନାରେ ଅଭିଯୋଗ କରିଥିଲେ। ମୃତା ଦୀପାଙ୍କ ସ୍ୱାମୀ, ଶ୍ୱଶୁର ଓ ଶାଶୁ ମାଳତୀଙ୍କୁ କୋର୍ଟ ଏହି ଦଣ୍ଡ ଶୁଣାଇଛନ୍ତି। ସରକାରୀ ଓକିଲ ଅତୀଶ କୁମାର ବେହେରା ଓ ଜିତେନ୍ଦ୍ର କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

# ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭଙ୍ଗାଗଲା ତାଲା

### ଦୂର ହେଲା ଚାଇଁପୁର ସମିତିର ଅଚଳାବସ୍ଥା

ବନ୍ତ,୨୫।୭ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଚାଇଁପୁର ସେବା ସମବାୟ ସମିତିରେ ୩ ମାସ ଉର୍ଦ୍ଧ୍ୱ ହେଲା ତାଲା ପଡ଼ିରହିଥିଲା। ଫଳରେ ସମିତିର କୌଣସି କାର୍ଯ୍ୟ ହୋଇପାରୁ ନ ଥିଲା। ଗତ ଜୁନ୍ ୨୬ରେ ଉପଜିଲାପାଳଙ୍କ ଚିଠି ନଂ-୨୨୪୪(୩) ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମିତିର ତାଲା ଖୋଲିବା ସହ ସମସ୍ତ ରେକର୍ଡପତ୍ର ଜବତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗୁରୁବାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତିଙ୍କ ଉପସ୍ଥିତିରେ ସମିତିର ଅଫିସ୍ ତାଲା ଭଙ୍ଗାଯାଇଛି। ସମସ୍ତ କାଗଜପତ୍ର ଓ ଉପକରଣ ଜବତ କରାଯାଇଥିଲା। ପରେ ସମିତିର ଲେଜର କ୍ଲର୍କ ସୁଶୀଲ ଦାସଙ୍କୁ ସମସ୍ତ କାଗଜପତ୍ର, ରେଜିଷ୍ଟର, ଫାଇଲ ସମେତ କମ୍ପ୍ୟୁଟର ସେଟ୍ ଏବଂ ଆସବାବପତ୍ର ଜିମା ଦିଆଯାଇଛି। ବନ୍ତ ଥାନାଧିକାରୀ ମୋନାଲିସା କର, ରାଜସ୍ୱ ସୁପରଭାଇଜର ବ୍ରଜ କିଶୋର ଦାସ, ସମିତିର ସଭାପତି ଅଜୟ ନାୟକ, ବିବିସିସି ବ୍ୟାଙ୍କର ବନ୍ତ ଶାଖା ପରିଚାଳକ ଅସିତ ସ୍ୱାଇଁ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ସମିତିର ତାଲା ଭଙ୍ଗାଯିବାବେଳେ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତିଙ୍କ ସହ ଅନ୍ୟ ଅଧିକାରୀ।

ପ୍ରକାଶଥାଉ କି, ଏହି ସମିତିର ସମ୍ପାଦକଙ୍କ ମନମୁଖୀ ଓ ବେଆଇନ କାର୍ଯ୍ୟକୁ ବିରୋଧ କରି ସମିତିର ପରିଚାଳନା ପରିଷଦ ପକ୍ଷରୁ ଗତ ମାର୍ଚ୍ଚ ୨୯ରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ନିଲମ୍ବନ ପରେ ସମ୍ପାଦକ ରେକର୍ଡପତ୍ର ଓ ଆସବାବପତ୍ର ଜିମା ନ ଦେଇ ଅଫିସରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ସଭାପତି ବାଲେଶ୍ୱରସ୍ଥିତ ବିବିସିସି ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। କୌଣସି ସୁଫଳ ନ ମିଳିବାରୁ ସମିତିର ପରିଚାଳନା ପରିଷଦ ପକ୍ଷରୁ ସମବାୟ ମନ୍ତ୍ରୀ, ସଚିବ, ଜିଲାପାଳ, ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ଏଆର୍‌ସିଏସ୍ ଓ ଡିଆରସିଏସ୍‌ଙ୍କୁ ଅବଗତ କରାଯାଇଥିଲା। ମେ ୨୩ରେ ବିବିସିସି ବ୍ୟାଙ୍କ ବନ୍ତ ଶାଖାର ସହକାରୀ କର୍ମଚାରୀ ରଞ୍ଜନ ରାଉତଙ୍କୁ ଏହି ସମିତିର ସମ୍ପାଦକ ଦାୟିତ୍ୱ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ସେ ଦାୟିତ୍ୱ ନେଇ ନ ଥିଲେ। ପରେ ଜୁନ୍ ୯ରେ ପଧାନପଡ଼ା ସମିତିର ସମ୍ପାଦକଙ୍କୁ ଦାୟିତ୍ୱ ନେବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସେ ମଧ୍ୟ କୌଣସି କାରଣ ଦର୍ଶାଇ ଦାୟିତ୍ୱ ନେଇ ନ ଥିଲେ। ଜୁଲାଇ ୯ରେ ବାଲେଶ୍ୱର ସିଇଓଙ୍କ ପକ୍ଷରୁ ବିବିସିସି ବ୍ୟାଙ୍କ ସହକାରୀ କର୍ମଚାରୀ ରଞ୍ଜନଙ୍କୁ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ହୋଇଥିଲା। ଚଳିତ ମାସ ୧୦ ତାରିଖରେ ଭଦ୍ରକ ଏଆର୍‌ସିଏସ୍‌ଙ୍କ ପକ୍ଷରୁ ରଞ୍ଜନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ନିଲମ୍ବିତ ସମ୍ପାଦକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ରଞ୍ଜନ କୌଣସି କାରଣରୁ ଏପର୍ଯ୍ୟନ୍ତ ଦାୟିତ୍ୱ ନେଇନାହାନ୍ତି। ଗତ ୧୯ ତାରିଖଠାରୁ ସମସ୍ତ ସମିତିରେ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଏଠାରେ ହୋଇପାରି ନାହିଁ। ଏଣୁ ପ୍ରଶାସନ ପକ୍ଷରୁ ତାଲା ଭଙ୍ଗାଯାଇ ସମିତିର ଅଚଳାବସ୍ଥା ଦୂର କରାଯାଇଛି। ଚାଷୀମାନେ କିପରି ସୁବିଧାରେ ପଞ୍ଜୀକରଣ କରିପାରିବେ, ସେନେଇ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଭଦ୍ରକ ଡିଆର୍‌ସିଏସ୍‌ଙ୍କ ଚିଠି ନଂ.୯୩୧, ତା ୨୪।୭।୨୦୨୫ ରିଖ ଅନୁଯାୟୀ ବସନ୍ତିଆ ସମିତିର ସହକାରୀ ସମ୍ପାଦକ ଅଶୋକ କୁମାର ସାହୁଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜରୁରୀକାଳୀନ ପରିସ୍ଥିତିରେ ଚାଇଁପୁର ସମିତିର ଭାରପ୍ରାପ୍ତ ସମ୍ପାଦକ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ହୋଇଛି।

## ସଂକ୍ଷେପରେ

### ଟ୍ରେନ୍‌ରୁ ମୋବାଇଲ ଚୋରି, ଜଣେ ଗିରଫ

ଜଳେଶ୍ୱର, ୨୫।୭(ସତ୍ୟରଞ୍ଜନ ପ୍ରଧାନ)-ଟ୍ରେନ୍ ଯାତ୍ରା ବେଳେ ଜଳେଶ୍ୱରରୁ ବାଲେଶ୍ୱର ମଧ୍ୟରେ ବାରମ୍ବାର ମୋବାଇଲ ଛିନ୍‌ତାଇ ଓ ଚୋରି ହୋଇଆସୁଥିବା ଅଭିଯୋଗ ହୋଇ ଆସୁଥିଲା। ଗତ ମଙ୍ଗଳବାର ୪ଟି ମୋବାଇଲ ଚୋରି ସମ୍ପର୍କରେ ଜିଆର୍‌ପି ଏସ୍‌ପିଙ୍କ ନିକଟରେ ଅଭିଯୋଗ ହେବାରୁ ତାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଯାଜପୁର-ଖଡ଼ଗପୁର ଟ୍ରେନ୍‌ରେ ଆସୁଥିବା ବେଳେ ଏସ୍‌ପି ଫୋନ୍ ଟ୍ରାକିଂ କରି ଚୋରି ମୋବାଇଲକୁ ଜଣେ ବ୍ୟକ୍ତି ଧରି ଟ୍ରେନରେ ଆସୁଥିବା ସୂଚନା ପାଇଥିଲେ। ଉକ୍ତ ଟିମ୍ ଜଳେଶ୍ୱରରେ ପହଞ୍ଚିବା ପରେ ଜିଆର୍‌ପି ରଶ୍ମିରଞ୍ଜନ ପାଢ଼ି ଜଳେଶ୍ୱର ଥାନା ଅଧୀନ ଚନ୍ଦନା ଗାଁର ମାନସ ବ୍ରହ୍ମଙ୍କୁ ଧରିଥିଲେ। ତାଙ୍କ ନିକଟରୁ ୪ଟି ଚୋରି ମୋବାଇଲ ଜବତ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ ହୋଇଥିବା ଜିଆର୍‌ପି ସୂତ୍ରରୁ ପ୍ରକାଶ।

### ଅଭଣା ବେଳାଭୂମି ମହାବିଦ୍ୟାଳୟ ଅଧ୍ୟାପକଙ୍କ ଦେହାନ୍ତ

ବାହାନଗା, ୨୫।୭(ଅରୂପ କୁମାର ଦାସ): ବାହାନଗା ବ୍ଲକ ସୋର ଥାନା ଅଧୀନ ଅଭଣା ବେଳାଭୂମି ମହାବିଦ୍ୟାଳୟରେ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଧ୍ୟାପକ ନଗେନ ଚନ୍ଦ୍ର ଯେନା



(୫୫) ଗୁରୁବାର ଦେହାନ୍ତ ହୋଇଯାଇଛି। ଦୀର୍ଘଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଘର ଖରାସାହାପୁର ପଞ୍ଚାୟତର ଯେନା ସାହିରେ। ଗୁରୁବାର ସକାଳେ ନଗେନ୍ଦ୍ରଙ୍କ ଦେହ ହଠାତ୍ ଖରାପ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେହାନ୍ତ ଖବର ଶୁଣି ଗ୍ରାମବାସୀ, ଅଭଣାସ୍ଥିତ ବେଳାଭୂମି ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

କାଳିପଦା, ୨୫।୭(ରାଜଶ୍ରୀ ପାଣିଗ୍ରାହୀ)-ବାଲିଆପାଳ ବ୍ଲକ ଅଧୀନ କୁମ୍ଭାରୀ ଗ୍ରାମର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା କୁମ୍ଭାରୀ ପଞ୍ଚାୟତର ପୂର୍ବତନ



ସରପଞ୍ଚ ଚନ୍ଦ୍ରମୋହନ ଦେଙ୍କର ୯୬ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୯୮୮ରେ ସେ ରାଉରକେଲା ହାଇସ୍କୁଲରୁ ଅବସର ଗ୍ରହଣ କରିବା ପରେ କୁମ୍ଭାରୀ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ।

# ବାଲାଜୀ ମଠ ଉପରେ ନିର୍ମାଣାଧୀନ କୋଠାରେ ଝୁଲିବ ତାଲା

## ହାଇକୋର୍ଟ ରାୟ

ନୀଳଗିରି, ୨୫।୭(ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଗୁଣ୍ଡିଚା ମନ୍ଦିର ନିକଟ ବାଲାଜୀ ହନୁମାନଙ୍କ ମନ୍ଦିର ପାର୍ଶ୍ୱରେ ବିଭାଗର ବିନା ଅନୁମତିରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଚଞ୍ଚକତା କରି ପୁରୁଣା ମନ୍ଦିର ଭାଙ୍ଗି ନୂତନ ମନ୍ଦିର ନିର୍ମାଣ ବାହାନାରେ ଦୁଇମହଲା କୋଠା ନିର୍ମାଣ କରି ବ୍ୟବସାୟିକ ଫାଇଦା ନେଉଥିଲେ। ଏନେଇ ଜଗବନ୍ଧୁ ମୁନି ନାମକ ଜଣେ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶେଷରେ ଜୁଲାଇ ୧୪ତାରିଖରେ ଏହି ମାମଲାର ରାୟ ପ୍ରକାଶ ପାଇଛି। ଏହି ବେଆଇନ କୋଠାରେ ଥିବା ଦୋକାନ ବନ୍ଦ କରି ତାଲା ଝୁଲାଇବା ସହ ଆବଶ୍ୟକସ୍ଥଳେ ପୋଲିସ ଫୋର୍ସ ଧରି କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ନୀଳଗିରିରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ଠାରୁ ଟ୍ରଷ୍ଟବୋର୍ଡ ପୁନଃ କାର୍ଯ୍ୟକ୍ଷମ ହୋଇ ନ ଥିଲା। ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ହେମନ୍ତ ସାହୁ ଏହି ଟ୍ରଷ୍ଟବୋର୍ଡର ନୀତିନିୟମକୁ ଅବମାନନା କରି ବହୁ ଚଞ୍ଚକତା କରିଥିବା ନେଇ ପୂର୍ବରୁ ବିଭାଗ ତଦନ୍ତ କରିଥିଲା। ବିଭାଗୀୟ ପତ୍ର ସଂଖ୍ୟା ୧୧୭୧ରେ ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ. ୯୫, ଖାତା ନଂ. ୧୨୯/୧ ସାନଅତା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠା ନିର୍ମାଣ କରାଯାଇଛି। ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନ ମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରି କି ବ୍ୟବସାୟିକ ମନୋବୃତ୍ତିରେ ଦୁଇ ମହଲା କୋଠା କରାଯାଇ ଲୋକଙ୍କଠାରୁ ବେଆଇନ ଭାବେ ମୋଟା ଅଙ୍କର ଅର୍ଥ ସଂଗ୍ରହ କରାଯାଇଛି; ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି। ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଟ, ଏମବି ବହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ ପଞ୍ଜୀକରଣ କାଗଜପତ୍ର ଦାଖଲ କରାଯାଇନାହିଁ।

ତରବରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରିରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡୱାର ଷ୍ଟୋର ଏବଂ ଉପରମହଲା ଓ ତଳମହଲାରେ କେତେଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରି ଦାଖଲ କରାଯାଇଛି। ଯାହା ସମ୍ପୂର୍ଣ୍ଣ ବେଆଇନ ଓ ଏନେଇ ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ସାହୁଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏପରି କି ଏହି ସମ୍ପତ୍ତିରେ ରହିଥିବା ଗୃହକୁ ଅଦରକାରୀ ତଥା ପରିତ୍ୟକ୍ତ ବୋଲି ଦର୍ଶାଇ ୨୦୨୨ ଫେବୃୟାରୀ ୨୮ରେ ବାଲେଶ୍ୱର ପୂର୍ତ୍ତ ବିଭାଗର ପତ୍ରସଂଖ୍ୟା ୧୯୮୫ରେ ଖାତା ନଂ. ୧୨୯ ବୋଲି ଉଲ୍ଲେଖ କରାଯାଇ ମଠ ବିପଦପୂର୍ଣ୍ଣ ଦର୍ଶାଇ ପୂର୍ବ ନିର୍ଦ୍ଦେଶରେ ଭାଙ୍ଗି ଦିଆଯାଇଥିଲା। ନୀଳଗିରି ପୂର୍ତ୍ତ ବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ ସମୟରେ ମଠ ସମ୍ପତ୍ତିକୁ ବିପଦପୂର୍ଣ୍ଣ ଦର୍ଶାଯିବା ଓ ନୀଳଗିରି ଏନ୍‌ଏସିର ଜଣେ ପୂର୍ବତନ ଅଧିକାରୀଙ୍କ ସମୟରେ ଏନ୍‌ଏସିରେ କାଗଜପତ୍ରରେ ଚଞ୍ଚକତା କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇ ଅଧିକାରୀଙ୍କ ମଧ୍ୟରୁ ଜଣେ ଦି' ମହଲା କୋଠାର ଏକ ଅଂଶରେ ଲୁଗା ଦୋକାନ କରିଛନ୍ତି। ସମସ୍ତ ଦସ୍ତାବିଜ ଏବଂ ବିଭାଗୀୟ ତଦନ୍ତ ରିପୋର୍ଟକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପିସି ନଂ. ୨୮୪୯୧/୨୪ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ଏନେଇ ୨୪ତାରିଖରେ ଦେବୋତ୍ତର କମିଶନର ଏବଂ ସହକାରୀ କମିଶନର ଉକ୍ତ ଦୁଇମହଲା କୋଠା ନିକଟରେ ପହଞ୍ଚି ଅନୁଧ୍ୟାନ କରି ନୀଳଗିରି ଉପଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଫୋର୍ସ ଧରି ଉକ୍ତ ବେଆଇନ ଦୋକାନଗୁଡ଼ିକୁ ବନ୍ଦ କରାଯାଇ ତାଲା ଝୁଲାଇବାକୁ ବିଚାରପତି କେ.ଆର୍. ମହାପାତ୍ର ଓ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି।

# ଯୋଗଦେଲେ ୪ ଜିଲାର ଅଧିକାରୀ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଜାତୀୟ ସେବା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ

ରେମୁଣା, ୨୫।୭(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ରେମୁଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀମାନେ ଉପସ୍ଥିତ ଥିଲେ।

ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍, ସମ୍ମାନିତ ଅତିଥି ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟକ୍ରମ ସଂଯୋଜକ ଡ. ବିଶ୍ୱମୋହନ ଜେନା ଓ ରେମୁଣା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମାଳତୀ ସାମଲ ଯୋଗଦେଇ ଜାତୀୟ ସେବା ଯୋଜନାର ସଫଳ ରୂପାୟନ ପାଇଁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପିକା ଡ. ଏଲିନା ମହାପାତ୍ର ଅତିଥି ପରିଚୟ, ଅଧ୍ୟାପକ ଅରିନ୍ ପତି ବେଦପାଠ କରିଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ବାଲ୍ ଉମଙ୍ଗ ଦୃଶ୍ୟ ସଂସ୍ଥା ଅନ୍ତର୍ଗତ ଯୁବପିଢ଼ିଙ୍କ ନିମନ୍ତେ ଶାରୀରିକ ଦକ୍ଷତା ମୂଲ୍ୟାୟନ ସମ୍ବନ୍ଧୀୟ ଶିକ୍ଷା ବିଷୟରେ କପ୍ତିପଦା ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ. ଦିପାଳୀ ମହାନ୍ତ ବକ୍ତବ୍ୟ ରଖିଥିଲେ।

ଆଭାସୀ ମାଧ୍ୟମରେ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ମୋ ଯୁବ ଭାରତ ବିଷୟରେ ଆଲୋକପାତ କରିଥିଲେ। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ହୃଷୀକେଶ ପଣ୍ଡା, ଭଦ୍ରକ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା, ମୟୂରଭଞ୍ଜ ଜିଲା ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମନୋଜ ରଞ୍ଜନ ଦାଶ ଓ ପ୍ରୋଗ୍ରାମ ଅଫିସର ରାଜେନ୍ଦ୍ର କମିଳା ପ୍ରମୁଖ ସଂଯୋଜନା କରିଥିଲେ। ପ୍ରୋଗ୍ରାମ ଅଫିସର ରାଜେନ୍ଦ୍ର କମିଳା ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟକ, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା



ତାଳସାରୀ ବେଳାଭୂମିରେ ଲାଗିଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା।

ଭୋଗରାଇ, ୨୫।୭(ପ୍ରଦୀପ ଦାସ)

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପଶ୍ଚିମବଙ୍ଗ ଓ ବାଂଲାଦେଶ ଗାଙ୍ଗେୟ ସମତଳ ଅଞ୍ଚଳରେ ଘନୀଭୂତ ହୋଇ କ୍ରମଶଃ ଉତ୍ତରପଶ୍ଚିମ ଦିଗକୁ ଘଣ୍ଟାକୁ ୩କି.ମି. ବେଗରେ ଗତି କରୁଥିବା ପାଣିପାଗ ଜଳବାୟୁ ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଏହି ଲଘୁଚାପ ଧୀରେ ଧୀରେ ଉତ୍ତର ଓଡିଶା ଓ ଝାଡ଼ଖଣ୍ଡ ଅଞ୍ଚଳକୁ ମୁହାଁଇବାକୁ ଯାଉଥିବା ବେଳେ ବାଲେଶ୍ୱର ଓ ମୟୂରଭଞ୍ଜରେ ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି।

ଲଘୁଚାପ ପ୍ରଭାବରେ ଶୁକ୍ରବାର ସକାଳଠୁଁ ଆକାଶ ଅନ୍ଧାର ହୋଇ ମେଘାଛନ୍ନ ରହିଛି। ରାତି ବଢୁଥିବା ବେଳେ ପାଗରେ ଅବନତି ମଧ୍ୟ ହେଉଛି। ଜିଲାର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ବର୍ଷା ହେଉଥିବା ବେଳେ ଝଟକା ବତାସର ବେଗ ବଢୁଛି। ଶୁକ୍ରବାର ସକାଳ ୮ଟା ସୁଦ୍ଧା ବାଲେଶ୍ୱର ଜିଲା ସୋରରେ ସର୍ବାଧିକ ୮୪ ମି.ମି. ସହ ୧୨ଟି ବ୍ଲକରେ ୨୩୬ମି. ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅମାବାସ୍ୟା ତିଥି ସହ ଲଘୁଚାପ ଘନୀଭୂତ ହେବାରୁ ସମୁଦ୍ର ଉତ୍ତାଳ ହୋଇଛି। ସମୁଦ୍ରର ଅଶାନ୍ତ ରୂପ ଦେଖି ପର୍ଯ୍ୟଟକ ଓ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନ ଯିବା ଲାଗି ପ୍ରଶାସନ ଓ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି। ଲଘୁଚାପ ବର୍ଷା ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ କାଳ ହୋଇଥିବା ବେଳେ ଉଚ୍ଚଜମି ଧାନ ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ସମୁଦ୍ରର ଉତ୍ତାଳ ଢେଉ କୂଳଆଡକୁ ମାଡିଆସି ତଟ ସୁରକ୍ଷା ବନ୍ଧରେ କଚାଡି ହୋଇପଡୁଛି। ଦୀଘା, ଉଦୟପୁର, ତାଳସାରୀ ଓ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଥିବା ବେଳେ ମାଛଧରା ଡ଼ଙ୍ଗା ଓ ଟ୍ରଲରଗୁଡିକ କୂଳରେ ଲାଗିଛି।

## ରାସ୍ତା ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର

ନୀଳଗିରି, ୨୫।୭(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି-ପଞ୍ଚଲିଙ୍ଗେଶ୍ୱର-ସନ୍ତରାଗଡ଼ିଆ ରାସ୍ତା ନିର୍ମାଣ ପାଇଁ ବାଧକ ଥିବା ଇକୋ ସେନସିଟିଭ ଜୋନ୍‌ର ମନିଟରିଂ କମିଟିରେ ଅନୁମୋଦନ କରାଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଚିଠି କରିଥିଲେ। ଶୁକ୍ରବାର ମନ୍ତ୍ରୀ ବାଲେଶ୍ୱର ଗସ୍ତରେ ଆସିଥିବା ବେଳେ ପୁନର୍ବାର ଏମ୍‌ପି ମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନେଇ ଟେକ୍ନିକାଲ ପ୍ରୋବ୍ଲେମ ଏବେ ସମାଧାନ ହୋଇସାରିଛି ଏବଂ ଏକ ମନିଟରିଂ କମିଟି ଖୁବ୍‌ଶୀଘ୍ର ଗଠନ ହେବ ବୋଲି କହିଥିଲେ। ଏବେ ଖୁବ୍‌ଶୀଘ୍ର ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଓ ବିଭାଗୀୟ ସେକ୍ରେଟାରୀ, ଜିଲାପାଳ ଓ ଅନ୍ୟ ଅଧିକାରୀ ଜଣାଇଛନ୍ତି। ଏହା ଦ୍ୱାରା ଦୀର୍ଘଦିନ ସମ୍ମୁଖୀନ ହେଉଥିବା ଅସୁବିଧାର ସମାଧାନ ହୋଇପାରିବ।



ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ।

# ରାସ୍ତା ଅବସ୍ଥା ଦୟନୀୟ

ସୋର, ୨୫।୭(ଜନ୍ମେଜୟ ମିଶ୍ର)

ସୋର ପୌରପରିଷଦ ଅଧୀନ ବାମ୍ପିଛକଠାରୁ ସିମୁଳିଆ ନିର୍ବାଚନମଣ୍ଡଳୀର ସିମୁଳିଆ ବ୍ଲକ ଅଧୀନ କ୍ଷୀରକୋଣା ପଞ୍ଚାୟତ ଯାଏ ୧୨ କି.ମି. ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ସୋର ଓ ସିମୁଳିଆ ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବା ଏହି ରାସ୍ତା ଖୁବ ଗୁରୁତ୍ୱ ବହନ କରିଥାଏ। ସିମୁଳିଆ ନିର୍ବାଚନମଣ୍ଡଳୀର କ୍ଷୀରକୋଣା, ଚାଲୁଣିଗାଁ, ରସିଦପୁର ଆଦି ପ୍ରାୟ ୪/୫ଟି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିପରି ସୋର ନିର୍ବାଚନମଣ୍ଡଳୀର କେଦାରପୁର, ତେତେଇଁ, ବାଲଙ୍ଗ ଆଦି ପଞ୍ଚାୟତର ନଦୀକୂଳିଆ ଗ୍ରାମବାସୀ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି। ଏହି ରାସ୍ତା ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା। ଏହା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ୧୨ କି.ମି. ରାସ୍ତାର ମରାମତି ଓ ପ୍ରଶସ୍ତିକରଣ ନିମନ୍ତେ ସୋର ବ୍ଲକ କେଦାରପୁରପୁର ପଞ୍ଚାୟତ ଓ ସିମୁଳିଆ ବ୍ଲକର ଚାଲୁଣିଗାଁ ଓ କ୍ଷୀରକୋଣା ପଞ୍ଚାୟତବାସୀଙ୍କ ପକ୍ଷରୁ ଏକ ଦସ୍ତଖତ ସମ୍ବଳିତ ଦାବି ପୂର୍ତ୍ତ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। କେଦାରପୁର ପଞ୍ଚାୟତ ହାଜିପୁର ଗ୍ରାମର ଭାଜପାର ବରିଷ୍ଠ ନେତା ମିହିର ପାଣିଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମନ୍ତ୍ରୀ ହରିଚନ୍ଦନଙ୍କୁ ବାସଭବନରେ ଭେଟି ପ୍ରଦାନ କରିଥିବାରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ସୁଦୃଢ଼ ହେବ ଗ୍ରାମାଞ୍ଚଳ ଅର୍ଥନୀତି

■ଜିଲାସ୍ତରୀୟ ସମନ୍ୱୟ ବୈଠକ
■ଜୀବିକା କାର୍ଯ୍ୟଖସଡ଼ା ପାଇଁ ପ୍ରସ୍ତୁତି

ବାଲେଶ୍ୱର, ୨୫।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୀବିକା କାର୍ଯ୍ୟକଳାପଗୁଡ଼ିକୁ ଓର୍ମାସ, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଏବଂ ମିଶନ ଶକ୍ତି ଅନ୍ତର୍ଗତ ସଂଯୋଜନ ଓ ବ୍ୟାପକ ଭାବେ ପ୍ରଚାର କରିବା ଏହାର ଲକ୍ଷ୍ୟ। ଏହି ପଦକ୍ଷେପ ଜିଲାର ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ ସହ ବୃହତ୍ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ।

ବୈଠକରେ ବିଡିଓ, ଜୀବିକା ଟିମ୍, ଜିଲା ପରିଷଦ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଉତ୍ପାଦକ ଗୋଷ୍ଠୀମାନେ ଛୋଟ ଓ ସୀମିତ ଉତ୍ପାଦକଙ୍କୁ ସଂଘବଦ୍ଧ କରି ସାମୂହିକ ଉତ୍ପାଦନ ମୂଲ୍ୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଅନ୍ତି। ପ୍ରତ୍ୟେକ ବ୍ଲକରୁ ଏକ ମୁଖ୍ୟ ଜୀବିକା କାର୍ଯ୍ୟକଳାପ ଚିହ୍ନଟ କରି, ମିଶନ ମୋଡ଼ରେ ତାହାକୁ ବିକାଶ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଦରରେ ଫୁଡ୍ ଟ୍ରାକ୍, ରେମୁଣାରେ ଟେରାକୋଟା, ନୀଳଗିରିରେ ଲାଖ-ମହୁ-ତେନ୍ତୁଳି, ଜଳେଶ୍ୱରରେ କୁଲହାଡ଼, ଖଇରାରେ ମସଲା, ସିମୁଳିଆରେ ଅଗରବତି, ସୋରରେ ହସ୍ତତନ୍ତ, ବାହାନଗାରେ ଝୋଟ, ବାଲିଆପାଳରେ ଆପ୍ଲିକେ ଓ ସବାଇ, ଭୋଗରାଇରେ କୋଇର, ବସ୍ତାରେ ଛତୁ ଓ ଶାଳପତ୍ର, ଔପଦାରେ ଟେରାକୋଟା କାର୍ଯ୍ୟକଳାପ ଚିହ୍ନଟ ହୋଇଛି। ପ୍ରତି ବ୍ଲକ ପକ୍ଷରୁ ନିଜସ୍ୱ ଯୋଜନା, ଆବଶ୍ୟକତା ଓ ବଜାର ସମ୍ଭାବନା ବିଷୟରେ ଉପସ୍ଥାପନ କରାଯାଇଥିଲା। ଜିଲା ପରିଷଦ ସିଡିଓ ସଞ୍ଜୟ କୁମାର ରାଉତ ବ୍ଲକସ୍ତରରେ କାର୍ଯ୍ୟାନୁଷ୍ଠାନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଓର୍ମାସ ଦ୍ୱାରା ରିଲାଏନ୍ସ ରିଟେଲ, ମଦର ଡେଏରି, ଆଇଟିସି, ଟ୍ରିଫେଡ୍, ଉତ୍କଳିକା, ବୟନିକା, ନାଫେଡ଼ ସହ ସହଯୋଗ ମାଧ୍ୟମରେ ଗ୍ରାମୀଣ ଉତ୍ପାଦ ପାଇଁ ବଜାର ସୃଷ୍ଟି କରାଯାଉଛି। ସୁଭଦ୍ରା ଶକ୍ତି ବଜାର, ଓରମାସ ମାର୍ଟ, କୋଶମ୍ବୀ, ଆମାଜନ୍, ମିଶୋ ଭଳି ଚ୍ୟାନେଲ ମାଧ୍ୟମରେ ବିକ୍ରୟ ସୁବିଧା ମିଳିବ। ଏଫ୍‌ଏସ୍‌ଏସ୍‌ଆଇ ଲାଇସେନ୍ସ, ପ୍ୟାକେଜିଂ, ନିୟମିତ ଲାବ୍ ପରୀକ୍ଷା ଓ ପୋଷଣ ଟ୍ୟାଗ ମାଧ୍ୟମରେ ଗୁଣବତ୍ତା ନିଶ୍ଚିତ କରାଯିବ।

# ନୂତନ ଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର, ୨୫।୭(କମଳାକାନ୍ତ ଦାସ)

ବାଲିଆପାଳ ବ୍ଲକ ଅଧୀନ ଲଙ୍ଗଳେଶ୍ୱର ଦୁର୍ଗାପ୍ରସନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା।

ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ କୁମାର ନନ୍ଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ନନ୍ଦି, ସମ୍ମାନିତ ଅତିଥି ଭାବେ ସମ୍ପାଦକ ଗଗନ ବିହାରୀ ବାରିକ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ସହିତ ସାମାଜିକ ସଂସ୍କାର ଶିଖିବା ନିହାତି ଦରକାର। ଉଚ୍ଚ ମନା ଓ ଆଶାବାଦୀ ଛାତ୍ର ସମାଜରେ ନିଶ୍ଚିତ ପ୍ରତିଷ୍ଠିତ ହୋଇପାରିବ ବୋଲି କହିଥିଲେ। ଅଧ୍ୟାପକ ଭୂପତି ଭୂଷଣ ପରିଡ଼ା ସଭା ସଞ୍ଚାଳନ କରିବା ସହିତ ଅଧ୍ୟାପକ କାର୍ତ୍ତିକ ଦାସ, ଅତିଥି ପରିଚୟ ଏବଂ ଅଧ୍ୟାପକ ପ୍ରଦୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କର୍ମଚାରୀ ଗୌରହରି ବେହେରା, ସଞ୍ଜିତା ଦାସ, ରଞ୍ଜିତ କୁମାର ଜେନା, ଅମରେନ୍ଦ୍ର ପରିଡ଼ା, ଅମିତ କୁମାର ଗିରି, ଲକ୍ଷ୍ମୀଧର ପାଲ, ପ୍ରଶାନ୍ତ ବିଶ୍ୱାଳ, ବଲ୍ଲବୀ ମହାପାତ୍ର, କୃଷ୍ଣନାରାୟଣ ଜେନା, ନାରାୟଣ ପରିଡ଼ା, ଅରୁଣ କୁମାର ସେଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ମୁକୁଳା ଡ୍ରେନ୍ ଗୋରୁଙ୍କ ପାଇଁ ମରଣଯନ୍ତା

## ଷଣ୍ଢକୁ ଉଦ୍ଧାରକଲା ଅଗ୍ନିଶମ ବାହିନୀ

ବାଲିଆପାଳ, ୨୫।୭(ଗୋପାଳ ଚନ୍ଦ୍ର ସାହୁ)

ଜଳ ନିଷ୍କାସନ ଲାଗି ରାସ୍ତାକଡ଼ରେ ଡ୍ରେନ୍ ବ୍ୟବସ୍ଥା କରୁଛନ୍ତି। ମାତ୍ର ବୁଲାଗୋରୁଙ୍କ ସହିତ ଜନସାଧାରଣଙ୍କ ନିରାପତ୍ତା ପ୍ରତି ଠିକାଦାରମାନେ ଧ୍ୟାନ ଦେଉ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗୁରୁବାର ରାତିରେ ବାଲିଆପାଳ ଲଙ୍ଗଳେଶ୍ୱର ମୁଖ୍ୟରାସ୍ତାର ଦେଉଳା ପଞ୍ଚାୟତ ଅଧୀନ କଟିସାହିଠାରେ ପୂର୍ତ୍ତ ବିଭାଗର ରାସ୍ତା ପାର୍ଶ୍ୱ ମୁକୁଳା ଡ୍ରେନ୍‌ରେ ଏକ ବୁଲା ଷଣ୍ଢ ଖସି ପଡ଼ି ରାତି ସାରା ମୃତ୍ୟୁ ସହିତ ସଂଗ୍ରାମ କରି ନିସ୍ତେଜ ହୋଇପଡ଼ିଥିଲା। ଗ୍ରାମବାସୀ ଶୁକ୍ରବାର ସକାଳେ ଡ୍ରେନ୍ ଭିତରେ ନିସ୍ତେଜ ହୋଇପଡ଼ିଥିବା ଷଣ୍ଢକୁ ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଉକ୍ତ ବିଷୟରେ ଦେଉଳା ସରପଞ୍ଚ ସରୋଜ ପିଳାଙ୍କୁ



ଖବର ଦେଇଥିଲେ। ସରପଞ୍ଚ ପିଳା ବାଲିଆପାଳ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିଥଲେ। ନିମାଇଁ ବିଶ୍ୱାଳ, ନିଗମାନନ୍ଦ ବେହେରା, ରାଜେନ୍ଦ୍ର ଜେନା, ଲକ୍ଷ୍ମୀଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ରଣାଙ୍କ ସହିତ କଟିସାହି ଗ୍ରାମର ବହୁ ଗ୍ରାମବାସୀ ଷଣ୍ଢ ଉଦ୍ଧାର କରିବାରେ ସହଯୋଗ କରିଥିଲେ। ତେବେ ପୂର୍ତ୍ତ ବିଭାଗର ଏହିପରି ଖାମଖିଆଲି କାର୍ଯ୍ୟକ୍ରମ ଯୋଗୁ ନିରୀହ ଷଣ୍ଢଟି ଗୋଟିଏ ରାତି ମରଣ ସହିତ ଲଢେଇ କରିବାକୁ ପଡ଼ିଲା। ଏଭଳି ଘଟଣାକୁ ଦୂରେଇବା ପାଇଁ ମୁକୁଳା ଡ୍ରେନ୍ ଉପରେ ତୁରନ୍ତ ଢାଙ୍କୁଣି ପକାଇବାକୁ କଟିସାହି ଗ୍ରାମବାସୀ ସରକାରଙ୍କଠାରେ ଦାବି କରିଛନ୍ତି।

# ମରାମତି ହେଉନି ପଳସା-ଡୁଙ୍ଗୁରା ରାସ୍ତା

## ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି ଯାତ୍ରୀ

ଖଇରା, ୨୫।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରମୁଖ ପଳସା-ଡୁଙ୍ଗୁରା ପ୍ରଧାନମନ୍ତ୍ରୀ ସଡକକୁ ପୁନଃ ନିର୍ମାଣ କିମ୍ବା ମରାମତି କରାଯାଉ ନ ଥିବାରୁ ଧୀରେ ଧୀରେ ଶୋଚନୀୟ ହେବାରେ ଲାଗିଛି। ବିଶେଷ କରି ରାସ୍ତାର ଡୁଙ୍ଗୁରା ବଜାର ନିକଟରୁ ଅନ୍ୟୁନ ୧୫୦ମିଟର ଦୂରତାରେ ରାସ୍ତା ଉପରେ ୫୦ଫୁଟ ଲମ୍ବର ଖାଲୁଆ ସ୍ଥାନ ପ୍ରତିମୁହୂର୍ତ୍ତରେ ଯାତ୍ରୀଙ୍କ ପାଇଁ ବିପଦକୁ ନିମନ୍ତ୍ରଣ କରୁଛି। ପାଖାପାଖି ୧ ବର୍ଷ ପୂର୍ବରୁ ଏହି ଜାଗାର ଏଭଳି ଅବସ୍ଥା ଯୋଗୁ ଡୁଙ୍ଗୁରା ହାଇସ୍କୁଲ, ୟୁପି ସ୍କୁଲ, ବାଣପୁର ସରସ୍ୱତୀ ଶିଶୁମନ୍ଦିର ତଥା ବିବେକାନନ୍ଦ ଶିକ୍ଷାକେନ୍ଦ୍ରକୁ ଯାଉଥିବା ପିଲାମାନେ ପ୍ରତ୍ୟେକ ଦିନ ଅଳ୍ପ ବହୁତ ଖଣ୍ଡିଆଖାବରା ହୋଇ ବିଦ୍ୟାଳୟକୁ ଯିବା ପରେ ଏହାକୁ ମରାମତି ପାଇଁ ଅଭିଭାବକମାନେ ଦାବି କରିଥିଲେ । ସେହିଭଳି ଐତିହାସିକ ପତିରାଜପୁର ମେଳନ ସମୟରେ ଅଗଣିତ ଶ୍ରଦ୍ଧାଳୁଙ୍କ ଗମନାଗମନକୁ ଦୃଷ୍ଟିରେ ରଖି ମେଳା କମିଟି, ଶ୍ରଦ୍ଧାଳୁଙ୍କ ତରଫରୁ ଏହାକୁ ମରାମତି କରିବାକୁ ପ୍ରଶାସନ ନିକଟରେ ଅନୁରୋଧ କରାଯାଇଥିଲା। ହେଲେ ଏଯାବତ ପ୍ରଶାସନ ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନ ନେବା ବିଡମ୍ବନାର ବିଷୟ ବୋଲି ଡୁଙ୍ଗୁରାର ବିଶିଷ୍ଟ ବ୍ୟବସାୟୀ ଅଜୟ ରାଉତ, ଇଲେକ୍ଟ୍ରୋପାଥି ଚିକିତ୍ସକ ଡା. ଉପେନ୍ଦ୍ର ପ୍ରସାଦ ଖଟୁଆ, ପତିରାଜପୁର ମେଳା କମିଟି ସମ୍ପାଦକ ଭରତ ଚନ୍ଦ୍ର ରାଉତ ପ୍ରମୁଖ ପ୍ରକାଶ କରିଛନ୍ତି। ସାମାନ୍ୟ ବର୍ଷା ପରେ ପିଲାମାନେ ଭୟାତୁର ଅବସ୍ଥାରେ ଯିବାକୁ ବାଧ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ଯାତ୍ରୀମାନଙ୍କ ଅଭିଯୋଗ ପରେ ସେ ରାସ୍ତା ପରିଦର୍ଶନରେ ଯାଇଥିଲେ । ବର୍ଷା ଛାଡିବା ପରେ ମରାମତି କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି ।



ଡୁଙ୍ଗୁରା ବଜାରଠାରୁ ପତିରାଜପୁର ଆଡକୁ ୧୫୦ମିଟର ପରେ ରାସ୍ତାର ଶୋଚନୀୟ ଅବସ୍ଥା।

## ୨୪ ଗୋରୁ ଉଦ୍ଧାର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି ରାଜନଗର ରାସ୍ତାର ରାଇକଳା ନିକଟରୁ ଶୁକ୍ରବାର ଗୋ ସୁରକ୍ଷା ୨୪ ଗୋରୁ ଉଦ୍ଧାର କରିଛନ୍ତି। ସମସ୍ତ ଗୋରୁଙ୍କୁ ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ଗୋରୁଙ୍କୁ ପାଦରେ ଚଲାଇ ନେଉଥିବା ସମୟରେ ଗୋ ସୁରକ୍ଷାକର୍ମୀମାନେ ଅଟକ ରଖିଥିଲେ। ତୁରୁମୁଙ୍ଗା ପୋଲିସ ସମସ୍ତ ଗୋରୁଙ୍କୁ ରାଜନଗର ଗୋ ଶାଳାରେ ଛାଡ଼ିଥିବା ସୂଚନା ଦେଇଛି।

**କେନ୍ଦୁଝର**

## ଆକାଂକ୍ଷୀ ଯୋଜନାରେ ପାଟଣା ସାମିଲ

ପାଟଣା,୨୫ା୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌କୁ ବୁଧବାର କେନ୍ଦ୍ର ନିତିଆୟୋଗ ଆକାଂକ୍ଷୀ ବ୍ଲକ୍ ଯୋଜନାରେ ସାମିଲ କରିଛନ୍ତି। ଫଳରେ ଏହି ପଛୁଆ ଓ ଅନୁନ୍ନତ ବ୍ଲକ୍ ଅଞ୍ଚଳର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନରେ ପଛୁଆ ଅଞ୍ଚଳର ବିକାଶ ହୋଇପାରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀତି ଆୟୋଗକୁ ୧୧ଟି ନୂତନ ବ୍ଲକ୍‌କୁ ଏଥିରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଗ୍ରହଣ କରି ନୀତି ଆୟୋଗ ଓଡ଼ିଶାର ୧୧ ଟି ନୂତନ ବ୍ଲକ୍‌କୁ ଆକାଂକ୍ଷୀ ବ୍ଲକ୍ ଭାବେ ଘୋଷଣା କରିଛନ୍ତି। ନୂତନ ତାଲିକାରେ କେନ୍ଦୁଝର ଜିଲାର ପାଟଣା, ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର ଓ ତେଲକୋଇ ରହିଛି। ଏନେଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ଭାଜପା ରାଜ୍ୟକୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ସାମାଜିକ କର୍ମୀ ଅଜୟ ଦାଶ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖାଲଖମାରେ ଭର୍ତ୍ତି ଜୁରୁଡ଼ି ରାସ୍ତା

### ଲାଭ ପାଉଛି ଖଣି କମ୍ପାନୀ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ଯୋଡ଼ା,୨୫ା୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜୁରୁଡ଼ି ପଞ୍ଚାୟତକୁ ସଂଯୋଗ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତାରୁ ପିଚୁ, କଂକ୍ରିଟ୍ ଉଠି ବିରାଟ ଖାଲ ହୋଇଯାଇଛି। ଫଳରେ ପଞ୍ଚାୟତବାସୀ ଗମନାଗମନରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତା ନିର୍ମାଣ ନିମନ୍ତେ ଦୀର୍ଘ ବର୍ଷ ଧରି ଦାବି ହେଉଥିଲେ ହେଁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରକାଶ ଯେ, ପଞ୍ଚାୟତ ଏବଂ ଆଖପାଖ ଅଞ୍ଚଳରେ ବହୁ ଖଣି ରହିଛି। ଜୁରୁଡ଼ି ଅଞ୍ଚଳକୁ ପୂର୍ତ୍ତ ବିଭାଗର ଯୋଡ଼ା–ପଳାସପଙ୍ଗା ରାସ୍ତା ସଂଯୋଗ ହୋଇଛି। ରାସ୍ତାରେ ପ୍ରତିଦିନ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ୍ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କାରଖାନା ଓ ବନ୍ଦରକୁ ଯାତାୟାତ କରୁଛି। ଫଳରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ



ପୋଲ ପାଖରେ ବିରାଟ ଗର୍ତ୍ତ ହୋଇଛି।

ହୋଇପଡ଼ିଛି। ଜୁରୁଡ଼ି ପୋଲ, ଆନ୍ତ୍ରାମାନ୍ତ୍ର ପୋଲ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାସ୍ତାରେ ପିଚୁ ସମ୍ପୂର୍ଣ୍ଣ ଉଠିଯାଇ ପୋଲର ଲୁହାଛଡ ଭାଙ୍ଗି ବାହାରକୁ ବାହାରିଛି। ରାସ୍ତା ସାରା ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ବାଇକ୍ ଓ ଛୋଟ ଯାନବାହନ ପଡ଼ି ଦୁର୍ଘଟଣା ଘଟୁଛି। ଦିନକୁ ଦିନ ରାସ୍ତା ଅତ୍ୟନ୍ତ ବିପଦ ସଙ୍କୁଳ ହେବା ସହ ସଙ୍କୁଚିତ ହୋଇପଡ଼ିଛି। ରାସ୍ତାର ସମ୍ପ୍ରସାରଣ ଓ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଉଥିବା ପୂର୍ତ୍ତ ବିଭାଗ ଘୋଷଣା କରୁଥିଲେ ହେଁ ନିର୍ମାଣ କରାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ମହାନ୍ତି କହିଛନ୍ତି, ପୋଲଗୁଡ଼ିକର ଏପରି ଅବସ୍ଥା ହୋଇଛି, କେଉଁ ସମୟରେ ପୋଲ ଭୁଶୁଡ଼ି ଯିବାର ଆଶଙ୍କା ରହିଛି। ଭଙ୍ଗା ପୋଲ ଉପରେ ମାଟି ପକାଇ ଚଳାଚଳ ହେଉଛି। ବିଭିନ୍ନ ଖଣି କମ୍ପାନୀ ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି। ମାତ୍ର ରାସ୍ତା ନିର୍ମାଣ କଥା ତ ଦୂରର କଥା ମାଟି ପକାଇ ମରାମତି କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉଛନ୍ତି। ଟ୍ରକ ବ୍ୟବସାୟୀ ଶେର୍ ମହମ୍ମଦ କହିଛନ୍ତି, ନିକଟରେ ରାସ୍ତା ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଛି। ଏ ପର୍ଯ୍ୟନ୍ତ ମରାମତି କରାଯାଇ ନାହିଁ। ସରକାର ଏ ଅଞ୍ଚଳରୁ ବହୁ କୋଟି ଟଙ୍କା ରାଜସ୍ୱ ପାଉଥିବାରୁ ଅଞ୍ଚଳର ଗମନାଗମନ ପ୍ରତି ଦୃଷ୍ଟିଦେବା ପାଇଁ ସେ କହିଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

## ସର୍ବଦଳୀୟ ବୈଠକ ଡାକିଲେ ଉପଜିଲାପାଳ

### ନୂତନ ବୁଥ୍ ଓ ବୁଥ୍‌ସ୍ତରୀୟ ପରିବର୍ତ୍ତନ ନେଇ ଆଲୋଚନା



ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସହ ଉପଜିଲାପାଳ ଆଲୋଚନା କରୁଛନ୍ତି।

ଚମ୍ପୁଆ,୨୫ା୭(ମହେଶ୍ୱର ଦାସ)

ନୂତନ ବୁଥ୍ ଓ ବୁଥସ୍ତରୀୟ ପରିବର୍ତ୍ତନ ପାଇଁ ଚମ୍ପୁଆ ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ରାଜନୈତିକ ଦଳଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଲେକ୍ସନ କମିଶନ ଅଫ ଇଣ୍ଡିଆଙ୍କ ଆଦେଶରେ ଯେଉଁ ବୁଥ୍‌ଗୁଡ଼ିକରେ ୧୨୦୦ରୁ ଉର୍ଦ୍ଧ୍ୱ ଭୋଟର ଥିବେ ସେମାନଙ୍କ ନିମନ୍ତେ ନୂତନ ବୁଥ୍ ଏବଂ ଆବଶ୍ୟକ ପଡ଼ିଲେ ଗ୍ରାମାଞ୍ଚଳରେ ୨କି.ମି. ଓ ସହାରାଞ୍ଚଳରେ ୧ କି.ମି ଭିତରେ କମ ଭୋଟର ଥିବା ବୁଥଗୁଡ଼ିକରେ ସାମିଲ ଉପରେ ଆଲୋଚନା ହୋଇଥିଲା। ନୂତନ ଭୋଟ ଗ୍ରହଣ କେନ୍ଦ୍ର ନିମନ୍ତେ ସ୍ଥାନ, ପାରିପାର୍ଶ୍ୱିକ ଅବସ୍ଥା, ଆନୁସାଙ୍ଗିକ ଭିତିଭୂମୀ ତଦାରଖ ଉପରେ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରାଯାଇଥିଲା। ଚମ୍ପୁଆ ବିଧାନସଭା (୨୫) ଅଧୀନରେ ଥିବା ବଡ଼ବିଲ ସହରାଞ୍ଚଳର ୧୯ଗୋଟି ବୁଥ୍, ଯୋଡ଼ା ବ୍ଲକ୍‌ର ୧୨, ଯୋଡ଼ା ସହରାଞ୍ଚଳର ୧୨, ଚମ୍ପୁଆ ବ୍ଲକ୍‌ର ୨ ଓ ଚମ୍ପୁଆ ଏନ୍‌ଏସିର ୩ ବୁଥ୍‌କୁ ମିଶାଇ ୪୮ ବୁଥ୍‌ରେ ୧୨୦୦ରୁ ଉର୍ଦ୍ଧ୍ୱ ଭୋଟର ଥିବା ବେଳେ ପାଟଣା ନିର୍ବାଚନ ମଣ୍ଡଳୀର ୨୧ ଗୋଟି ବୁଥ୍‌ରେ ୧୨୦୦ରୁ ଉର୍ଦ୍ଧ୍ୱ ଭୋଟର ଥିବା ଉପ ଜିଲାପାଳ ସୂଚନା ଦେଇଥିଲେ। ସହକାରୀ ଜିଲାପାଳ ଫୁରଲାଇ ବେଶ୍ରା ପରିଚାଳନା କରିଥିଲେ।

## ଏମ୍‌ପି ପ୍ରତିନିଧିଙ୍କ ହସ୍ତକ୍ଷେପରେ ଡ୍ରେନ୍ ସଫା ହେଲା

### ଜଗନ୍ନାଥପୁର ସାହି ରାସ୍ତା, ଡ୍ରେନ୍ ବିପଦପୂର୍ଣ୍ଣ ଘଟଣା



କେନ୍ଦୁଝର,୨୫ା୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ଜଗନ୍ନାଥପୁର ସଂଯୋଗ ରାସ୍ତା ଓ ଡ୍ରେନ ବିପଦପୂର୍ଣ୍ଣ ଭାବେ ପଡ଼ିରହିଥିଲା। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଥିଲା। ଏନେଇ ସ୍ଥାନୀୟ ଲୋକେ ଅଭିଯୋଗ କରି ଆସୁଥିଲେ ହେଁ ଫଳଶୂନ ରହିଥିଲା। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ପ୍ରତିନିଧି ହରିହର ମହାନ୍ତ ଘଟଣା ସମ୍ପର୍କରେ ଜାଣିବା ପରେ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଯନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ପୌରପାଳିକାର ନିର୍ବାହୀଯନ୍ତ୍ରୀଙ୍କ ଦ୍ୱରିତ ପଦକ୍ଷେପ ହେତୁ ଉକ୍ତ ବିପଦପୂର୍ଣ୍ଣ ଛକ ରାସ୍ତାର କାର୍ଯ୍ୟ ଆରମ୍ଭ ହୋଇଛି। ଡ୍ରେନ୍ ସଫା ମଧ୍ୟ କରାଯାଉଛି। ନିର୍ବାହୀ ଯନ୍ତ୍ରୀଙ୍କ ଏଭଳି ତତ୍ପରତା ପାଇଁ ଏମ୍‌ପିଙ୍କ ପ୍ରତିନିଧି ପ୍ରଶଂସା କରିଛନ୍ତି। ଏଭଳି ଦ୍ୱରିତ ପଦକ୍ଷେପ ନିଶ୍ଚିତ ଭାବେ କେନ୍ଦୁଝରଗଡ଼ ପୌରପାଳିକାକୁ ଆଗେଇ ନେବାରେ ସହାୟକ ହେବ ବୋଲି ଆଶାପୋଷଣ କରିଛନ୍ତି।

## କର୍ମକ୍ଷେତ୍ରରେ ଯୌନଶୋଷଣ ନିବାରଣ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୨୫ା୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପ୍ରଶାସନ ଓ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ସୌଜନ୍ୟରୁ କର୍ମକ୍ଷେତ୍ରରେ ଯୌନ ଶୋଷଣ ନିବାରଣ ଆଇନ ସମ୍ବନ୍ଧୀୟ କର୍ମଶାଳା ଦରବାର ହଲଠାରେ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ କର୍ମଶାଳା ପରିଚାଳନା କରିଥିଲେ।

ମୁଖ୍ୟ ଅତିଥିଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧିକ୍ଷକ ପୂଜା ଧାମ, ଡେପୁଟି କଲେକ୍ଟର ଅରୁଣିମା ସାହୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲକ୍ଷ୍ମୀକାନ୍ତ ମିଶ୍ର, ସମାଜକଲ୍ୟାଣ ଅଧିକାରୀ ଭାରତୀ ସାହୁ, ଜିଲା ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା, କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ଆଇଡିଏ ପ୍ରତିଷ୍ଠାତା ସେବତୀ ସିଂହ ଯୋଗଦେଇଥିଲେ। ଅଭିଯୋଗ ସମିତିର ଅଧ୍ୟକ୍ଷା ପ୍ରତିଭା ମିଶ୍ର ଯୋଗଦେଇ ଆଇନସେବା ପ୍ରାଧିକରଣ ସଦସ୍ୟ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବେସରକାରୀ ସଂସ୍ଥାନର ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସଦସ୍ୟା, ସଦସ୍ୟଙ୍କୁ ତାଲିମ ପ୍ରଦାନ କରିଥିଲେ। ପୋଷ ଆଇନ –୨୦୧୩ର ଅଭିଯୁକ୍ତଙ୍କ ବିରୋଧରେ ଥିବା ବ୍ୟବସ୍ଥାକୁ ଅବତାରଣା କରିଥିଲେ। ସେହିପରି ସରକାରୀ ମହିଳା ମହାବିଦ୍ୟାଳୟରେ ପିଓଏସଏଚ ନିୟମ( କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନର ଅଧିନିୟମ ) ଓ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନର ସୁରକ୍ଷା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ କେନ୍ଦୁଝର ଜୁଡ଼ିସିଆଲ ସର୍ଭିସର ସେକ୍ରେଟାରୀ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅନ୍ୟତମ ଅତିଥି ଅକ୍ଷୟ କୁମାର ଚକ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ଗୀତାଞ୍ଜଳୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୩, ୮୬୩ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ

### ଚମ୍ପୁଆ କୃଷି ଜିଲା

ଚମ୍ପୁଆ,୨୫ା୭(ମହେଶ୍ୱର ଦାସ)

ଚଳିତ ବର୍ଷ କୃଷି ଜିଲା ଚମ୍ପୁଆ ଅଧୀନରେ ୩୩ ହଜାର ୮ ଶହ ୬୩ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ରଖାଯାଇଛି। ଚମ୍ପୁଆ, ଝୁମ୍ପୁରା ଓ ଯୋଡ଼ା ବ୍ଲକ୍‌କୁ ମିଶାଇ ଗଠିତ ଚମ୍ପୁଆ କୃଷି ଜିଲାର ଯୋଡ଼ା ବ୍ଲକ୍‌ରେ ୫୯୦୦ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ମକା ୭୦୦ ହେକ୍ଟର, ମାଣ୍ଡିଆ ୭୨୦, ଡାଲି ଜାତୀୟ ୧୭୬୦ ଓ ତୈଳ ବିଜ ୧୧୩୦ ହେକ୍ଟର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଧା ଯୋଡ଼ାରେ ଧାନ ୮୨୨ ହେକ୍ଟର, ମକା ୬୨୫, ମାଣ୍ଡିଆ ୧୨୫.୨, ଡାଲି ଜାତୀୟ ୬୮୯ ଓ ତୈଳ ବିଜ ୩୦୯ ହେକ୍ଟର ଚାଷ କରାଯାଇଛି। ଝୁମ୍ପୁରାରେ ଧାନ ୧୬, ୬୬୩ ହେକ୍ଟର, ମକା ୯୦୫, ମାଣ୍ଡିଆ ୫୬୫, ଡାଲି ଜାତୀୟ ୧୨୯୪ ଓ ତୈଳ ବିଜ ୫୧୬ ହେକ୍ଟର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଧା ଧାନ ୩୯୮୧, ମକା ୯୦୫, ମାଣ୍ଡିଆ ୮୬, ଡାଲିଜାତୀୟ ୫୯୬ ଓ ତୈଳବିଜ ୨୬୮ ହେକ୍ଟର ଚାଷ କରାଯାଇଛି। ଚମ୍ପୁଆରେ ଧାନ ୧୧୩୦୦, ମକା ୧୮୦୦, ମାଣ୍ଡିଆ ୯୭୫, ଡାଲିଜାତୀୟ ୩୦୫୦ ଓ ତୈଳବିଜ ୪୭୦ ହେକ୍ଟର ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଧା ଧାନ ୪୨୧୨, ମକା ୧୨୫୦, ମାଣ୍ଡିଆ ୨୭୬, ଡାଲିଜାତୀୟ ୧୩୪୫ ଓ ତୈଳବିଜ ୪୨୦ ହେକ୍ଟର ଚାଷ ହୋଇଥିବା ସହକାରୀ କୃଷି ଅଧିକାରୀ ହରିଓମ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ବର୍ଷ ଉପଯୁକ୍ତ ବର୍ଷା ହୋଇଥିବାରୁ ବିଭିନ୍ନ ଚାଷ ଅଗ୍ରଗତି କରିଛି।

## ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆନନ୍ଦପୁର,୨୫ା୭(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ରେ ଥିବା ଶାଳବଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମଲାଭ ମିଶ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଆନନ୍ଦପୁରର ପୂର୍ବତନ ବିଧାୟକ ମାୟାଧର ଜେନା ଉପସ୍ଥିତ ରହି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ କଣ୍ଟିପାଳ, ବାଉଁଶଗଡ଼, କାଠକଟା, ତରତରା, ଆନନ୍ଦପୁର ଅଞ୍ଚଳର ଛାତ୍ରୀଛାତ୍ରୀ, ଆଖପାଖ କଲେଜର ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ। ଦୀର୍ଘ ୩୫ ବର୍ଷ ଚାକିରୀ ଜୀବନରେ ଅନେକ ବାଦ, ପ୍ରତିବାଦ, ପ୍ରତିରୋଧ, ପ୍ରତିହିଂସା, ପରଶ୍ରୀ କାତରତାରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇ ଆସିଥିବା କହିଥିଲେ। କଲେଜ ପାଇଁ ପୂର୍ବ ଭଳି କାମ କରିବେ ବୋଲି କହିଥିଲେ।

## ପାଟଣାରେ ଉତ୍ପାତ କରୁଛନ୍ତି ୪୦ ହାତୀ

### ଘର ଭାଙ୍ଗୁଛନ୍ତି, ଫସଲ ନଷ୍ଟ କରୁଛନ୍ତି

ପାଟଣା,୨୫ା୭(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୩ଟି ପଲରେ ୪୦ ଉତ୍ପାତ କରୁଛନ୍ତି। ହାତୀପଲ ପାଟଣା ଓ ସାହାରପଡ଼ା ଅଞ୍ଚଳରେ ଅନେକ ଏକର ଫସଲ ନଷ୍ଟ କରିବା ସହ ୨୫ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିସାରିଲେଣି। ଗୁରୁବାର ରାତିରେ ୩୦ ଟିକିଆ ହାତୀପଲ ମାଧପୁର ଗ୍ରାମର ରୀନା ମୁଣ୍ଡା, ଭରାଣ୍ଡିଆର ଶୁକ୍ରା ମୁଣ୍ଡାଙ୍କ ଘର ଏବଂ ଯମୁନାପଶିର ରମେଶ ନାଏକ, ଶୁକ ନାଏକ, ରବି ମହାକୁଡ଼ ଓ ଅନନ୍ତ ନାଏକଙ୍କ ଘରଭାଙ୍ଗି ଧାନ, ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ହାତୀପଲରେ ୧୨ ଦନ୍ତା ୧୨ ମାଈ ଏବଂ ୬ ଛୁଆ ହାତୀ ରହିଛନ୍ତି। ଆଉ ଏକ ଗୋଠଛଡ଼ା ଦନ୍ତା ସାହାରପଡ଼ା ସେକ୍ସନର ପଇତାମଜା ଗ୍ରାମର ମୋତିଲାଲ ମହାନ୍ତ, ବାଉଁଶନାଳୀର ସିଂରାଇ ମୁଣ୍ଡା ଏବଂ ଦୁଧିଆନାଳିର କପିଳ ମୁଣ୍ଡା, ଜିଙ୍ଗି ମୁଣ୍ଡାଙ୍କ ୨ଟି ଘର ଭାଙ୍ଗି ଦେଇଛନ୍ତି। ପାଟିଲା ପଣସ ବାସ୍ନାରେ ହାତୀପଲ ଗାଁ ମୁହାଁ ହୋଇ ଘର ଭାଙ୍ଗୁଥିବା କୁହାଯାଉଛି। ଆଉ ଏକ ୯ ଟିକିଆ ହାତୀପଲ ଅଞ୍ଚଳରେ ଅନେକ ଧାନ ଓ ପନି ପରିବା ଚାଷ ନଷ୍ଟ କରିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି।

## ଯୁବକଙ୍କ ଆତ୍ମହତ୍ୟା

ବୈଶିଙ୍ଗା,୨୫ା୭(ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ ଗବପାଳ ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଈଶ୍ୱରଦତ୍ତ (୪୪)। ବୁଧବାର ବିଳମ୍ବିତ ରାତିରେ ସେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଗୁରୁବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବେତନଟୀ ଡାକ୍ତରଖାନାକୁ ନେଇଥିଲେ। ମାତ୍ର ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୋଲିସ ବେତନଟୀ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୫) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

## ଉପୁଡ଼ିଲା ୫୦ବର୍ଷର ଗଛ, ଭାଙ୍ଗିଲା ପାଚେରି

ଚମ୍ପୁଆ,୨୫ା୭(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମା ଯାତ୍ରାପଡ଼ିଆ ତଥା ଦଧିବାମନଜୀଉଙ୍କ ମନ୍ଦିର ଆଗରେ ଥିବା ୫୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଆମ୍ବଗଛ ଉପୁଡ଼ିପଡ଼ିଛି। ଗଛ ନିକଟରେ ଥିବା ଉଠା ଜଳସେଚନ ବିଭାଗର ପାଚେରି ଉପରେ ପଡ଼ିବାରୁ ତାହା ଭାଙ୍ଗିବା ସହ ପାଚେରି ଭିତରେ ଥିବା ଅଫିସର ପୁରୁଣା ଜିପ୍‌ଗାଡିଟି ନଷ୍ଟ ହୋଇଯାଇଛି। ଏଥିସହ ଏକ ଆମ୍ବୁଲାନ୍ସ ଗାଡିର କାଚ ଭାଙ୍ଗିଯାଇଛି। ନିକଟରେ ଥିବା ବିଦ୍ୟୁତ ତାର ଛିଣ୍ଡିଯାଇଛି। ଖବରପାଇ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ଓ ତହସିଲଦାର ସଜତ ମାର୍କେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ।

## ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

ବାରିପଦା,୨୫ା୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଗୁରୁବାର ମୟୂରଭଞ୍ଜ ଜିଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ–୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ, ଡିଡିଏମ, ନାବାର୍ଡ, ବରିଷ୍ଠ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ବାରିପଦା,କପ୍ତିପଦା, ରାଇରଙ୍ଗପୁର, କରଞ୍ଜିଆ, ଜିଲା ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିଲେ। ସମାରୋହରେ ମୟୂରଭଞ୍ଜ ଖଣ୍ଡ ସମବାୟ ସମିତି ସମୂହର ଉପନିବନ୍ଧକ ଅଶୋକ କୁମାର ପାଣି ପୌରୋହିତ୍ୟ କରିଥିଲେ। କରଞ୍ଜିଆ ସହକାରୀ ନିବନ୍ଧକ ବସନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଚିତ୍ରଶିଳ୍ପୀ ବିଜୟ ପଟ୍ଟନାୟକଙ୍କ ପରଲୋକ



କେନ୍ଦୁଝର,୨୫ା୭ (ଦୀପକ ମିଶ୍ର): କେନ୍ଦୁଝର ସହର ପୁରୁଣାବଜାରରେ ଜନ୍ମିତ କେନ୍ଦୁଝରର ବିଶିଷ୍ଟ ଚିତ୍ରଶିଳ୍ପୀ ବିଜୟ ପଟ୍ଟନାୟକ(୬୮) (କାକୁ)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ସେ ଜିଲାର ପ୍ରଥମ ବ୍ୟକ୍ତିଭାବେ ଖଲ୍ଲିକୋଟ ଆର୍ଟ କଲେଜରୁ ଚିତ୍ରକଳାରେ ଉଚ୍ଚ ତାଲିମ ନେଇଥିଲେ। ସେ ଏକାଧାରରେ ଜଣେ ଚିତ୍ରଶିଳ୍ପୀ, ସ୍ୱରସାଧକ ଓ କଳାପ୍ରାଣ ମଣିଷ ଥିଲେ। ଧରଣୀଧର ମହାବିଦ୍ୟାଳୟରେ ଆର୍ଟିଷ୍ଟ ଭାବରେ ଉଦ୍ଭିଦ ଓ ଜୀବ ବିଜ୍ଞାନ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିଲେ। ଶେଷ ସମୟରେ ବଡ଼ପୁଅ ଅସୟକାନ୍ତ, ସାନପୁର ସଞ୍ଜୟ, ଝିଅ ରୁପାଲି ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି।

## କଫି ଚାଷ ବୃଦ୍ଧିକୁ ଗୁରୁତ୍ୱ

### କଫି ବିକାଶ ଟ୍ରଷ୍ଟ ବୋର୍ଡ ବୈଠକ

କେନ୍ଦୁଝର,୨୫ା୭(ଦୀପକ ମିଶ୍ର)

କେନ୍ଦୁଝର ଜିଲାପାଳଙ୍କ ମିନି କନ୍‌ଫରେନ୍ସ ହଲ ପରିସରରେ କଫି ବିକାଶ ଟ୍ରଷ୍ଟ(ସିବିଟି) ବୋର୍ଡ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡିଙ୍କ ଅଧ୍ୟକ୍ଷତାରେ ସ୍ଥାୟୀ ଜୀବିକା ପାଇଁ କଫି ଚାରାରୋପଣ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା।

କଫି ମିଶନ ଅଧୀନରେ କଫି ଚାଷ ଯୋଗୁ ବାଂଶପାଳ ଭଳି ଆଦିବାସୀ ଅଧିଷିତ ଅଞ୍ଚଳର ବହୁ ଲୋକ ସ୍ଥାୟୀକର୍ମ ନିଯୁକ୍ତି ପାଇଛନ୍ତି। ୨୦୨୬–୨୭ ବର୍ଷ ପାଇଁ ବାଂଶପାଳରେ ୧୫୦୦ ହେକ୍ଟର ଜମିରେ ଛାଇ ବୃକ୍ଷ ଏବଂ ୮୦ ହେକ୍ଟର ଜମିରେ କଫି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଚଳିତ ବର୍ଷରେ ଗୋନାସିକା, ତରମାକାନ୍ତ ଏବଂ ଜମ୍ବିରିପଶିରେ ଥିବା ନର୍ସରୀରେ ଚାରା ପ୍ରସ୍ତୁତ କରାଯିବ। ଚଳିତ ବର୍ଷ



ସିବିଟି ସଦସ୍ୟ, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଓ ଅନ୍ୟମାନେ।

ଛାଇ ଚାରା ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି। ସଦର ରେଞ୍ଜର ପଦ୍ମପୁରସ୍ଥିତ ମେଗା ନର୍ସରୀ ଏବଂ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ତଣ୍ଡିଯୋଡ଼ାରେ ଥିବା ନର୍ସରୀରୁ ସିଲଭର ଓକ ଚାରା ଯୋଗାଇ ଦିଆଯାଉଛି। ୨୦୨୫–୨୬ ଆର୍ଥିକ ବର୍ଷରେ ବାଂଶପାଳ ବ୍ଲକ୍‌ରେ ୮୦୦ ହେକ୍ଟର ଜମିରେ ଛାଇ ଚାରାରୋପଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ୫୦୦ ହେକ୍ଟର ଜମିରେ ଚାରାରୋପଣ କାର୍ଯ୍ୟ ସରିଲାଣି। ଚଳିତ ଆର୍ଥିକ ବର୍ଷରେ ଛାଇ ଚାରାରୋପଣ ହୋଇଥିବା ତରମାକାନ୍ତ, କୁଅଁର ଏବଂ ଗୋନାସିକାରେ ୩୦ ହେକ୍ଟର ଜମିରେ କଫି ଚାରାରୋପଣ କରାଯାଇଛି। ହେକ୍ଟର ପିଛା ୨୦୦୦ସିଲଭର ଓକ, ୨୦୦ଆମ୍ବ ଏବଂ ଜାମୁକୋଳି ଗଛ ଲଗାଯାଉଛି। କଫି ଚାଷ ପାଇଁ ସିଧାସଳଖ ସୂର୍ଯ୍ୟକିରଣ ନ ପଡ଼ିବା ପାଇଁ ଛାଇ ଚାରା ଲଗାଯିବାର ୩ ବର୍ଷ ପରେ ଏହା ନିକଟରେ କଫି ଚାରା ଲଗାଯାଇ କଫି ଚାଷ ବୃଦ୍ଧି କରାଯିବ ବୋଲି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ଜିଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଉତ, ସହକାରୀ ବନ ସଂରକ୍ଷକ ଅଶୋକ କୁମାର ଦାସ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ମେହେର, ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ଦୋଳନକୁ ଓହ୍ଲାଇବ ଶିକ୍ଷକ ସଂଘ

ଗୋପବନ୍ଧୁ ନଗର, ୨୫ା୭
(ଶାନ୍ତନୁ କୁମାର ମଲୁଆଲ)

ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଏକ ପ୍ରସ୍ତୁତି ବୈଠକରେ ଚେତାବନୀ ଦେଇଛନ୍ତି। ଗୁରୁବାର ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଗୋପବନ୍ଧୁ ନଗର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପୁରୁଣା ବାରିପଦା ବାଳିକା ଉଚ୍ଚ ବିଦ୍ୟାଳୟରେ ଓଷ୍ଟାର ବ୍ଲକ ସଭାପତି ପ୍ରଶାନ୍ତ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଷ୍ଟାର ଜିଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଗୋପବନ୍ଧୁ ନଗର ବ୍ଲକ ଓଷ୍ଟାର ନିରୀକ୍ଷକ ତଥା ଜିଲା ସହ ସମ୍ପାଦକ ପ୍ରଭାସ କୁମାର ନାୟକ, ଓଷ୍ଟା ଜିଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷକ ମାରଣ ନୀତିର ଦୃଢ଼ ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ବିନା ଦରମାରେ ଖଟି ଆସୁଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଦରମା ପ୍ରଦାନ, ପେନସନ ପ୍ରଦାନ, ବେସରକାରୀ ବିଦ୍ୟାଳୟଗୁଡ଼ିକୁ ସରକାରୀ କରଣ, ଅବସର ବୟସ ସୀମା ବୃଦ୍ଧି ପ୍ରମୁଖ ଦାବି ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଆସନ୍ତା ୨ ତାରିଖରେ ବିଇଓ କାର୍ଯ୍ୟାଳୟ ଘେରାଉ ସହ ଦାବିପତ୍ର ପ୍ରଦାନ କରାଯିବ। ୮ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ବ୍ଲକ ଓଷ୍ଟା ସମ୍ପାଦକ ମନୋରଞ୍ଜନ ବାରିକ, ଅନିରୁଦ୍ଧ ମହଲା, ଭାଗିରଥି ବାରିକ, କୃଷ୍ଣ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ୨୫ ଓଟିଟି ପ୍ଲାଟ୍‌ଫର୍ମ ବ୍ୟାନ୍




## ଅଲ୍ଟ, ଉଲ୍ଲୁ, ଦେଶୀଫ୍ଲିକ୍ସ ଭଳି ଆପ୍ ବିରୋଧରେ ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶନ ଅଭିଯୋଗ

ନୂଆଦିଲ୍ଲୀ,୨୫।୭(ପି.ଟି.)



କେନ୍ଦ୍ର ସରକାର ଅଲ୍ଟ, ଉଲ୍ଲୁ ଓ ଦେଶୀଫ୍ଲିକ୍ସ ସମେତ ୨୫ ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମକୁ ବନ୍ଦକରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କୁ ଅନୁପଯୁକ୍ତ ଭାବେ ପ୍ରଦର୍ଶିତ କରିବା ଭଳି ବିଭିନ୍ନ ଆଇନ ଉଲ୍ଲଂଘନ ଅଭିଯୋଗରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଶୁକ୍ରବାର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ନିୟମ ଉଲ୍ଲଂଘନକାରୀ ଅନ୍ୟ ଆପ୍‌ଗୁଡ଼ିକ ହେଲା ବିଗ୍ ଶଟ୍ସ ଆପ୍, ବୁମେକ୍ସ, ନବରସ, ଲାଇଟ୍, ଗୁଲାବ ଆପ୍, କଙ୍ଗନ ଆପ୍, ବୁଲ୍ ଆପ୍, ଜଲୱା ଆପ୍, ୱାଓ ଏଣ୍ଟରଟେନ୍‌ମେଣ୍ଟ, ଲୁକ୍ ଏଣ୍ଟରଟେନ୍‌ମେଣ୍ଟ, ହିଟ୍‌ପ୍ରାଇମ୍, ଫେନେଓ, ଶୋଏକ୍ସ, ସୋଲ୍ ଟକିଜ୍, ଆଡ୍ଡା ଟିଭି, ହଟ୍ଏକ୍ସ ଭିଆଇପି, ହଲ୍‌ଚଲ ଆପ୍, ମୁଡ୍ଏକ୍ସ, ନିଓନ୍ଏକ୍ସ ଭିଆଇପି, ଫୁଗି, ମୋଜ୍‌ଫ୍ଲିକ୍ସ ଓ ଟ୍ରିଫ୍ଲିକ୍ସ। ଭାରତରେ ଏହି ପ୍ଲାଟ୍‌ଫର୍ମଗୁଡ଼ିକର ୱେବ୍‌ସାଇଟ ସର୍ବସାଧାରଣ ଉପଲବ୍ଧତାକୁ ହଟାଇବା ପାଇଁ ମନ୍ତ୍ରଣାଳୟ ଏକ ଅର୍ଡରରେ ଇଣ୍ଟରନେଟ୍ ସର୍ଭିସ ପ୍ରୋଭାଇଡର୍ସଙ୍କୁ ନିର୍ଦ୍ଦେଶ ଦେଇଛି। ଉପରୋକ୍ତ କଟକଣା ପରେ ପର୍ନୋଗ୍ରାଫିକ୍ ମ୍ୟାଟେରିଆଲର ଉପଲବ୍ଧତା ଉପରେ ଅଙ୍କୁଶ ଲାଗିବା ସହ ଡିଜିଟାଲ କଣ୍ଟେଣ୍ଟ ଶିଷ୍ଟତାରେ ବାନ୍ଧିହୋଇ ଆଇନର ପରିସୀମାକୁ ଅତିକ୍ରମ କରିବ ନାହିଁ ବୋଲି ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଥିବା ଏକ ବିବୃତିରେ ସୂଚନା ଦିଆଯାଇଛି।

### ହାଉସ୍ ଆରେଷ୍ଟ

ଭାରତ ସରକାରଙ୍କ ଅଧିକାରୀମାନେ ଶୁକ୍ରବାର ୨୫ ଓଟିଟି ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରିବା ସମୟରେ ରିଆଲିଟି ଶୋ' 'ହାଉସ୍ ଅରେଷ୍ଟ'କୁ ଦୃଷ୍ଟାନ୍ତ ଭାବେ ଅବତାରଣା କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ହସ୍ତକ୍ଷେପ ପରେ ଅଜାଜ୍ ଖାନ୍‌ଙ୍କ ଅଭିନୀତ ଏହି ଶୋ'କୁ ଉଲ୍ଲୁ ୨୦୨୫ ମେ'ରେ ବନ୍ଦ କରିଦେଇଥିଲା। କିନ୍ତୁ ଏହି ପ୍ଲାଟ୍‌ଫର୍ମ ଅଶ୍ଳୀଳ ଭିଡିଓ ଏବଂ କେତେକ ସ୍ଥଳେ ପର୍ନୋଗ୍ରାଫିକ୍ କଣ୍ଟେଣ୍ଟ ପ୍ରସାର ଜାରି ରଖିଥିଲା ବୋଲି ନାମ ଗୋପନ ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି।

ବିଭିନ୍ନ ଆଡୁ ନାନା ଅଭିଯୋଗ ଆସିବା ପରେ ଗତ ସେପ୍ଟେମ୍ବରରେ ମନ୍ତ୍ରଣାଳୟ ପକ୍ଷରୁ ଅନେକ ଓଟିଟି ପ୍ଲାଟ୍‌ଫର୍ମକୁ ଜଣାଇ ଦିଆଯାଇଥିଲା। ତେବେ ଉଲ୍ଲୁ ବିରୋଧରେ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ଅଧକ୍ଷତାରେ ଗଠିତ ଆତ୍ମନିୟାମକ ସଂସ୍ଥା ଡିଜିଟାଲ ପବ୍ଲିଶର କଣ୍ଟେଣ୍ଟ ଗ୍ରିଭାନ୍ସ କାଉନ୍‌ସିଲ (ଡିପିସି-ଜିସି) ଦ୍ୱାରା ମଧ ନିଆଯାଇଥିଲା। ଏହି ସଂସ୍ଥାରେ ଉଲ୍ଲୁ ଓ ଅଲ୍ଟ ସଦସ୍ୟ ରହିଛନ୍ତି।

### କ'ଣ କହୁଛି ଆଇନ

➥ସୂଚନା କାରିଗରି ଆଇନ, ୨୦୦୦ ଅନୁସାରେ କୌଣସି ବୈଦ୍ୟୁତିକ ମାଧ୍ୟମରେ ଅଶ୍ଳୀଳ କିମ୍ବା ଯୌନ ଉଦ୍ଦୀପକ ଫଟୋ, ଭିଡିଓ ବା ଅନ୍ୟ ଦୃଶ୍ୟ ବିତରଣକୁ ଦେଶରେ ନିଷିଦ୍ଧ କରାଯାଇଛି।

➥ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍), ୨୦୨୩ର ଦଫା ୨୯୪ ଅନୁସାରେ ସର୍ବସାଧାରଣରେ ଅଶ୍ଳୀଳ କାର୍ଯ୍ୟକଳାପ କିମ୍ବା ଗୀତକୁ ନିଷିଦ୍ଧ କରାଯାଇଛି।

➥ମହିଳାଙ୍କୁ ଅନୁପଯୁକ୍ତ ରୂପେ ଉପସ୍ଥାପନ (ନିବାରଣ) ଆଇନ, ୧୯୮୬ ଅନୁସାରେ ମହିଳାମାନଙ୍କୁ ନ୍ୟୁନ ଓ ନିମ୍ନମାନର ଦର୍ଶାଇବା ଉପରେ କଟକଣା ରହିଛି।

### ନିଷିଦ୍ଧ ହେଲାଣି ୪୩ ପ୍ଲାଟ୍‌ଫର୍ମ

ଏହା ପୂର୍ବରୁ ୨୦୨୪ ମାର୍ଚ୍ଚ ୧୪ରେ କେନ୍ଦ୍ର ସରକାର ଦେଶରେ ଏପରି ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶନ ପାଇଁ ୧୮ ପ୍ଲାଟ୍‌ଫର୍ମ, ୧୯ ୱେବ୍‌ସାଇଟ୍, ୧୦ ଆପ୍ ଓ ୫୭ଟି ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ନିଷିଦ୍ଧାଦେଶ ଜାରି କରିଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ମୋଟ ୪୩ ଓଟିଟି ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରାଗଲାଣି।

## ୟୁଟ୍ୟୁବ୍ ଦେଖି ରାୟ ଦିଆଯାଏ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫।୭(ପି.ଟି.)

ଅଦାଲତ ୟୁଟ୍ୟୁବ୍ ଚ୍ୟାନେଲ ଦେଖି ରାୟ ଦିଅନ୍ତି ନାହିଁ। କାହାକୁ ଦୋଷୀ ସାବ୍ୟସ୍ତ ଓ କାହାକୁ ନିର୍ଦ୍ଦୋଷ କରାଯିବ ତାହା କୋର୍ଟଙ୍କ ହସ୍ତଗତ ତଥ୍ୟ ଓ ସାକ୍ଷ୍ୟ ପ୍ରମାଣ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କେରଳର ଜଣେ ଖବରଦାତା ଜଣେ ଜଣାଶୁଣା ନେତ୍ରୀଙ୍କ ବିରୋଧରେ ନିଜ ୟୁଟ୍ୟୁବ୍ ଚ୍ୟାନେଲ 'କ୍ରାଇମ୍ ଅନ୍‌ଲାଇନ୍'ରେ ଏକ ଆପତ୍ତିଜନକ ଭିଡିଓ ପ୍ରସାର କରିଥିଲେ। ରାଜ୍ୟ ପୋଲିସ ଏନେଇ ମାମଲା ରୁଜୁ କରିବା ପରେ ଖବରଦାତା ନନ୍ଦକୁମାର କେରଳ ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଜୁନ୍ ୯ରେ ତାଙ୍କୁ ଜାମିନ ଦେବାକୁ ମନାକରିବା ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନନ୍ଦକୁମାର ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଖବରଦାତାଙ୍କ ଜାମିନ ଆବେଦନର ଶୁଣାଣିକରି କହିଛନ୍ତି, ତୁମ ୟୁଟ୍ୟୁବ୍ ଚ୍ୟାନେଲ ଆଧାରରେ ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଉ ବୋଲି ତୁମେ ଚାହୁଁଛ କି? ଦୋଷୀ ସାବ୍ୟସ୍ତ କରିବା କିମ୍ବା ଦୋଷମୁକ୍ତ କରିବା ତାହା ୟୁଟ୍ୟୁବ ଭିଡିଓ ଉପରେ ଆଧାରିତ ରାୟ ହୋଇ ନ ପାରେ। ରାୟ ପ୍ରକାଶ କରିବା କୋର୍ଟଙ୍କ କାର୍ଯ୍ୟ। ତୁମେ ଏହାକୁ କାହିଁକି କ୍ରାଇମ୍ ଅନ୍‌ଲାଇନ୍‌ରେ ପୋଷ୍ଟ କରିଛ? ଭଗବାନଙ୍କ ନିଜ ଦେଶ କେରଳରେ ଯାହା କିଛି ଭଲ ଘଟୁଛି, ସେସମ୍ପର୍କରେ କୁହ। ଇତିମଧ୍ୟରେ ଖଣ୍ଡପୀଠ ନନ୍ଦକୁମାରଙ୍କୁ ପୂର୍ବରୁ ମିଳିଥିବା ଅନ୍ତରୀଣ ଜାମିନକୁ ବଳବତ୍ତର ରଖିଛନ୍ତି। ତାଙ୍କ ବିରୋଧରେ ମହିଳାଙ୍କ ସମ୍ମାନହାନି, ଧମକ ଦେବା, ଅନ୍‌ଲାଇନ୍‌ରେ ଅଶ୍ଳୀଳ କଣ୍ଟେଣ୍ଟ ପ୍ରସାରଣ ଯୋଗୁ ମର୍ଯ୍ୟାଦା ନଷ୍ଟ ଆଦି ଅଭିଯୋଗରେ ମାମଲା ରୁଜୁ ହୋଇଛି। ଆଇଟି ଆଇନର ଧାରା ୬୭ ମଧ ଲାଗିଛି।

# ମୁଇଜୁଙ୍କୁ ଭେଟିଲେ ମୋଦି

### ଭାରତ-ମାଳଦ୍ୱୀପ ସମ୍ପର୍କ ବୃଦ୍ଧି ଆଲୋଚନା



ମାଲେରେ ପ୍ରତିରକ୍ଷା ମନ୍ତ୍ରଣାଳୟ ବିଲ୍ଡିଂ ଉଦ୍‌ଘାଟନ ଅବସରରେ ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ମାଲେ,୨୫।୭(ପି.ଟି.)

ମାଳଦ୍ୱୀପକୁ ଦୁଇଦିନିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସେଠାର ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନାରେ ମୁଖ୍ୟତଃ ବାଣିଜ୍ୟ, ପ୍ରତିରକ୍ଷା, ଭିତ୍ତିଭୂମି ଆଦି କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ କରିବା ଦିଗରେ ବଡ଼ ପଦକ୍ଷେପ।

ପ୍ରଧାନମନ୍ତ୍ରୀ ଶୁକ୍ରବାର ସକାଳେ ମାଲେରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭେଲେନା ଅନ୍ତର୍ଜାତୀୟ ବିମାନବନ୍ଦରରେ ମୁଇଜୁଙ୍କ ସମେତ ତାଙ୍କ ସରକାରର ବହୁ ମନ୍ତ୍ରୀ ଉପସ୍ଥିତ ରହି ମୋଦିଙ୍କୁ ସ୍ୱାଗତ କରିଥିଲେ। ରିପବ୍ଲିକାନ୍ ସ୍କୋୟାରରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ମୋତେ ସ୍ୱାଗତ କରିବା ପାଇଁ ରାଷ୍ଟ୍ରପତି ମୁଇଜୁ ଏୟାରପୋର୍ଟ ଆସିଥିବାରୁ ଗଭୀର ଭାବେ ପ୍ରଭାବିତ। ଭାରତ-ମାଳଦ୍ୱୀପ ସମ୍ପର୍କ ଆଗାମୀ ଦିନରେ ପ୍ରଗତିର ନୂଆ ଶିଖରରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦୃଢ଼ୋକ୍ତି କରିଛନ୍ତି। ପ୍ରତିନିଧି ସ୍ତରୀୟ ଆଲୋଚନା ପୂର୍ବରୁ ମୋଦି ଏବଂ ମୁଇଜୁ ୱାନ୍-ଅନ୍-ୱାନ୍ ବୈଠକରେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଚାଇନା ସପକ୍ଷବାଦୀ ମୁଇଜୁ ଭାରତୀୟଙ୍କୁ ବିଦା କରିବା ପ୍ରଚାର ସହ ୨୦୨୩ ନଭେମ୍ବରରେ କ୍ଷମତାକୁ ଆସିଥିଲେ। ତାଙ୍କ ରାଷ୍ଟ୍ରପତିତ୍ୱର ପ୍ରଥମ କେତେ ମାସ ମଧ୍ୟରେ ଭାରତ ଓ ମାଳଦ୍ୱୀପ ମଧ୍ୟରେ ସମ୍ପର୍କ ଖରାପ ହୋଇଥିଲା। ଶପଥ ଗ୍ରହଣ ପରେ ସେ ଭାରତୀୟ ସୈନ୍ୟଙ୍କୁ ତାଙ୍କୁ ଦେଶରୁ ପ୍ରତ୍ୟାହାର କରିନେବା ଲାଗି ଦାବି କରିଥିଲେ। ଫଳରେ ସେଠାରେ ଉଦ୍ଧାର ଓ ମାନବୀୟ ସହାୟତା ପାଇଁ ରହିଥିବା ୨ଟି ହେଲିକପ୍ଟର ଏବଂ ଗୋଟିଏ ବିମାନର ରକ୍ଷଣାବେକ୍ଷଣ ଓ ଚଳାଚଳ ନିମନ୍ତେ ନିୟୋଜିତ ଥିବା ସୈନ୍ୟଙ୍କୁ ଭାରତ ଫେରାଇ ଆଣିଥିଲା। ଏହା ସତ୍ତ୍ୱେ ମାଳଦ୍ୱୀପର ଆର୍ଥିକ ସଙ୍କଟର ସୁଧାର ପାଇଁ ନୂଆଦିଲ୍ଲୀ ସହାୟତା ଯୋଗାଇଦେବା ସହ ପୁନର୍ବାର ସମ୍ପର୍କ ସୁଧାରିବାରେ ସହାୟକ ହୋଇଥିଲା।

## ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଟେକ୍ କମ୍ପାନୀକୁ ଟ୍ରମ୍ପଙ୍କ ସମାଲୋଚନା

ୱାଶିଂଟନ୍,୨୫।୭

ଭାରତୀୟମାନଙ୍କୁ ନିଯୁକ୍ତି ଦେଉଥିବା ଗୁଗଲ, ମାଇକ୍ରୋସଫ୍ଟ ଓ ଆପଲ ଭଳି ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନା କରିଛନ୍ତି। ୱାଶିଂଟନ୍‌ରେ ଅନୁଷ୍ଠିତ ଏଆଇ ସମିଟ୍‌ରେ ଟ୍ରମ୍ପ ଏହି କମ୍ପାନୀଗୁଡ଼ିକୁ ଆମେରିକୀୟଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ପରାମର୍ଶ ଦେଇଛନ୍ତି। ଆମର ଅନେକ ବୃହତ୍ ଟେକ୍ କମ୍ପାନୀ ଆମେରିକୀୟ ସ୍ୱାଧୀନତାର ଆଶୀର୍ବାଦ ଲାଭ କରି ଚାଇନାରେ ଫ୍ୟାକ୍ଟ୍ରି ନିର୍ମାଣ କରୁଥିବାବେଳେ ଭାରତୀୟମାନଙ୍କୁ ନିଯୁକ୍ତି ଦେଉଛନ୍ତି। ଆଉ ସେ ଦିନ ନାହିଁ। ଆମେରିକୀୟ ଟେକ୍ନୋଲୋଜି କମ୍ପାନୀ ଆମେରିକାରେ ରହୁ। 'ପ୍ରଥମେ ଆମେରିକା' ନୀତିକୁ ମାନି ଚଳିବାକୁ ପଡ଼ିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର କରିବାକୁ ଲୋକ ସଭାରେ ଆସିବ ପ୍ରସ୍ତାବ

ନୂଆଦିଲ୍ଲୀ,୨୫।୭(ପି.ଟି.)

### ରାଜ୍ୟ ସଭାରେ ବିରୋଧୀ ଆଣିଥିବା ନୋଟିସ ଗ୍ରହଣ ହେଲାନି



ଜଷ୍ଟିସ୍ ଯଶୱନ୍ତ ବର୍ମା

ଦୁର୍ନୀତିରେ ସମ୍ପୃକ୍ତି ସନ୍ଦେହରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କୁ ବହିଷ୍କାର ପାଇଁ ଲୋକ ସଭାରେ ଦ୍ୱିଦଳୀୟ ପ୍ରସ୍ତାବ ଅଣାଯିବାକୁ ଥିବାବେଳେ ରାଜ୍ୟ ସଭାରେ ବିରୋଧୀ ଆଣିଥିବା ଅନୁରୂପ ନୋଟିସକୁ ଗ୍ରହଣ କରାଯାଇନାହିଁ। ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ପାଇଁ ସବୁ ରାଜନୈତିକ ଦଳ ପକ୍ଷରୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର କହିଛନ୍ତି। ଲୋକ ସଭାରେ ଏନେଇ ଅଣାଯିବାକୁ ଥିବା ପ୍ରସ୍ତାବରେ ଉଭୟ ଶାସକ ଓ ବିରୋଧୀ ଦଳରୁ ୧୫୨ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। ଗତ ୨୧ ତାରିଖରେ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହି ନୋଟିସ ଅଣାଯାଇଥିଲା। ରାଜ୍ୟ ସଭାରେ ଅଣାଯାଇଥିବା ନୋଟିସରେ ବିରୋଧୀ ଦଳର ୬୩ ସଦସ୍ୟ ସ୍ୱାକ୍ଷର କରିଥିଲେ। ଏହା ପରେ ଗୃହ ନୋଟିସ ପାଇଥିବା ନେଇ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ଧନ୍‌କର ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଜଷ୍ଟିସ୍ ବର୍ମାଙ୍କୁ ବହିଷ୍କାର ଲାଗି ସର୍ବସମ୍ମତି ନିଷ୍ପତ୍ତି ହୋଇଥିବାରୁ ଏହା ଏକ ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି ରିଜିଜୁ କହିଛନ୍ତି।

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଅଗ୍ନିବୀରଙ୍କ ମୃତ୍ୟୁ

ପୁଞ୍ଚ/ଜମ୍ମୁ,୨୫।୭

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଶୁକ୍ରବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଜଣେ ଅଗ୍ନିବୀରଙ୍କ ମୃତ୍ୟୁ ଘଟିବା ସହ ୨ ଯବାନ ଆହତ ହୋଇଛନ୍ତି। ଯବାନମାନେ କ୍ରିଷ୍ଣା ଘାଟି ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ମାଇନ୍ ବିସ୍ଫୋରଣ ଘଟିଥିଲା। ଆହତଙ୍କ ମଧ୍ୟରେ ଜଣେ ଜେସିଓ ଅଛନ୍ତି। ସେମାନଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୭ ଜାଟ୍ ରେଜିମେଣ୍ଟରେ ନିୟୋଜିତ ଥିବା ଅଗ୍ନିବୀର ଲଳିତ କୁମାରଙ୍କୁ ହ୍ୱାଇଟ୍ ନାଇଟ୍ କର୍ ଜିଓସିଙ୍କ ସମେତ ସବୁ ର୍ୟାଙ୍କର ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ତେଜସ୍ୱୀଙ୍କୁ ହତ୍ୟା ପାଇଁ ଜେଡିୟୁ-ଭାଜପାର ଚକ୍ରାନ୍ତ: ରାବ୍ରୀ ଦେବୀ

ପାଟନା,୨୫।୭

ବିହାରର ଶାସକ ଜେଡିୟୁ-ଭାଜପା ମେଣ୍ଟ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ବିଧାନସଭା ନିର୍ବାଚନ ପୂର୍ବରୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ଚଳାଇଥିବା ତାଙ୍କ ମା' ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ଅଭିଯୋଗ ଆଣିଛନ୍ତି। ପିଟିଆଇକୁ ସାକ୍ଷାତ୍‌କାର ଦେଇ ବିଧାନ ପରିଷଦର ବିରୋଧୀ ଦଳ ନେତା ରାବ୍ରି କହିଛନ୍ତି, ଅତୀତରେ ଅନ୍ୟୂନ ୨ରୁ ୪ ଥର ତେଜସ୍ୱୀଙ୍କୁ ହତ୍ୟା ପାଇଁ ଉଦ୍ୟମ ହୋଇଛି। ଏପରିକି ପୂର୍ବରୁ ମଧ ତେଜସ୍ୱୀଙ୍କୁ ଥରେ ଟ୍ରକ୍ ମଡ଼ାଇ ହତ୍ୟା ଉଦ୍ୟମ କରାଯାଇଥିଲା ବୋଲି ରାବ୍ରୀ କହିଛନ୍ତି।

# ଡ୍ରୋନ୍‌ରୁ ବଙ୍କରଭେଦୀ ମିଶାଇଲ ପରୀକ୍ଷା

ନୂଆଦିଲ୍ଲୀ,୨୫।୭(ପି.ଟି.)

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ଶୁକ୍ରବାର ଆନ୍ଧ୍ରପ୍ରଦେଶର କୁର୍‌ନୁଲସ୍ଥିତ ପରୀକ୍ଷା ରେଞ୍ଜ୍‌ରେ ଡ୍ରୋନ୍‌ରୁ ଲଞ୍ଚ୍ ହେଉଥିବା ମିଶାଇଲ୍‌ର ସଫଳ ପରୀକ୍ଷା କରାଯାଇଛି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧିରେ ଏହା ଏକ ବଡ଼ ସଫଳତା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ୟୁଏଲ୍‌ପିଜିଏମ୍-ଭି୨ ମିଶାଇଲ୍‌ର ଏହି ଉନ୍ନତ ଭର୍ସନକୁ ଡିଆର୍‌ଡିଓ ବିକଶିତ କରିଛି ଯାହା ଏକାଧିକ ଟାର୍ଗେଟକୁ ଆକ୍ରମଣ କରିପାରିବ। ମିଶାଇଲ୍‌କୁ ଦିନ ଓ ରାତି ସମୟରେ ଛଡ଼ାଯାଇପାରିବ। ଲଞ୍ଚ୍ ପରବର୍ତ୍ତୀ ଟାର୍ଗେଟକୁ ଅପ୍‌ଡେଟ୍ କରିବା ପାଇଁ ଏଥିରେ ଟୁ-ୱେ ଡେଟା ଲିଙ୍କ୍ ରହିଛି। ଏହା ବଙ୍କରକୁ ଭେଦ କରିପାରିବ। ଭାରତୀୟ ଷ୍ଟାର୍ଟଅପ୍ ବେଙ୍ଗାଲୁରୁର ନ୍ୟୁସ୍ପେସ୍ ରିସର୍ଚ୍ଚ ଟେକ୍‌ନୋଲୋଜି ଦ୍ୱାରା ନିର୍ମିତ ଡ୍ରୋନ୍‌ରୁ ଉକ୍ତ ମିଶାଇଲ୍‌କୁ ଛଡ଼ାଯାଇଥିଲା।



ତେଲଆଭିଭ୍‌ସ୍ଥିତ ଆମେରିକା ଦୂତାବାସ ସମ୍ମୁଖରେ ଇସ୍ରାଏଲୀ ଆକ୍ଟିଭିଷ୍ଟମାନେ ଗାଜା ଷ୍ଟ୍ରିପ୍‌ର କ୍ଷୁଧାର୍ଥ ପାଲେଷ୍ଟିନୀୟଙ୍କ ସପକ୍ଷରେ ବିକ୍ଷୋଭ କରୁଛନ୍ତି।

### କାମ୍ବୋଡ଼ିଆ-ଥାଇଲାଣ୍ଡ ସଂଘର୍ଷ

# ଘର ଛାଡ଼ିଲେଣି ୬୨ ହଜାର

ସୁରିନ୍,୨୫।୭

ଥାଇଲାଣ୍ଡ ଏବଂ କାମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦ ଯୁଦ୍ଧ ଭଳି ସ୍ଥିତି ସୃଷ୍ଟି କରିଛି। ଉଭୟ ପକ୍ଷ ପରସ୍ପରକୁ ଗୁଳି ଓ ରକେଟ ମାଡ଼ ଜାରି ରଖିଥିବାବେଳେ ଥାଇଲାଣ୍ଡ ଏୟାର ଷ୍ଟ୍ରାଇକ୍ କରିଛି। ଗୁରୁବାର ସୀମାର ୬ଟି ସ୍ଥାନରେ ଉଭୟ ଦେଶର ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିବାବେଳେ ଶୁକ୍ରବାର ସକାଳେ ପୁରାତନ ଟା ମୁଏନ୍ ଥୋମ୍ ମନ୍ଦିର ନିକଟରେ ପୁନର୍ବାର ସଂଘର୍ଷ ଆରମ୍ଭ ହୋଇଥିଲା। ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ଯୁଦ୍ଧ ଆଶଙ୍କାରେ ୨ ଦେଶର ଅନେକ ହଜାର ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଉତ୍ତେଜନା ସ୍ଥିତିକୁ ନେଇ ଜାତିସଂଘ ସୁରକ୍ଷା ପରିଷଦର ଜରୁରୀ ବୈଠକ ବସିବାକୁ ଥିବାବେଳେ ଆକ୍ରମଣ ବନ୍ଦ ଲାଗି ମାଲେସିଆ ଉଭୟ ଦେଶକୁ ଆହ୍ୱାନ ଦେବା ସହ ମଧ୍ୟସ୍ଥତା ଲାଗି ପ୍ରସ୍ତାବ ଦେଇଛି। ଥାଇଲାଣ୍ଡର ୪ଟି ସୀମାନ୍ତ ପ୍ରଦେଶ ପ୍ରଭାବିତ ହୋଇଥିବାବେଳେ ୫୮ ହଜାରରୁ ଊର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ଚାଲିଯାଇଥିବା ସେଠାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସେହିପରି କାମ୍ବୋଡିଆ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ସୀମାନ୍ତ ଅଞ୍ଚଳରୁ ୪,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲାଣି। ତେବେ ସଂଘର୍ଷ ବନ୍ଦ ଲାଗି ଅନ୍ୟ ଦେଶର ମଧ୍ୟସ୍ଥତା ଗ୍ରହଣ କରିବାକୁ ୨ ଦେଶ ରାଜି ନୁହନ୍ତି। ଉତ୍ତେଜନା ଲାଗିରହିଥିବାରୁ ଥାଇଲାଣ୍ଡରେ ଥିବା ଭାରତୀୟମାନଙ୍କୁ ପ୍ରଭାବିତ ରାଜ୍ୟଗୁଡ଼ିକୁ ନ ଯିବା ପାଇଁ ସେଠାର ଭାରତୀୟ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଅତ୍ୟଧିକ ବିପଦରେ ବିଶ୍ୱର ୯.୩% ଅଞ୍ଚଳ

ନୂଆଦିଲ୍ଲୀ,୨୫।୭(ପି.ଟି.)

### ପ୍ରାଣୀରୁ ମାନବକୁ ସଂକ୍ରମଣ

କୋଭିଡ୍ ମହାମାରୀ ଭଳି ପ୍ରାଣୀ ଶରୀରରୁ ମାନବକୁ ସଂକ୍ରମିତ ହେଉଥିବା ରୋଗଜନିତ ସର୍ବାଧିକ ବିପଦ ଆଶଙ୍କା ବିଶ୍ୱର ୯.୩ ପ୍ରତିଶତ ଅଞ୍ଚଳରେ ରହିଥିବା ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି। ସାଇନ୍ସ ଆଡଭାନ୍ସେସ୍ ପତ୍ରିକାରେ ପ୍ରକାଶିତ ଉକ୍ତ ଅଧ୍ୟୟନ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ୩ ପ୍ରତିଶତ ଅତ୍ୟଧିକ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଛନ୍ତି। ଅଧ୍ୟୟନରେ ୟୁରୋପୀୟ କମିଶନ୍‌ର ଜଏଣ୍ଟ ରିସର୍ଚ୍ଚ ସେଣ୍ଟର ସାଇଣ୍ଟିଫିକ୍ ଡେଭେଲପମେଣ୍ଟ ପ୍ରୋଗ୍ରାମ ୟୁନିଟ୍‌ର ଗବେଷକମାନେ ସାମିଲ ହୋଇଥିଲେ। ସେମାନେ ବିଶ୍ୱ ସ୍ତରରେ ସଂକ୍ରମକ ରୋଗ ଓ ମହାମାରୀ ବିଜ୍ଞାନ ନେଟ୍‌ୱର୍କର ଡେଟାସେଟ୍ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ମହାମାରୀ ରୋଗ ତାଲିକାକୁ ଅନୁଧ୍ୟାନ କରି ଉପରୋକ୍ତ ଆକଳନ କରିଛନ୍ତି। କୋଭିଡ୍, ଏବୋଲା, କରୋନା ଭୂତାଣୁ ସମ୍ପର୍କିତ ଏମ୍ଇଆର୍ଏସ୍ ଏବଂ ଏସ୍ଏଆର୍ଏସ୍, ନିପା ଆଦି ଡବ୍ଲ୍ୟୁଏଚ୍‌ଓ ତାଲିକାରେ ଥିବା ସର୍ବାଧିକ ସଂକ୍ରମକ ରୋଗ।

# ଓଡ଼ିଶାରେ ୨୦୦ କୋଟି ନିବେଶ କରିବ ହିଣ୍ଡାଲ୍କୋ

■ହିଣ୍ଡାଲ୍କୋ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୨ ଏମ୍ଓୟୁ ସ୍ୱାକ୍ଷର

■କେନ୍ଦୁଝର, ସମ୍ବଲପୁରରେ ହେବ ପୋଷାକ ତିଆରି କାରଖାନା




**ଭୁବନେଶ୍ୱର,୨୫।୭ (ଅଭୟ ଦାଶ)**

ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଓଡ଼ିଶାରେ ୨୦୦ କୋଟି ଟଙ୍କା ନିବେଶ ପାଇଁ ଧାର୍ଯ୍ୟ ହୋଇଛି। ଫଳରେ ଓଡ଼ିଶାର କେନ୍ଦୁଝର ଓ ସମ୍ବଲପୁର ଜିଲାରେ ପୋଷାକ ତିଆରି କାରଖାନା ପ୍ରତିଷ୍ଠା ହେବ। ଏ ନେଇ ଶୁକ୍ରବାର ହିଣ୍ଡାଲ୍କୋ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଦୁଇଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର ହୋଇଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ହିଣ୍ଡାଲ୍କୋର କର୍ପୋରେଟ ଆଫେୟାର ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ଶିକ୍ଷା ବିଭାଗ ସଚିବ ବି.ଏସ୍. ପୁନିଆଙ୍କ ମଧ୍ୟରେ ଏହି ଏମ୍ଓୟୁ ଦସ୍ତାବିଜ ଆଦାନ ପ୍ରଦାନ ହୋଇଛି। ସେହିପରି ଫିକି ସହଯୋଗରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଟେକ୍ସ ଟାଇଲ ନିବେଶକ ସମ୍ମିଳନୀ-୨୦୨୫ (ଟେକ୍ସ-୨୦୨୫) ରେ ହିଣ୍ଡାଲ୍କୋ ପକ୍ଷରୁ ରାଜ୍ୟର ଉପରୋକ୍ତ ଦୁଇଟି ସ୍ଥାନରେ ପୋଷାକ କାରଖାନା ପ୍ରତିଷ୍ଠା ବାବଦକୁ ୨୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ଦୁଇଟି ପୋଷାକ କାରଖାନା ଆଗାମୀ ଦିନରେ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଏଥିରେ ୨୪୦୦ ଯୁବବର୍ଗଙ୍କୁ କର୍ମନିଯୁକ୍ତି ମିଳିବ ସମ୍ଭାବନା ସୃଷ୍ଟି ହେବ। ଏହି ପରିପ୍ରେକ୍ଷୀରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଟେକ୍ସଟାଇଲ ଓ ହସ୍ତତନ୍ତ୍ର ବିଭାଗ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ସଚିବ ମନୋଜ ଆହୁଜା, ବିକାଶ ଆୟୋଗ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଦ୍ୱାରା ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଓଡ଼ିଶାରେ ଏହାର ଉପସ୍ଥିତି ଆହୁରି ବୃଦ୍ଧି କରିଛି। ଏକ ଦାୟିତ୍ୱବାନ ଶିଳ୍ପ ପ୍ରତିଷ୍ଠାନ ଭାବେ ରାଜ୍ୟରେ ଏହାର ପରିଚୟ ସୁଦୃଢ଼ ହେବା ଦ୍ୱାରା ଆଗାମୀ ଦିନରେ ରାଜ୍ୟ ପକ୍ଷରୁ ଶତାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଜାରି ରହିବ।

# ରତ୍ନା ତେଜା ଏସ୍‌ବିଆଇର ନୂଆ ସିଜିଏମ୍

**ଭୁବନେଶ୍ୱର,୨୫।୭**



ରତ୍ନା ତେଜା ଦିନକର ଅକେଲା

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ) ଭାବେ ରତ୍ନା ତେଜା ଦିନକର ଅକେଲାଙ୍କୁ ନିକଟରେ ନିଯୁକ୍ତ ଦିଆଯାଇଛି। ଏହା ପୂର୍ବରୁ ସେ ମୁମ୍ବାଇସ୍ଥିତ ଏସ୍‌ବିଆଇ କର୍ପୋରେଟ ସେଣ୍ଟରରେ ମୁଖ୍ୟ ମହାପ୍ରବନ୍ଧକ (ରିସ୍କ ମ୍ୟାନେଜମେଣ୍ଟ ବିଭାଗ) ଭାବେ କାର୍ଯ୍ୟରତ ଥିଲେ। ସେହିଭଳି ୧୯୯୪ରେ ରତ୍ନା ତେଜା ଏସ୍‌ବିଆଇରେ ପ୍ରୋବେସନାରି ଅଫିସର (ପିଓ) ଭାବେ ଯୋଗଦେଇଥିଲେ। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୧ବର୍ଷର ଅଭିଜ୍ଞତା ରହିଛି। ବ୍ୟାଙ୍କିଙ୍ଗ୍ କ୍ୟାରିୟର ମଧ୍ୟରେ ସେ ରିଟେଲ ଅପରେଶନ, କର୍ପୋରେଟ କ୍ରେଡିଟ୍, ଫୋରେକ୍ସ, ଏମ୍ଏସ୍ଏମ୍ଇ ଭଳି ପ୍ରମୁଖ କ୍ଷେତ୍ରରେ କାର୍ଯ୍ୟ କରିବା ସହ ଦେଶ ବିଦେଶରେ ମଧ୍ୟ ସେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହର ଅଭିଜ୍ଞତା ଅର୍ଜନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ଏସ୍‌ବିଆଇର ସମସ୍ତ ୯୧୭ ଶାଖା ତାଙ୍କ ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ପରିଚାଳିତ ହେବ।

# ଇଲେକ୍ଟ୍ରୋନିକ୍ସ କ୍ଷେତ୍ରକୁ ବଳ ଯୋଗାଇବ

**ଭୁବନେଶ୍ୱର,୨୫।୭**

ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଏକ ରଣନୈତିକ ମାଇଲଖୁଣ୍ଟ ହେବ ବୋଲି ଆଶା କରାଯାଉଛି। ବିଶେଷକରି ଏହା ଭାରତର ବୈଶ୍ୱିକ ଭାବମୂର୍ତ୍ତି ବୃଦ୍ଧି ଏବଂ ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ ସୁଯୋଗକୁ ଉନ୍ମୁକ୍ତ କରିଛି। ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଉପାଦାନ, କଞ୍ଚାମାଲ ଏବଂ ପୁଞ୍ଜି ଉପକରଣ ଉପରେ ଶୁଳ୍କକୁ ସମାପ୍ତକରି ଏହା ଉତ୍ପାଦନ ଖର୍ଚ୍ଚ ହ୍ରାସ କରିଥାଏ। ଏପରିକି 'ମେଡ୍ ଇନ୍ ଇଣ୍ଡିଆ' ଉତ୍ପାଦଗୁଡ଼ିକର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ବୃଦ୍ଧି କରିଛି। ଏ ସମ୍ପର୍କରେ ଏସ୍ଇଏମ୍ଆଇ/ସେମି ଇଣ୍ଡିଆ ଏବଂ ଆଇଇଏସ୍ଏର ସଭାପତି ଅଶୋକ ଚଣ୍ଡକ କହିଛନ୍ତି, ଏହାଦ୍ୱାରା ମେଡ୍ ଇନ୍ ଇଣ୍ଡିଆ'କୁ ଶକ୍ତି ପ୍ରଦାନ ସହ ଇଲେକ୍ଟ୍ରୋନିକ୍ସ କ୍ଷେତ୍ର ଲାଭବାନ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ରାଜିନାମା ଭବିଷ୍ୟତର ଏଫ୍‌ଟିଏ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି, ଯାହା ସମଭାବାପନ୍ନ ଗଣତନ୍ତ୍ର ସହ ଭାରତର ସଂଳାପକୁ ପ୍ରତିଫଳିତ କରୁଛି ଏବଂ ଇଲେକ୍ଟ୍ରୋନିକ୍ସ ଭଳି ଉଚ୍ଚ-ବୈଷୟିକ କ୍ଷେତ୍ରରେ ଏହାର ରଣନୈତିକ ସ୍ଥିତିକୁ ସୁଦୃଢ଼ କରୁଛି। ସ୍ମାର୍ଟଫୋନ୍, ଅପ୍ଟିକାଲ୍ ଫାଇବର କେବୁଲ ଏବଂ ଇନଭର୍ଟର ଭଳି ଭାରତୀୟ ରପ୍ତାନି ପାଇଁ ଶୁଳ୍କମୁକ୍ତ ପ୍ରବେଶ ସହ ଏଫ୍‌ଟିଏ ଭାରତକୁ ବ୍ରିଟେନର ଇଲେକ୍ଟ୍ରୋନିକ୍ସ ଆମଦାନୀରେ ବର୍ତ୍ତମାନର ୨ବିଲିୟନ ଆମେରିକୀୟ ଡଲାରର ଅଂଶକୁ ବୃଦ୍ଧି କରିବା ଏବଂ ୨୦୩୦ସୁଦ୍ଧା ଏହାର ଉଚ୍ଚାଭିଳାଷୀ ୫୦୦ବିଲିୟନ ଆମେରିକୀୟ ଡଲାରର ଇଲେକ୍ଟ୍ରୋନିକ୍ସ ଶିଳ୍ପ ଲକ୍ଷ୍ୟ ଆଡ଼କୁ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଦିଗରେ ଅବସ୍ଥାପିତ କରିଛି। ସେହିଭଳି ଡିଜାଇନ, ପରୀକ୍ଷଣ ଏବଂ ଏମ୍‌ବେଡେଡ୍ ସଫ୍ଟୱେରରେ ବର୍ଦ୍ଧିତ ସହଯୋଗରୁ ସେବା କ୍ଷେତ୍ର ଲାଭବାନ ହେବ-ବ୍ରିଟେନର ଡିଜାଇନ ନେତୃତ୍ୱକୁ ଭାରତର ଇଞ୍ଜିନିୟରିଂ ବିଶେଷଜ୍ଞତା ସହିତ ମିଶ୍ରଣ କରିବ। ଏଫ୍‌ଟିଏ କୁଶଳୀ ପ୍ରତିଭା ଗତିଶୀଳତାକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏପରିକି ଯୋଗାଣ ଶୃଙ୍ଖଳାର ନମନୀୟତାକୁ ସୁଦୃଢ଼ କରିଥାଏ ଏବଂ ସବୁଜ ଏବଂ ସ୍ଥାୟୀ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଇଥାଏ।

# ଭାରତ-ବ୍ରିଟେନ୍ ଏଫ୍‌ଟିଏ ଏକ ନୂଆ ଯୁଗର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇଂଲଣ୍ଡ ଗସ୍ତ ସମୟରେ ସ୍ୱାକ୍ଷରିତ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ)କୁ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଚୁକ୍ତି ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ୬୦ ବିଲିୟନ ଡଲାରରୁ ୧୨୦ବିଲିୟନ ଡଲାରକୁ ବଢ଼ାଇବା ସହ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି। ଏହା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସ ଅଧୀନରେ ଭାରତୀୟ ଉତ୍ପାଦନ ଏବଂ ଡିଜାଇନ୍ ପାଇଁ ବିଶ୍ୱସ୍ତରୀୟ ମଞ୍ଚରେ ନୂତନ ଅବସର ସୃଷ୍ଟି କରିବ। ଟିଭିଏସ୍ ମୋଟର କମ୍ପାନୀ ପାଇଁ ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି, ଯେତେବେଳେ କମ୍ପାନୀ ବ୍ରିଟେନ ନୂତନରେ ନର୍ଟନ୍ ମୋଟରସାଇକେଲ ଉନ୍ମୋଚନ କରିବାକୁ ପ୍ରସ୍ତୁତ ହେଉଛି। ଏ ସମ୍ପର୍କରେ ଟିଭିଏସ୍ ମୋଟର କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ବେଣୁ କହିଛନ୍ତି,ଭାରତ-ବ୍ରିଟେନ୍ ଏଫ୍‌ଟିଏ ଏକ ନୂଆ ଯୁଗର ଶୁଭାରମ୍ଭ ହୋଇଛି। ଏପରିକି ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତର ସ୍ୱପ୍ନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ଡିଜାଇନ୍ କ୍ଷେତ୍ରରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢିବା ପାଇଁ ତାଙ୍କର ଅଟଳ ପ୍ରତିବଦ୍ଧତାରୁ ଅନୁପ୍ରାଣିତ ହେଉଛୁ। ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏହା ଭାରତୀୟ କମ୍ପାନୀଗୁଡିକୁ 'ମେକ୍ ଇନ୍ ଇଣ୍ଡିଆ'କୁ ବିଶ୍ୱସ୍ତରୀୟ ମଞ୍ଚରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ। ଆମେ ବିଶେଷ ଭାବେ ଉତ୍ସାହିତ କାରଣ ଚଳିତ ବର୍ଷ ନୂତନ ନର୍ଟନ୍ ମୋଟରସାଇକଲକୁ ଉନ୍ମୋଚନ କରାଯିବ ଯାହା ଭାରତ ଏବଂ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ମଜଭୁତ ହେବାରୁ ଲାଭାନ୍ୱିତ ହେବ। ଏହା ଆମର ବିଶ୍ୱସ୍ତରୀୟ ଆକାଂକ୍ଷାକୁ ଶକ୍ତି ପ୍ରଦାନ କରିବ ଏବଂ ବିଶ୍ୱସ୍ତରୀୟ ଉତ୍ପାଦ ଏବଂ ବ୍ରାଣ୍ଡ ନିର୍ମାଣ ପାଇଁ ଆମର ସଂକଳ୍ପକୁ ମଜଭୁତ କରିବ। ଟିଭିଏସ୍ ମୋଟର କମ୍ପାନୀ ବିଶ୍ୱାସକରେ ଯେ ଭାରତ-ବ୍ରିଟେନ୍ ଏଫ୍‌ଟିଏ ଭାରତୀୟ କମ୍ପାନୀଗୁଡିକୁ ବିଶ୍ୱସ୍ତରୀୟ ଉପସ୍ଥିତି ବିସ୍ତାର କରିବା ସହ ବୃହତ୍ ମଞ୍ଚରେ ଭାରତର ନବସୃଜନ ଏବଂ ଯାନ୍ତ୍ରିକ ଦକ୍ଷତାକୁ ପ୍ରଦର୍ଶନ କରିବାରେ ବିପୁଳ ସୁଯୋଗ ସୃଷ୍ଟି କରିବ।

# ସିଜିୟୁ ସହ ଏନ୍‌ୟୁଏସ୍‌ଟିର ବୁଝାମଣା

**ଭୁବନେଶ୍ୱର,୨୫।୭**



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ, ଓଡ଼ିଶା) ଏବଂ ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଏନ୍‌ୟୁଏସ୍‌ଟି,ଓମାନ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ ଶିକ୍ଷାନୁଷ୍ଠାନ ମଧ୍ୟରେ ଛାତ୍ର ବିନିମୟ କାର୍ଯ୍ୟକ୍ରମ, ଟେକ୍ନୋଲୋଜିର ପ୍ରୟୋଗ ଏବଂ ଦକ୍ଷତା ବିକାଶ ଭଳି ଅନେକ ଦିଗ ଉପରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ଏକ ଚୁକ୍ତିନାମା (ଏମ୍ଓୟୁ) ସ୍ୱାକ୍ଷର କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏନ୍‌ୟୁଏସ୍‌ଟିର ଡ. ସଲିମ୍ ଅଲ୍ ଆରାଇମି, ଏ. ନିଜାମୁଦ୍ଦିନ ଅହମ୍ମଦ, ପ୍ରଫେସର ସି.ଭି. ସୁଧୀର ଏବଂ ଡ.ତଲାଲ୍ ମହମ୍ମଦ ଅଲ୍ ବାଲୁଶିଙ୍କ ସମେତ ସିଜିୟୁର ପ୍ରଫେସର ଡ. ଗୁଡା ଶ୍ରୀଦେବୀ, ରଜତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏନ୍‌ୟୁଏସ୍‌ଟିର ଭିସି (ଭାଇସ୍ ଚାନ୍ସେଲର) ଡ. ଅଲି ସୌଦ ଅଲ୍ ବିମାନି ନବସୃଜନଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସିଜିୟୁର ସ୍କିଲିଂ ଇକୋସିଷ୍ଟମ୍ ଭବିଷ୍ୟତରେ ଓମାନ ଦୂତାବାସର ଭିଜନ-୨୦୪୦ରେ ଅବଦାନ ଦେବା ପାଇଁ ପ୍ରେରିତ କରିଥିଲେ। ସେହିପରି ସିଜିୟୁର ପ୍ରୋ-ଭାଇସ ଚାନ୍ସେଲର ଡ. ଗୁଡା ଶ୍ରୀଦେବୀ, ଓମାନରେ ଥିବା ଭାରତୀୟ ଦୂତାବାସ, ଏନ୍‌ୟୁଏସ୍‌ଟି ଏବଂ ଫିକି ଇଣ୍ଡିଆର ଅଧିକାରୀମାନଙ୍କର ଐତିହାସିକ ସହଯୋଗ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୨୫।୭**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୭୨୧ (୭୨୧.୦୮) ପଏଣ୍ଟ ହ୍ରାସ ଘଟି ୮୧,୪୬୩ (୮୧,୪୬୩.୦୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୨୫ (୨୨୫.୧୦) ପଏଣ୍ଟ କମି ୨୪,୮୩୭ (୨୪,୮୩୭.୦୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରିଅଲ୍‌ମି ୧୫ ସିରିଜର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୭**

ରିଅଲ୍‌ମିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲ୍‌ମି ୧୫ସିରିଜ 'ରିଅଲ୍‌ମି ୧୫ପ୍ରୋ ୫ଜି ଏବଂ ରିଅଲମି୧୫ ୫ଜି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏଆଇ ପାର୍ଟି ଫୋନ୍ ଭାବେ ସ୍ଥାପିତ ଏହି ସିରିଜ କ୍ୟାମେରା ଉତ୍କର୍ଷ, ଅତ୍ୟାଧୁନିକ ଏଆଇ ଓ ସାମଗ୍ରିକ କାର୍ଯ୍ୟଦକ୍ଷତା ପାଇଁ ଏକ ନୂଆ ମାନଦଣ୍ଡ ସ୍ଥିର କରୁଛି। ରିଅଲ୍‌ମି ୧୫ ସିରିଜରେ ଟ୍ରିପଲ ୫୦ଏମ୍‌ପି ଅଲ୍ଟ୍ରା-କ୍ଲିୟର କ୍ୟାମେରା ଓ ୪କେ ୬୦ଏଫ୍‌ପିଏସ୍ ଭିଡିଓ ରେକର୍ଡିଂ ଫିଚର ରହିଛି। ଏହା ବିଶ୍ୱର ପ୍ରଥମ ଏଆଇ ଏଡିଟ ଜେନି ଟେକ୍ନୋଲୋଜି ସହ ଏଆଇ ଇମେଜିଂ ଏବଂ ବିଶେଷକରି ଯୁବପିଢ଼ିଙ୍କ ପାଇଁ ନିର୍ମିତ ଏକ୍ସକ୍ଲୁସିଭ ଏଆଇ ପାର୍ଟି ମୋଡ୍‌କୁ ପୁନଃ ବ୍ୟାଖ୍ୟା କରୁଛି। ୧୫ ସିରିଜ ବ୍ୟତୀତ ନୂଆ ରିଅଲ୍‌ମି ବଡ୍ସ ଟି୨୦୦ର ଶୁଭାରମ୍ଭ କରାଯାଇଛି। ଉଭୟ ଡିଭାଇସ୍ ୭୦୦୦ ଏମ୍ଏଏଚ୍ ଟାଇଟନ ବ୍ୟାଟେରି ସହ ସୁସଜ୍ଜିତ ରହିଛି। ଉପଭୋକ୍ତାମାନେ ୫୦% ବ୍ୟାଟେରି ସହ ମଧ୍ୟ ସାରାଦିନ ନନ୍-ଷ୍ଟପ୍ ବ୍ୟବହାରକୁ ଉପଭୋଗ କରିପାରିବେ ଏବଂ ଏଥିରେ ସୁପରଫାଷ୍ଟ ୮୦ୱାଟ ଚାର୍ଜିଂ ଏବଂ ଏକ ମଜଭୁତ ୭୦୦୦ଏମ୍ଏମ୍ ଭିସି କୁଲିଂ ସିଷ୍ଟମକୁ ମଧ୍ୟ ରହିଛି। ଉଭୟ ସ୍ମାର୍ଟଫୋନ ରିଅଲ୍‌ମିର ଫ୍ଲାଗସିପ-ଗ୍ରେଡ୍ 'ଜିଟି ବୁଷ୍ଟ' ଏଆଇ ଗେମିଂ ଅପ୍ଟିମାଇଜେଶନ ସହ ଆସୁଛି, ଯାହା ଗେମରଙ୍କ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଅନୁଭୂତି ଦେଇଥାଏ।

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR**
At/PO-Salapada, Dist.-Keonjhar, PIN-758020,
Telephone : 06731-220322, e-mail id : dfo.keonjharwl@odisha.gov.in
**OFFICE ORDER NO.201/DATED 23.07.2025**
**TENDER CANCELLATION NOTICE**
**No.MM-139** : The Tender Notice No.192 dtd. 05.07.2025 published in daily Odia Newspapers DHARITRI & SAMBAD vide Advertisement No. MM-115 is hereby cancelled due to unavoidable circumstances.
Sd./- (Abhay Kumar Dalai-OFS-I (SAG))
Divisional Forest Officer,
Keonjhar Wildlife Division,
Anandapur
OIPR-08147/11/0013/2526

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**
No. g-70: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା୦୯।୦୪।୨୦୨୫ରିଖ ଦିନ **ସାଇ ଶ୍ରଦ୍ଧାଞ୍ଜଳୀ** ନାମକ ଏକ ୪ ବର୍ଷର ଶିଶୁ କନ୍ୟାଟିକୁ କରୁଣାକର ଦେବତା ନାମକ ଏକ ବ୍ୟକ୍ତି ତା'ର ପିତା ବୋଲି ପରିଚୟ ଦେଇ ଶିଶୁ ମଙ୍ଗଳ କମିଟି, କଟକ ନିକଟରେ ଆଣି ଛାଡ଼ିଥିଲେ। ଶିଶୁଟି ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୧୩୮/୨୦୨୫, ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହୁଅଛି। ତେଣୁ ଉକ୍ତ କନ୍ୟାଟିର ଯଦି ମାଆ କିମ୍ବା ଅନ୍ୟ କେହି ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ. ୫୪, କଲେକ୍ଟୋରିଏଟ୍ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦକ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ - ୭୫୪୦୭୧, ଫୋନ୍ ନଂ. ୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ସମୟ ସୀମା ଅତିକ୍ରାନ୍ତ ପରେ ଉକ୍ତ ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0029/2526

**OFFICE OF THE SUPERINTENDING ENGINEER RURAL WORKS DIVISION-II, GANJAM, BERHAMPUR**
Phone : 0680-2404096, E-Mail : eerwgmt@yahoo.co.in
No.O-473 Government of Odisha e-Procurement Notice
**Bid Identification No. Online Tender/04/SERWD-II/2025-26**
**Memo No.5467/RWD-IIGB, Date : 19.07.2025**

| | | | |
|---|---|---|---|
| 1 | Name of the Work | : | Building Works |
| 2 | Estimated Cost | : | Rs.49.58 lakhs to Rs.49.80 lakhs |
| 3 | Period of Completion | : | 6 (six) Months as per Annexure |
| 4 | Date & Time of availability of Bid documents in the Portal | : | 28.07.2025 at 10.00 A.M. to 07.08.2025 up to 5.00 P.M. |
| 5 | Last Date/Time for receipt of Bids in the Portal | : | 07.08.2025 up to 5.00 P.M. |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
Sd./- Executive Engineer
R.W. Division-II, Ganjam
Berhampur
OIPR-25073/11/0021/2526

**OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC) BALANGIR**
No.CAD-1266
**Phone:9438200035, District website:https://balangir.odisha.gov.in**
**Tender No.4440, 4441, 4442, 4443, 4444, 4445, 4446, 4447, 4448, 4449, 4450, 4451, 4452, 4453, 4454, 4455, 4456 Dt.19.07.2025**
District Manager, Odisha State Civil Supplies Corporation Ltd., Balangir (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) Level-II Transport Contractor for transporation of foodgrains from RRCs to Retail Centers (FPS) in the district of the State of Odisha. |
| 2 | Availability of bid document in the portal | From Dt.23.07.2025 |
| 3 | Last Date/ Time for Receipt of bids in the portal | Dt.12.08.2025 upto 05.00 P.M. |
| 4 | Date/Time of Opening of Technical Bid | Dt.13.08.2025 at 11.00 A.M. |
| 6 | Name and address of the Officer Inviting Tender | District Manager, OSCSC Ltd., Balangir |

Tender document and other details can be seen from e-procurement portal www.oscsc.in, www.foododisha.in & www.tendersodisha.gov.in alongwith district website. Amendment/ Corrigendum/Cancellations/ retenders etc. if any shall be published only in above website.
Sd./- District Manager,
OSCSC Ltd., Balangir
OIPR-07031/11/0010/2526

See Career Appointment on every Wednesday & Saturday

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P.H.DIVISION, BHANJANAGAR AT CHATRAPUR**
No.C-739
E-mail: eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

| Sl. No. | Name of Work | Bid Identification No. | Estimated Cost (Rs.in Lakh) | Period of Completion | Availability of Bid document for online bidding | | Name & Address of office inviting bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 150mm to 450 mm dia DI pipes inconnection with the work construction of intake well laying of RWRM and ancillary works for improvement of water supply to Kodala NAC and Construction of WTP and laying of RWRM and CWRM with ancillary works for Sorada NAC under AMRUT 2.0 SWAP-III | Bid Identification No. 11/03/ SPH (C)/ 2025-26 dt.22.07.2025 | 371.03 | 3 (Three) Calendar Months | 11.00 Hrs. of 25.07.2025 | 17.30 Hrs. of 08.08.2025 | Superintending Engineer, P.H. Division, Bhanjanagar at Chatrapur |
| 2 | Procurement of 150mm to 450mm dia DI pipes inconnection with the work- Laying of CWRM in connection with improvement of water supply to Kodala NAC under AMRUT 2.0 SWAP-III | Bid Identification No. 12/03/ SPH (C)/ 2025-26 dt.22.07.2025 | 664.11 | 3 (Three) Calendar Months | 11.00 Hrs. of 25.07.2025 | 17.30 Hrs. of 08.08.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on dt.11.08.2025 at 01.00 PM.
Further details can be seen from the e-procurement portal https://www.tenderorissa.gov.in.
Sd./- Additional Chief Engineer (PH)
P.H.Division, Bhanjanagar at Chatrapur
OIPR-13013/11/0018/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No: RWDSE_MKG_II_ONLINE_04/2025-26**
No.O-468:The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade/Class registered with Central Government/MES/Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work: Building Work. 2. No. of Works: 04 No. 3. Estimated Cost: Rs.64.37 Lakhs to Rs.78.65 Lakhs. 4. Tender Paper Cost: Rs.10,000/-. 5. Class of Contractor: Estimated cost upto Rs.20.00 Lakhs 'D'. Estimated Cost upto Rs.40.00 Lakhs 'C'. Estimated Cost more than Rs.20.00 lakhs & within Rs.300.00 lakhs 'B'. 6. Period of Completion: 09 (Nine) Calendar Months.
7. **Critical Dates:**

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking Tender Clarification | Date of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_04 of 2025-26 | 31.07.2025 at 11.00 AM | 14.08.2025 upto 05.30 PM | 13.08.2025 upto 3.00 P.M. | 16.08.2025 at 11.00 A.M. | To be intimated Separately |

❖Further details can be seen in the bidding documents, which is available in the e-procurement portal https://www.tendersorissa.gov.in. ❖Subsequent corrigendum if required shall be appeared in the website. ❖Authority reserves the right to reject any or all tenders without assigning any reason thereof.
OIPR-25079/11/0027/2526 Sd./- Superintending Engineer, Rural Works Division-II, Malkangiri

**ODISHA UNIVERSITY OF AGRICULTURE AND TECHNOLOGY BHUBANESWAR : 751003**
**Letter No. ACD-I/ADM/0001/2025/13628/UAT** **Dt.23rd July, 2025**
**DIPLOMA IN AGRO-POLYTECHNIC ADMISSION NOTICE 2025-26**
**No.KK-145** : This is for information of all candidates that, the counseling for admission into Diploma in Agro- Polytechnic Courses for the Academic Session 2025-26 will be conducted in Dr. M.S. Swaminathan Conference Hall, 2nd floor, OUAT Administrative Building, Bhubaneswar-3 as per the Programme given below. The Intimation-cum-Rank Card shall be available only to the eligible candidates for different categories from OUAT website https://ouat.ac.in and https://ouat-lokaseba-odisha.in.

| Date | Category | Seats | Rank | Reporting Time |
|---|---|---|---|---|
| 29.07.2025 | General (Unreserved) | 140 | 01-200 | 09:30 a.m. - 10:00 a.m. |
| | | | 201-360 | 02:00 p.m. - 02:30 p.m. |
| 30.07.2025 | Scheduled Caste | 17 | All Candidates | 09:30 a.m - 10:00 a.m. |
| | Scheduled Tribe | 23 | All Candidates | |
| | Physically Handicapped | 10 | All Candidates | |
| | Green Card Holder | 10 | All Candidates | |
| | +2 Science Vocational course students of Agriculture and Allied Science | 20 | All Candidates | |

Note :
1. This information is not ensuring any seat but to attend the counselling for admission. **Admission depends on availability of seat and the candidates' eligibility, after verification of original documents, as per the rules laid down in Diploma in Agro-Polytechnic Prospectus 2025-26.**
2. Admission Board reserves the right to deny admission to any candidate who has submitted wrong information in Application Form to enhance weightage and rank (clause No. 6.3 to 6.6 of Diploma in Agro-Polytechnic Prospectus 2025-26).
3. Candidate seeking admission into Diploma in Agro-Polytechnic Course under OUAT based on their merit should bring **Demand Draft of Rs. 9000/-(Rupees Nine Thousand only) of any Nationalized Bank drawn in favor of "COMPTROLLER, OUAT, Bhubaneswar" payable at Bhubaneswar.**
4. The candidates are required to produce copy of downloaded Intimation letter-cum-Rank card, Application Form, all the certificates and mark sheet in original and two sets of self attested photo copies along with the requisite admission fees in shape of Demand Draft as mentioned above

OIPR-01036/11/0073/2526 Sd./- Registrar

## ଜନ୍ମଦିନର ଶୁଭେଚ୍ଛା

ନାମ: .................................
ବୟସ:.................................
ଜନ୍ମ ତାରିଖ: .............................



ଗ୍ରେସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପତ୍ନୀହନ୍ତାଙ୍କୁ ଆଜୀବନ ଜେଲ

**କେନ୍ଦୁଝର,୨୫।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ସେସନ୍ସ ଜଜ୍‌ଙ୍କ କୋର୍ଟରେ ସ୍ତ୍ରୀଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଜି.ସି. ବେହେରା ମାମଲାର ଶୁଣାଣି କରି ଅଭିଯୁକ୍ତ ସଦର ଥାନା ପର୍ଜନପୁର ଗ୍ରାମର ସୁକୁରା ମୁଣ୍ଡା (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ଏକବର୍ଷ କାରାଦଣ୍ଡ ଆଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିଭିନ୍ନ କାରଣରୁ ସୁକୁରା ତାଙ୍କ ସ୍ତ୍ରୀ ଶୁଭାସିନୀଙ୍କ ସହିତ ଝଗଡ଼ା କରିବା ସହ ମାରପିଟ୍ କରୁଥିଲେ। ୨୨ ଅକ୍ଟୋବର ୨୦୨୧ ରାତିରେ ଝଗଡ଼ା ହୋଇଥିବା ବେଳେ ସୁକୁରା ଉତ୍ତ୍ୟକ୍ତ ହୋଇ ବେଲ୍‌ଚାରେ ଶୁଭାସିନୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ରକ୍ତସ୍ରାବ ହୋଇ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରାୟ ରାତି ୧୧ଟାରେ ସୁକୁରା ଗ୍ରାମରେ ଥିବା ଶ୍ୱଶୁରଘରକୁ ଯାଇ ଶୁଭାସିନୀଙ୍କ ଦେହ ଖରାପ ହୋଇଥିବା ନେଇ ଜଣାଇଥିଲେ। ସୁକୁରାଙ୍କ ଶ୍ୱଶୁର ପ୍ରଭାକର ଓ ଶାଶୁ ଗୁରୁବାରୀ ମୁଣ୍ଡା ସୁକୁରାଙ୍କ ଘରକୁ ଯାଇଥିଲେ। ସେଠାରେ ଝିଅ ଅଚେତ ଅବସ୍ଥାରେ ତଳେ ପଡିଥିବା ଓ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବା ଦେଖିଥିଲେ। ଘର ଭିତରେ ଏକ ରକ୍ତଭିଜା ବେଲ୍‌ଚା ପଡିଥିବା ଦେଖି ସନ୍ଦେହ କରିଥିଲେ। ଝିଅର ମୃତ୍ୟୁ ହୋଇଯାଇଥିବା ଦେଖିଥିଲେ। ୨୩ ତାରିଖ ଦିନ ସଦର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା(ନଂ.୪୩୪/୨୦୨୧) ରୁଜୁ କରି ଅଭିଯୁକ୍ତ ସୁକୁରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୪ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ କହିଛନ୍ତି।


## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



ଗ୍ରେସ ହରିଜନ
ବିଷମକଟକ, ଜିଲ୍ଲା- ରାୟଗଡ଼ା
ବାପା- ଗୋବିନ୍ଦା ହରିଜନ
ମାଆ- ଅମିତା ଖୋସଲା
ପ୍ରଫୁଲ୍ଲ ଖୋସଲାଙ୍କ ନାତି
ଜନ୍ମ ତାରିଖ- ୨୬, ଜୁଲାଇ ୨୦୨୪

ଧ-୧୪୧୨


# ଗାଧୋଇବାକୁ ଯାଇଥିବା ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ନୀଳଗିରି, ୨୫।୭ (ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମପୁର ଥାନା ଛତ୍ରପୁର ପଞ୍ଚାୟତ ସରୁଚମ୍ପା ଗ୍ରାମରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଗୁରୁବାର ଜଣେ ଯୁବତୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଉକ୍ତ ଗ୍ରାମର ଶଙ୍କରା ହେମ୍ବ୍ରମ(୨୧), ବାସୁ ହେମ୍ବ୍ରମ(୨୬) ଠୁଲୁକାୟ ମୁର୍ମୁ (୩୦) ଏବଂ ସାମ୍ନା କିସ୍କୁ (୩୦) ୪ ଜଣ ଯୁବକ ଏକୁଟିଆ ପାଇ ଟଣାଓଟରା କରିବା ସହିତ ଯୁବତୀଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ଏପରିକି ପୋଖରୀରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। କୌଶଳ କରି ଯୁବତୀଜଣକ ସେମାନଙ୍କ ନିକଟରୁ ଖସି ଆସି ପାଟି କରିବାରୁ ଯୁବକମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଯିବାବେଳେ ଘଟଣା ପ୍ରଘଟ କଲେ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଯୁବତୀ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିବା ପରେ ତାଙ୍କୁ ହସ୍ପିଟାଲ ଆଣି ଚିକିତ୍ସା କରିବା ସହିତ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବରହମପୁର ଥାନା ଅଧିକାରିଣୀ ପ୍ରେମଦା ନାୟକ ତୁରନ୍ତ ୪ଜଣ ଯୁବକଙ୍କୁ ଗିରଫ କରିଥିଲେ। ତଦନ୍ତକାରୀ ଅଫିସର ନନ୍ଦକିଶୋର ବଳ ଶୁକ୍ରବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି। ଏନେଇ ବରହମପୁର ଥାନାରେ ଏକ ମାମଲା (ନଂ. ୯୩/୨୫) ରୁଜୁ ହୋଇଥିବା ବେଳେ ୭୫(୧ଆଇ), ୭୬, ୧୧୫(୨), ୩୫୧(୨), ୩(୫) ଦଫାରେ ବିଏନ୍‌ଏସ୍ ଧାରାରେ ମାମଲା ରୁଜୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ଜୟପୁର,୨୫।୭(ପବନ ପାଣିଗ୍ରାହୀ)**

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା

କୋରାପୁଟ ସଦର ଥାନା ଅଞ୍ଚଳରେ ୨୦୨୪ରେ ଜଣେ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି ଜୟପୁରସ୍ଥିତ ପୋକ୍ସୋ କୋର୍ଟରେ ହୋଇଛି।। ରାୟଗଡ଼ା ଜିଲା ସାନନାରିଙ୍ଗିପାଙ୍ଗା ଗ୍ରାମର ପବିତ୍ର ମୁଦ୍ରିକାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ହେଲେ ଅଧିକ ୧୦ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ହୋଇଛି। ସରକାରଙ୍କ ପକ୍ଷରୁ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ.ଗାୟତ୍ରୀ ଦେବୀ ମାମଲା ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ଗର୍ଭବତୀ କରିବା ଘଟଣା: ୨ ଭାଇ ଜେଲ ଗଲେ

**କୁଜଙ୍ଗ, ୨୫।୭ (ମନୋଜ ପ୍ରଧାନ)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଇ ଭାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ପରେ ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ କୁଜଙ୍ଗ ପୋଲିସ ଅଭିଯୁକ୍ତ ଦୁଇ ଭାଇ ବାଣଶରା ଗ୍ରାମର ଭଗ୍ୟଧର ଦାଶ ଓ ପଞ୍ଚାନନ ଦାଶ ଓରଫ ଗୁଲିଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ କୁଜଙ୍ଗ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ପୀଡ଼ିତାଙ୍କ ଡାକ୍ତରୀମାଇନା ପାଇଁ କଟକ ନିଆଯାଇଥିବା ଜଣାପଡ଼ିଛି। ଏଠାରେ ରେଡିଓଲୋଜିପରୀକ୍ଷା ପାଇଁବ୍ୟବସ୍ଥା ନାହିଁ। ତେଣୁ ବାସ୍ତବରେ ପୀଡ଼ିତା ଜଣକ କେତେଦିନର ଗର୍ଭବତୀ, ତାହା ଜାଣିବା ପାଇଁ କଟକ ପଠାଯାଇଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ କହିଛନ୍ତି। ପୀଡ଼ିତାଙ୍କ ଗର୍ଭପାତ କରାଯିବ କି ନାହିଁ ତାହା ନିଷ୍ପତ୍ତି ହୋଇନାହିଁ। ୧୮ ସପ୍ତାହରୁ ଅଧିକ ହୋଇଥିଲେ ଗର୍ଭପାତ କଲେ ଜୀବନ ପ୍ରତି ବିପଦ ସୃଷ୍ଟି ହୁଏ। ଏଥିପାଇଁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ଆଧାରରେ ନିଷ୍ପତ୍ତି ନିଆଯିବ ବୋଲି ଏସ୍‌ଡିପିଓ ରାଉତ କହିଛନ୍ତ।


ବିଶେଷଜ୍ଞ
ଅର୍ଶ
ଭଗନ୍ଦର
ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple,
ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ,
Cuttack Road, BBSR
9861146916
8917362388
VSS Nagar, BBSR
9861917646


## ମନେ ପଡ଼ନ୍ତି


### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




ଏଶ୍ରୀ ଧରଣୀଧର ଜେନା
(ଆଡ୍‌ଭୋକେଟ୍)
ଗ୍ରାମ: ସାଇବିରି, କଣ୍ଟିଲୋ, ଜଗତ୍‌ସିଂହପୁର
ଆବିର୍ଭାବ: ତା୦୯।୦୪।୧୯୫୭ରିଖ
ତିରୋଧାନ: ତା୨୨।୦୭।୨୦୦୦

ସମୟର ସ୍ରୋତରେ ଚାହୁଁ ଚାହୁଁ ପାଞ୍ଚବର୍ଷ ଅତିକ୍ରମ କରିଗଲା। ଆପଣଙ୍କ ସ୍ମୃତି ଆମ ସମସ୍ତଙ୍କ ହୃଦୟରେ ଅପାସୋରା, ଅମଳିନ। ବିଭୁକୃପା ଆପଣଙ୍କ ଉପରେ ଝରୁଥାଉ ଏବଂ ଆପଣଙ୍କ ଆଶୀର୍ବାଦ, ଦୟାଦୃଷ୍ଟି ଆମ ଉପରେ ପଡ଼ିରହୁ।

ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ ଏବଂ ବନ୍ଧୁ, ପରିବାରବର୍ଗ

ଧ-୧୩୭୯

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶତ୍ରୁଘ୍ନ ତରାଇ
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ତା ୦୭.୦୧.୧୯୫୭
ତିରୋଧାନ: ତା ୧୪.୦୮.୨୦୦୭

ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୮ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଉ। ଏହିଁ ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ:
ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ

ଧ-୧୪୨୨



# Classified Everyday
0674-2580101, 9692975378



## REAL ESTATE SALE


କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati-8763740343. D-76296

Nearest Grand Bazar Project 30 Feet Wide Road Gharabari plot with Boundarywall 1.5Km. Distance from NH-16 Price-1800/- per square feet. Contact- 9337493150. D-1425

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376



5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

2000 square feet Office, Ground Floor, fully furnished, Chandrasekharpur. 8895154066. D-74733

3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662. D-1392



Newly open Jyoti SPA positively health benefits (expert therapist). 8458067955. D-76927

Positively health benefits SPA expert female therapist homely atmosphere. 9114559830. D-76295

Full body massage experience, good looking therapist @999 (Bhubaneswar). 9078484455. D-1325

Newly open SPA positively health benefits (expert therapist). Contact- 7327030529. D-76929

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301


## AFFIDAVIT

By virtue of an affidavit sworn before the Executive Magistrate, Pipili, dated 21.06.2025, I, SK Sakir, R/o. At- Bhabanipur, P.O./P.S.- Pipili, Dist.- Puri, Odisha, PIN- 752104 declare that I have changed my name Sekha Sakir to SK Sakir and my father's name also changed Sekha Babu to SK Babu in all my documents. D-1424

I, Smt. Sabita Brahma, W/o- Late Ajit Kumar Brahma, Aadhaar No.- XXXX XXXX 7409, Date of Birth 19.4.1977, resident of Gayatri Lane, P.O./P.S.- Gunupur, Dt.- Rayagada sworn an affidavit before Executive Magistrate, Gunupur, dt.21.07.2025. That now onwards I known as Sabita Brahma instead Sabita Kumari Padhy for all future purpose. D-1426

By virtue of an affidavit swearing in the Court of Executive Magistrate, Jharsuguda, I, Brajesh Kumar Singh, S/o- Rajendra Thakur hereby declare that in my all records my name has been mentioned as Brajesh Kumar Singh. But my Matriculation Certificate my name has been mentioned as Brajesh Kumar Thakur. Henceforth, I shall be known as Brajesh Kumar Singh for all purpose. D-1423

I, Sri Trinath Samarath, aged about 59, S/o- Dalia Samarath, Resident of Village/P.O.- Lima, P.S.- Kundra, Dist.- Koraput do hereby solemnly affirm and declare that in my daughter's Aadhaar Card No.- xxxx xxxx 6611 her name has been wrongly mentioned as Sunita Samarath instead of Minakhi Samarath. So Minakhi Samarath and Sunita Samarath is one and same person. D-1372

I, Sabina Khilla, W/o Ghasi Khilla, resident of Vill. Pabiliguda, P.O.- Badapadar, P.S.- Chitrakonda, Dist.- Malkangiri do hereby solemnly affirm and state as follows. That, my minor son actual name is Labo Khilla, but in his Aadhaar Card his name is wrongly mentioned as Labo Hembram. That Labo Khilla and Labo Hembram is one and same person. Henceforth, he shall be known as Labo Khilla in all purpose. D-1428

By virtue of an affidavit sworn before Executive Magistrate S. Sethy, Nayagarh, dated 23.07.25, I, Prakash Chandra Pradhan, Address: Vill/ P.O.- Kural, P.S.- Odagaon, Dist.- Nayagarh, declare that I have changed the name of my daughter from Baistanbi Pradhan to Baishannabi Pradhan. Henceforth she shall be known as Baishannabi Pradhan for all purposes.

Prakash Charan Pradhan
D-1430

## LEGAL NOTICE

LETTER No.- 1406
dt- 24.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେଶ୍ ନମ୍ବର- ୫୨୮/୨୦୨୩ (ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ପାର୍ଥ ସାରଥୀ ମହାନ୍ତି ....ବାଦୀ/ଦରଖାସ୍ତକାରୀ

ବନାମ

ମହେନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:

ପ୍ରତିବାଦୀ ନଂ ୧. ମହେନ୍ଦ୍ର କୁମାର ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ଗ୍ରାମ/ପୋଷ୍ଟ, ୨. ହର୍ଷମଣୀ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ୩. ଦୀନବନ୍ଧୁ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ୪. ପତିତପାବନ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ୫. ସନାତନ ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ।

ପ୍ରତିବାଦୀ ନଂ- ୧ ଠାରୁ ୫ ସମସ୍ତଙ୍କ ଠିକଣା ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା-୭୫୪୦୦୫

ପ୍ରତିବାଦୀ ନଂ- ୬. ପ୍ରମିଳା ସାହୁ, ସ୍ୱାମୀ- ମହେଶ୍ୱର ସାହୁ, ପିତା- ସ୍ୱର୍ଗତ ଧ୍ରୁବ ଚରଣ ସାହୁ, ଗ୍ରାମ- କେଦାର ଲାନେ, ପୋଷ୍ଟ- ଭୁବନେଶ୍ୱର- ୨, ଥାନା- ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର- ୨, ୭. ସୁଷମା ସାହୁ, ସ୍ୱାମୀ- ମହେଶ୍ୱର ସାହୁ , ପିତା ମୃତ- ଧ୍ରୁବ ଚରଣ ସାହୁ, ଗ୍ରାମ/ପୋଷ୍ଟ- କଣ୍ଟାବାଡ଼, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୧. ପ୍ରବୋଧ କୁମାର ପଳାଇ, ପିତା- ପାଣ୍ଡବ ଚରଣ ପଳେଇ, ଗ୍ରାମ/ପୋଷ୍ଟ/ଥାନା- ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୧।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଶଙ୍କରପୁର

ସାବକ

ଖାତା ନମ୍ବର- ୧୦, ପ୍ଲଟ ନମ୍ବର- ୨୨୩, କିସମ- ଶାରଦ- ୩, ରକବା- ମୋଟ ଏ ୦. ୪୬ ଡେସିମିଲ ଆଉଟୁ ଅଫ ମୋଟ ଏ ୧. ୫୭୦, ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନମ୍ବର- ୧୩୫୦, ପ୍ଲଟ ନମ୍ବର- ୯୬୪, କିସମ- ଶାରଦ-୩, ରକବା- ମୋଟ ଏ ୦.୪୬ ଡେସିମିଲ ଆଉଟୁ ଅଫ ମୋଟ ଏ ୦.୩୬୩, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା: ୨୪।୦୭।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର

ଧ-୧୪୨୧

---

IR No.- 1169
Date- 09.07.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ପ୍ରଦୀପ କୁମାର ନାୟକ, IAS), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍ କେସ୍ ନଂ.- ୭୩୪/୨୦୨୦

ଶ୍ରୀମତୀ ଶିଖା ରାଉତ ଏବଂ ରେଖା ରାଉତ .....ବାଦୀମାନେ

ବନାମ

ଶ୍ରୀମତୀ ସଞ୍ଜୁକ୍ତା ଖଟେଇ ଏବଂ ଅନ୍ୟମାନେ ......ପ୍ରତିବାଦୀ

ନୋଟିସ୍ ସି.ପି.ସି ଅର୍ଡର- ୫ ରୁଲ୍- ୨୦ ମୁତାବକ

୨। ଆନନ୍ଦ ବାରିକ, ୩। ବିନୋଦ ବାରିକ, ୪। ଶଙ୍କର ବାରିକ ପ୍ରତିବାଦୀ ନମ୍ବର- ୨ ରୁ ୪ ପିତା- ସ୍ୱର୍ଗତ ବୀର ବାରିକ, ୯। ଉଚ୍ଛବ ବାରିକ, ୧୦। ମଙ୍ଗୁଳି ବାରିକ, ୧୧। କେଶବ ବାରିକ, ପ୍ରତିବାଦୀ ନମ୍ବର- ୯ ରୁ ୧୧ ପିତା- ସ୍ୱର୍ଗତ ମଦନ ବାରିକ, ୧୨। ବାନାମ୍ବର ବାରିକ, ୧୩। ହରି ବାରିକ, ୧୪। ବାସୁ ବାରିକ, ପ୍ରତିବାଦୀ ନମ୍ବର- ୧୨ ରୁ ୧୪ ପିତା- ସ୍ୱର୍ଗତ ବିଦ୍ୟାଧର ବାରିକ, ୧୫। କେଦାର ସର୍ଜନସିଂହ, ପିତା- ସ୍ୱର୍ଗତ ବାନାମ୍ବର ସର୍ଜନସିଂହ, ୧୬। ବିଦ୍ୟୁଲତା ଛୋଟରାୟ, ୧୭। ଅଞ୍ଜନା ସର୍ଜନସିଂହ, ଉଭୟଙ୍କର ପିତା ବାନାମ୍ବର ସର୍ଜନସିଂହ, ସମସ୍ତ ପ୍ରତିବାଦୀମାନଙ୍କର ବାସସ୍ଥାନ ସା/ ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୮। ନୃସିଙ୍ଘ ଚରଣ ବେହୁରା, ପିତା- ହରେକୃଷ୍ଣ ବେହୁରା, ସା- ଫିରିକିଦାଣ୍ଡି, ପୋଷ୍ଟ- ମଦନପୁର, ଜିଲ୍ଲା- କେନ୍ଦ୍ରାପଡ଼ା, ୨୦। ସୁଦର୍ଶନ ମହାରଣା, ପିତା ତ୍ରିନାଥ ମହାରଣା, ସା/ପୋଷ୍ଟ- କୋଦଳା, ଥାନା- ଖଲିଖୋଟ, ଜିଲ୍ଲା- ଗଞ୍ଜାମ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୨।୦୮।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ସାବକ

ଖାତା ନଂ- ୫୭, ପ୍ଲଟ ନଂ- ୧୨୦୫, କିସମ- ବଗାୟତ- ୨, ସବ୍- ପ୍ଲଟ୍ ନଂ- ବି, ରକବା- ଏ ୨.୩୦୦ଡି. ସ୍ୱଧରୁ ଏ.୦.୦୩୫.୮୧ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ- ୧୭୮, ପ୍ଲଟ୍ ନଂ- ୨୧୫୮, କିସମ- ବଗାୟତ- ୨, ରକବା- ଏ୦.୪୧୦ଡି. ସ୍ୱଧରୁ ଏ୦.୦୩୫.୮୧ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର

ଧ-୧୪୧୯

# ବସନ୍ତ ଭୈରବୀ

ସ୍ବୁକିଛି ଅତ୍ୟନ୍ତ ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଉଥାଏ। ଇଚ୍ଛା ହେଉଥାଏ ଧୀରୋଜଙ୍କ ପାଖକୁ ଯାଇ ବିଦାୟ ନେଇ ଆସିବା ପାଇଁ। ମାତ୍ର ଅତିଥିଙ୍କ ଭିଡ଼ ଭିତରେ ଆଉ ସେ ଉଦ୍ୟମ ନ କରି ଫେରିଆସିଲି ମୁଁ ଘରକୁ, ଯେଉଁ କାର୍‌ରେ ଯାଇଥିଲି। ରାସ୍ତାରେ ଆସିବା ବେଳେ ମୋତେ ଭାବାଚ୍ଛନ୍ନ କରି ତୋଳିଥିଲା ସେହି ବୈବାହିକ ପ୍ରୀତିଭୋଜନ ଉତ୍ସବର ବାତାବରଣ। ମୁଁ ଯେଉଁଠାକୁ ଗଲେ ଏହି ଅବସ୍ଥା ହୁଏ ମୋର। କେଉଁ ଅନୁଷ୍ଠାନର ବାର୍ଷିକ ଉତ୍ସବ ବା ସାରସ୍ୱତ ସଭାକୁ ଗଲେ ମଧ୍ୟ ଫେରି ଆସିବାର ପର୍ବଟି ମୋତେ ଭାରି କାନ୍ଦ କାନ୍ଦ ଲାଗେ। ଯାହାଠାରୁ ମଧ୍ୟ ମିଳିଥାଏ ସାମାନ୍ୟ ଟିକିଏ ଶ୍ରଦ୍ଧା ଓ ଅନୁରାଗ, ତାହା ଯେମିତି ମୋ' ଦେହ ଓ ଆତ୍ମାରେ ଦେଇଯାଇଥାଏ

## ଗଳ୍ପ

**ମଣୀନ୍ଦ୍ର କୁମାର ମେହେର**



ଏକ ଅବର୍ଣ୍ଣନୀୟ ଆତ୍ମୀୟତାର ଚନ୍ଦନ-ସ୍ପର୍ଶ। ମୁଁ ନିଜେ ସେହି ରାତିଟିରେ ଶୋଇ ନ ପାରି ପ୍ରତ୍ୟେକଙ୍କ ଆନ୍ତରିକତାକୁ ସ୍ମରଣ କରୁଥାଏ ବାରମ୍ବାର। ସେଦିନ ମଧ୍ୟ ତାହା ହିଁ ଘଟିଲା। ଆଖି ବନ୍ଦ କଲେ ମଧ୍ୟ ଉଦ୍‌ଭାସିତ ହୋଇ ଉଠୁଥାଏ ସେହି ବର୍ଣ୍ଣିଳ ବେଳ। ସାନୁଜ ଓ ଧୀରୋଜଙ୍କ ସଂକ୍ଷିପ୍ତ ବାର୍ତ୍ତାଳାପ ସୃଷ୍ଟି କରୁଥାଏ ସାଂଗୀତିକ ଧ୍ୱନି ମୋ' ଛାତି ଭିତରେ। ନୂଆ ବୋହୂଟିର ଆଖିରେ ଭରି ରହିଥିବା ଅସୁମାରି ଆଶା ଓ ସ୍ୱପ୍ନ ବିଭୋର କରିଦେଉଥାଏ ମାନସପଟକୁ। ଶରୀରଟି ନେଇ ସିନା ଫେରିଆସେ, ମୋର ଆତ୍ମିକ ସତ୍ତାଟି ସତେ ଯେମିତି ସେଇ ଆନ୍ତରିକତାରେ ବାନ୍ଧି ହୋଇ ରହିଯାଏ।

ରାତିଟି ତ କଟିଗଲା ଭାବମୁଗ୍ଧ ଅବସ୍ଥାରେ। ତା' ପରଦିନଠାରୁ ଜୀବନର ଗତିଶୀଳତା ଅବ୍ୟାହତ ରହିଲା ପୂର୍ବପରି। ଏହି ବାହାଘର ଭୋଜି କଥା ମୋର ଆଉ ଅଧିକ ମନେପଡ଼ିନାହିଁ। ଦିନେ ହଠାତ୍ ସାନୁଜ କଥା ଉଙ୍କି ମାରିଲା ମନ ଭିତରେ। ଫୋନ୍ କରିବାରୁ ଜାଣିଲି ସେ ଅଛନ୍ତି ହିମାଳୟର ପାଦଦେଶରେ ପ୍ରତିଷ୍ଠିତ ଏକ ଯୋଗାଶ୍ରମରେ। ସେଇଠୁ ହିଁ ହିମାଳୟର ବର୍ଣ୍ଣନା ଯେପରି ସେ କରୁଥାଆନ୍ତି, ମୋତେ ଲାଗୁଥାଏ ମୁଁ ଯେପରି ଆକାଶଚୁମ୍ବୀ ହିମାଳୟ ଉଦ୍ଦେଶ୍ୟରେ ଗତିଶୀଳ। ମନେହେଉଥାଏ ପୁଣି ଯେ ହିମାଳୟର ପ୍ରଶାନ୍ତ ଭାବ ସାନୁଜ ଫୋନ୍ ମାଧ୍ୟମରେ ପ୍ରେରଣ କରିଦେଉଛନ୍ତି ମୋ' ପାଖକୁ। ହିମାଳୟରେ ଯେଉଁ ଯୋଗୀ ଋଷିମାନେ ବିତାଇଛନ୍ତି ତାଙ୍କ ଜୀବନର ଅମୂଲ୍ୟ ସମୟ, ସେମାନଙ୍କ ଦ୍ୱାରା ରଚିତ ପୁସ୍ତକ ପଢ଼ିବା ପାଇଁ ମୋର ଉତ୍କଣ୍ଠା କେତେ ତାହା ସାନୁଜଙ୍କୁ ଜଣାଇ ଦେଇଥିଲି। ସାନୁଜ ମୋତେ ଉତ୍ତର ଦେଇ କହିଲେ, ସାର୍! ମୁଁ ଆପଣଙ୍କ ନିକଟକୁ ପୋଷ୍ଟାଲ ଆଡ୍ରେସ୍‌ରେ ପଠାଇଦେବି କେତୋଟି ବହି। ଆପଣ ପଢ଼ିବା ପରେ ଅନୁଭବ କରିପାରିବେ ଆପଣ ଅଛନ୍ତି ହିମାଳୟର ଗିରିଗୁହା ମଧ୍ୟରେ। ସାନୁଜଙ୍କ କଥାରେ ମୁଁ ଅଭିଭୂତ ହୋଇଗଲି। ସେ ମଧ୍ୟ ମୋତେ ନିମନ୍ତ୍ରଣ କରୁଥା'ନ୍ତି ସେହି ବରଫାବୃତ ପ୍ରଶାନ୍ତ ପରିବେଶ ମଧ୍ୟକୁ ଯାଇ କେତେଦିନ ରହିବା ପାଇଁ। ମୁଁ ତ ଯାଇପାରିବି ନାହିଁ ଅନେକ କାରଣରୁ ତାହା ଜାଣି ସାରିଥାଏ। ତେଣୁ ବହି ପଠାଇଦେବା ପାଇଁ ଅନୁରୋଧ କରି ମୋର ବାର୍ତ୍ତାଳାପରେ ଟାଣିଦେଲି ସମାପ୍ତିରେଖା। ପ୍ରାୟ ଆଠଦଶ ଦିନ ପରେ ମୋ' ପାଖକୁ ସାନୁଜ ଦ୍ୱାରା ପ୍ରେରିତ ତିନି ଚାରିଖଣ୍ଡ ଭ୍ରମଣ କାହାଣୀ ପୁସ୍ତକ ପହଞ୍ଚିଗଲା ପୋଷ୍ଟ ଅଫିସ୍ ଜରିଆରେ। ସେସବୁ ବହିକୁ ମଗାଇବା ଅବଶ୍ୟ ସହଜ ଥିଲା, ହେଲେ ତାକୁ ଶୃଙ୍ଖଳାର ସହିତ ପଢ଼ି ଶେଷ କରିବା ପାଇଁ ନିଅଣ୍ଟ ହେଉଥିଲା ସମୟ।

ତା'ର ଦୁଇମାସ ପରେ ହିଁ ସାନୁଜ ସହିତ ସାକ୍ଷାତ୍। ଆଶ୍ଚର୍ଯ୍ୟ ହୋଇ ମୁଁ ପଚାରିଲି- ''ସାନୁଜ, ତୁମେ ହିମାଳୟରୁ ଏତେ ଶୀଘ୍ର ଫେରି ଆସିଲ କେମିତି? ହଁ ମୂଳକଥା, ତମେ ହିମାଳୟକୁ ଯାଇଥିଲ କାହିଁକି, ତାହା ପଚାରିବାକୁ ଭୁଲିଯାଉଛି? ତାହାହିଁ ପ୍ରଥମେ କହିଦିଅ ମୋତେ।''

ସେତେବେଳେ ହିଁ ସାନୁଜଙ୍କ କଣ୍ଠର କମ୍ପନରେ ଥରିଉଠିଥିଲା ମୋର ପ୍ରାଣତନ୍ତ୍ରୀ। ସାନୁଜ ଯାହା ବ୍ୟକ୍ତକଲେ ଅତି ସଂକ୍ଷେପରେ ତାହା ଶୁଣିବା ଯେ କି ବେଦନାଦାୟକ, ତାହା ଜାଣିସାରି ମଧ୍ୟ ପୁଣି ଲେଖିବାକୁ ବସିଛି ସେ କଥା? ଯେଉଁ ଭାଷାରେ ମୋ ହୃଦୟରେ ସୃଷ୍ଟି ହୋଇଥିଲା ଭୂମିକମ୍ପ ତାକୁ ପୁଣି ବ୍ୟକ୍ତ କରିବାକୁ ମୁଁ ପ୍ରସ୍ତୁତ? ନା, ମୁଁ ମର୍ମେ ମର୍ମେ ଅନୁଭବ କରୁଛି ତାହା ପ୍ରକାଶ କରିବା ମୋ' ପକ୍ଷରେ ସମ୍ଭବ ହେବନାହିଁ। ତା'ହେଲେ ଏ କଥାଟି କହିବା ପାଇଁ ଆରମ୍ଭ କଲି ମୁଁ କାହିଁକି? ସାନୁଜଙ୍କ ଦୁଇ ଆଖିରୁ ବୋହୁଥିଲା ଧାରଧାର ଲୁହ। ସେମିତି କ୍ରନ୍ଦନଶୀଳ ଅବସ୍ଥାରେ ହିଁ ସେ କହିଲେ- ''ଯାଇଥିଲି ସାର୍ ହିମାଳୟକୁ ଯାହାକୁ ଭୁଲିଯିବା ପାଇଁ, ତାକୁ ଆଦୌ ଭୁଲିପାରୁନାହିଁ ମୁଁ। ଧୀରୋଜକୁ ମନରୁ ପୋଛିଦେବା କ'ଣ କେବେହେଲେ ସମ୍ଭବ ହେବ ସାର୍ ମୋ ପାଇଁ?''

ସାନୁଜଙ୍କ ଉତ୍ତର ନିର୍ବାକ୍ କରିଦେଇଥିଲା ମୋତେ। କେବଳ ଗୋଟିଏ ବାକ୍ୟ ଥରିଥରି ସେ ଉଚ୍ଚାରଣ କଲେ- ସାର୍, ଆପଣ ଯେଉଁଦିନ ଯାଇଥିଲେ ରିସେପ୍‌ସନକୁ ତହିଁ ପରଦିନ ସକାଳୁ ହିଁ ଘଟିଗଲା ଏହି ମର୍ମନ୍ତୁଦ ଦୁର୍ଘଟଣା। ପୋଲିସ୍ ଆସି କବାଟ ଭାଙ୍ଗିବା ପରେ ଫ୍ୟାନ୍ ତଳେ ଦଉଡ଼ିରେ ଝୁଲୁଥିବା ସାନୁଜର ନିଷ୍ପ୍ରାଣ ଶରୀରକୁ ଉଦ୍ଧାର କରାଯାଇଥିଲା। ଆଉ ତା'ର ନବନିର୍ମିତ ସେହି ପ୍ରକୋଷ୍ଠରୁ ଯେଉଁ ଚିଠି ଖଣ୍ଡିକ ମିଳିଲା, ସେଥିରେ ଲେଖା ହୋଇଥିଲା ସବୁକଥା।


ସାନୁଜଙ୍କ ଉତ୍ତର ଶୁଣି ମୁଁ ରହିଥିଲି ନିରୁତ୍ତର ପ୍ରସ୍ତର ପ୍ରତିମା ପରି। ମନେମନେ ଭାବୁଥିଲି ଥରୁଟିଏ ମାତ୍ର ଧୀରୋଜ ଯଦି ମୋ' ପାଖରେ ତାଙ୍କ ଅନ୍ତର୍ବ୍ୟଥା ବ୍ୟକ୍ତ କରିଥାନ୍ତେ ତା'ହେଲେ ଏପରି ଘଟଣା ଘଟିବାକୁ ମୁଁ ଦେଇ ନ ଥା'ନ୍ତି। ମହାପାତ୍ର ନୀଳମଣି ସାହୁଙ୍କ 'ଅଭିଶପ୍ତ ଗନ୍ଧର୍ବ'ର ଗୋଟିଏ ପାରାଗ୍ରାଫ୍ ତାଙ୍କୁ ପଢ଼ି ଶୁଣାଇ ଦେଇଥାନ୍ତି ନିଶ୍ଚୟ। ମୋର ପ୍ରିୟ ଗାଳ୍ପିକ ମହାପାତ୍ର ନୀଳମଣି ସାହୁ ଲେଖିଛନ୍ତି- ''ଆଜି କିନ୍ତୁ ତାଙ୍କ କଥା ମନେପଡ଼ିଲେ ମୁଁ ଭାବେ, ବୈକୁଣ୍ଠ ମଉସା ଯଦି ସତକୁ ସତ ଅଣପୁରୁଷା ଥିଲେ, ତା'ହେଲେ ତା'ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱର କ'ଣ ଏମିତି ହାନି ହୋଇଯାଇଥିଲା? ତାଙ୍କ ବ୍ୟତୀତ ଆମ ଗାଁରେ ଆଉ ଯେଉଁ ପୁରୁଷ-ଷଣ୍ଢମାନେ ଥିଲେ, ସେମାନଙ୍କ ଭିତରୁ ଅଧିକାଂଶ ଥିଲେ ପାଷାଣ୍ଡ ଓ ବର୍ବର- ସ୍ଥୂଳ ହୃଦୟ-ନିର୍ମମ। ବୈକୁଣ୍ଠ ମଉସା ଆଜିପର୍ଯ୍ୟନ୍ତ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସମ୍ମାନନୀୟ ଆସନ ଅଧିକାର କରି ରହିଛନ୍ତି। ଆଜି ଭାବେ, ଏ ପୃଥିବୀର ଅଧିକାଂଶ ପୁରୁଷ ଯଦି ଅଣପୁରୁଷା ହୋଇଯାଆନ୍ତେ, ତା'ହେଲେ ଏ ପୃଥ୍ୱୀ ବୋଧେ ଆହୁରି ସ୍ନେହମୟ ଆଉ କୋମଳ ହୋଇଉଠନ୍ତା।''

ମୁଁ ଧୀରୋଜଙ୍କ ଆଗରେ ଏତିକି ମାତ୍ର ପାଠ କରିଦେଇଥିଲେ ସେ କ'ଣ ବୁଝି ପାରି ନ ଥାନ୍ତେ ଯେ ତାଙ୍କୁ ଭିନ୍ନ ଉପାଦାନରେ ଗଢ଼ିବା ମଧ୍ୟରେ ଈଶ୍ୱରଙ୍କ କଲ୍ୟାଣକର ଭାବନା ଗୁମ୍ଫିତ ହୋଇ ରହିଛି ବୋଲି? ପ୍ରୀତିଭୋଜନ ଦିନ ଯେପରି ଅପୂର୍ବ କମନୀୟତା ଫୁଟି ଉଠୁଥିଲା ତାଙ୍କ ମୁଖମଣ୍ଡଳରେ, ତାଙ୍କ ସମଗ୍ର ବ୍ୟକ୍ତିତ୍ୱଟି ଯେ ସେପରି ଭାବରେ ହିଁ ନିର୍ମିତ, ଏହା କ'ଣ ଧୀରୋଜ ଉପଲବ୍ଧି କରିପାରି ନ ଥା'ନ୍ତେ ସତକୁ ସତ??

-ପରିଦର୍ଶକ ପ୍ରଫେସର,
ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୯୩୭୩୬୫୬୯୮

## ପୁସ୍ତକ ପରିଚୟ


### ମୁକ୍ତ ବିହଙ୍ଗ



**ଲେଖକ:** କାଳିନ୍ଦୀ ଚରଣ ଭଞ୍ଜ
**ପ୍ରକାଶକ:** ଅନସୂୟା ପବ୍ଲିକେଶନ, ଲକ୍ଷ୍ମୀସାଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୪୦/-

ମୋଟ ୨୩ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ପ୍ରତ୍ୟେକଟି ଗଳ୍ପରେ ଲେଖକ ନିଜର ଗଭୀର ଅନ୍ତର୍ଦୃଷ୍ଟି ସହ ଚଉପାଶର ବାସ୍ତବତାକୁ ନିରୀକ୍ଷଣ କରିଛନ୍ତି ଓ ତାହାକୁ ଯଥାସମ୍ଭବ ଭାଷାରୂପ ଦେବାକୁ ଚେଷ୍ଟା କରିଛନ୍ତି। ପ୍ରଚ୍ଛଦଲେଖରେ ସୂଚାଇ ଦିଆଯାଇଛି ଯେ, ଓଡ଼ିଆ କଥା ସାହିତ୍ୟକୁ ଏହା ତାଙ୍କର ଦଶମ ଅବଦାନ। ଆତ୍ମବିଶ୍ୱାସର ସହ ବହିର ପ୍ରକାଶକ ପୁଣି କହନ୍ତି ଯେ, ''ରଚନାଗୁଡ଼ିକ କାଳକାଳକୁ ପାଠକର ଚେତନାକୁ ଜାଗ୍ରତ କରି ରଖିବ।'' ପ୍ରତ୍ୟେକ କଥାରୂପର ଏହା ହିଁ ଅଭିପ୍ରାୟ। ଗ୍ରନ୍ଥାରମ୍ଭରେ ଲେଖକ ସୂଚାଇଛନ୍ତି: ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକରେ ''ସଂଶ୍ଳିଷ୍ଟ ଚରିତ୍ରଗୁଡ଼ିକ ଦୈନନ୍ଦିନ ଘଟଣାବଳୀ ପ୍ରତି ମୋର ଦୃଷ୍ଟିକୋଣରୁ ଦୂରେଇ ଯାଇ ପାରନ୍ତି ନାହିଁ। ମୁଁ ଅନୁଭବ କରେ ଯେପରି ପ୍ରତ୍ୟେକ ଘଟଣାରେ ମୋର କିଛି କହିବାର ଅଛି। ଏଣୁ କଲମ ଧରେ, ଲେଖିବସେ।'' 'ନିରବ ନିର୍ଯ୍ୟାତନା', 'ମୁକ୍ତ ବିହଙ୍ଗ', 'ଭଉଁ', 'ଗାଁରେ ତୋଳିବୁ ଘର', 'ନାଗୁଣୀ', 'ସତ କେବେ ଲୁଚି ରହେନା', 'ଭୟ', 'ହରି ସାର୍', 'ଭିନ୍ନ ଏକ ପଡ଼ୋଶୀ' ଓ 'ଚାକିରି' ପ୍ରଭୃତି ଗଳ୍ପଗୁଡ଼ିକ କାଳିନ୍ଦୀଙ୍କୁ ସମକାଳୀନ ଓଡ଼ିଆ କଥା ସାହିତ୍ୟର ସାରଣୀରେ ସ୍ୱତନ୍ତ୍ର କରି ଠିଆ କରାନ୍ତି ଉଭୟ ବିଷୟ ଓ ବିନ୍ୟାସ ଦୃଷ୍ଟିରୁ। ମହେଶ୍ୱର ବାବୁ ଗାଁରେ ଜନ୍ମହେଇ ପାଠପଢ଼ି ବଡ଼ ଅଫିସର ହୋଇଛନ୍ତି ଓ ସହରରେ ରହନ୍ତି। କିନ୍ତୁ ଗାଁକୁ ଆସି ସେ ଗାଁର ପ୍ରକୃତି, ଲୋକଙ୍କ ଆତ୍ମୀୟତାରେ ମୁଗ୍ଧ ହୋଇଛନ୍ତି। ପରେ ନାତିନାତୁଣୀ, ପୁଅବୋହୂ ଓ ପତ୍ନୀଙ୍କୁ ନେଇ ଗାଁକୁ ଆସି ରାତିଟିଏ ରହିବା ପରେ ନୂଆ ପିଢ଼ିର ନାତିନାତୁଣୀ ଗାଁକୁ ଚିହ୍ନିଛନ୍ତି ଓ ବଡ଼ହେଲେ ଗାଁରେ ଘର କରି ରହିବେ ବୋଲି ପଣ କରିଛନ୍ତି। ଆଜିର ସହରମୁହାଁ ଜୀବନର ପ୍ରେକ୍ଷାପଟରେ ଗାଁକୁ ଆକର୍ଷଣୀୟ କରି ତୋଳିଧରିବା 'ଗାଁରେ ତୋଳିବୁ ଘର' ଗଳ୍ପର ନିର୍ଯାସ। ଏହିପରି ବହିର ପ୍ରତ୍ୟେକଟି ଗଳ୍ପ ମୂଲ୍ୟବୋଧର ପ୍ରତୀକ। ସବୁଶ୍ରେଣୀର ପାଠକଙ୍କ ପାଇଁ ଏହାର ମୂଲ୍ୟ ରହିଛି।

### ଗୃହବନ୍ଦୀରେ ଈଶ୍ୱର



**କବି:** ରୂପେଶ ସାହୁ
**ପ୍ରକାଶକ:** ପେନ୍ ଇନ୍ ବୁକ୍‌ସ, ଆଚାର୍ଯ୍ୟବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୭୯/-

ମୋଟ ୩୦ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସଂକଳିତ। ପେନ୍ ଇନ୍ ବୁକ୍‌ସର ପ୍ରକାଶକ ପ୍ରଚ୍ଛଦଲେଖରେ କହନ୍ତି: ''ରୂପେଶ ନୂଆପିଢ଼ିର ଜଣେ ଉଦୀୟମାନ କାବ୍ୟସ୍ୱର। ପୀରତି ଓ ପୀଡ଼ାକୁ ଅନୁଭବର ଆଟୋପ ପିନ୍ଧାଇ କବିତାର କକ୍ଷରେ ସେ ଛାଡ଼ି ଦିଅନ୍ତି, ଗଢ଼ନ୍ତି ନିରୋଳା ଛଳଛଳ ପଣରେ ଆଉଟା ଆଡ଼ମ୍ବରହୀନ କବିତାର ବନ୍ଦିଶାଳା। କମ୍ ଶବ୍ଦ ଓ ସୀମିତ ରୂପକଳ୍ପ ବ୍ୟବହାର କରି ସେ ନିଜ କବିତାକୁ ଦିଅନ୍ତି ନୂଆପଣର ନାନ୍ଦନିକତା।'' ଆଲୋଚ୍ୟ ଗ୍ରନ୍ଥରୁ ପ୍ରକାଶକଙ୍କ ଘୋଷଣା ସପକ୍ଷରେ ଆମେ କେତୋଟି ଉଦ୍ଧୃତି ନେବା- ୧. ''ଇତରର ଦୁଃଖ ଲେଖେ,/ ସ୍ଥାବରର ପ୍ରେମ ଆଉ ଜଙ୍ଗମର ମୁକ୍ତି/ ଅଥଚ ଦେଖେଇ ପାରେନା କାହାକୁ/ ନିର୍ବାଣର ମାର୍ଗ।'' (ଦ୍ୱିତୀୟ ଈଶ୍ୱର, ପୃ:୧୭), ୨. ''ସେ ଧରୁ ହାତରେ ଅସ୍ତ୍ର,/ ଶକ୍ତି ସ୍ୱରୂପିଣୀ ହୋଇ ଖୋଜିବୁଲୁ/ ମହିଷାର ଛାତି,/ ପାରିବ ଯଦି ବିଦାରି ଦେଇ/ ଇତିହାସରେ ଲେଖିନେଉ/ ଲୁପ୍ତ ହୋଇଗଲେ ରାକ୍ଷସ ଜାତି।'' (ମୁଖା, ପୃ:୩୭), ୩. ''ମନ୍ଦିର ଭାଙ୍ଗି ମସ୍‌ଜିଦ୍ ହେଲା/ ମସ୍‌ଜିଦ୍ ଭାଙ୍ଗି ମନ୍ଦିର ହେବ,/ ଆଲ୍ଲା ବଡ଼ ନା ଈଶ୍ୱର ବଡ଼/ ଯୁଗଯୁଗ ମାପଚୁପ ଚାଲିଥିବ,/ ବିକାଶର ଖୋଳପା ପିନ୍ଧେଇ/ ବିଭାଜନର ରାଜନୀତି ହଉଥିବ।''(ଭୋକିଲାର ଠିକଣା, ପୃ:୫୦), ୪. ''ପ୍ରେମ ଗୋଧୂଳି ଲଗନ ଖରା,/ ଗାଧୁଆ ତୁଠରେ ସଂଜବେଳ/ ଟୋକା ଜହ୍ନଟା ଡହରା।'' (ପ୍ରେମ, ପୃ:୬୨)। ଏହି ଉଦ୍ଧୃତି ସବୁରୁ ବୁଝାପଡ଼େ ନୂଆ ପିଢ଼ିର କବି ଭାବ ଓ ଭାଷାରେ ପୂର୍ବଜଙ୍କଠୁଁ ଭିନ୍ନ। ଆଗର କବିତାରେ ଯେଉଁ ଖାନ୍‌ଦାନି ଅଭିନିବେଶ ଥିଲା, ତାହା ନୂଆ କବିତାରେ ନାହିଁ। ଦୈନନ୍ଦିନତା ଏ କବିତାର ଧ୍ୟେୟ। ବହିର କବିତାଗୁଡ଼ିକ ପାଠକଙ୍କୁ ପଢ଼ିବାର ନୂଆ ସ୍ୱାଦ ଦେବ ବୋଲି ଆଶା।

## କବିତା

### ମାଗୁଣି

**ଅକ୍ଷୟ ପାତ୍ର**

ମାଗିବି ବା ଆଉ କ'ଣ?
ଅନେକ କିଛି ଲୁଟି
ଅଳପ କିଛି ଭେଟି ନେଇଥିବା
ହେ ଜନବିଶ୍ୱାସର
ପରମକାରୁଣିକ ମହାମତି
ଅନ୍ତରେ ଯଦି ଥାଏ ତମର ଥିତି
ତମେ ଯଦି ସତରେ ତଉଲୁଥାଅ
ପାପ ଓ ପୁଣ୍ୟର ନିକିତି
ତେବେ କୁହ କାହିଁକି ଲୋଡ଼ାପଡ଼େ
ଭକତଜନର ଏତେ ମାଗୁଣି ତମରି କତି?

ଭକତ କିଏ କି? ନିରପରାଧ ପ୍ରେମିକଟିଏ ତ
ଆସ୍ଥା ଓ ସମର୍ପଣର ନିର୍ବିକଳ୍ପ ଉଦାହରଣଟିଏ ତ
ଯେ ଅବିଚଳ ଲୋଡୁଥାଏ ତମର ସନ୍ନିଧି
(ସତେ କିବା ତମେ ତା'ର ଜୀବନର
ଭବ୍ୟ-କୋଟିନିଧି!)

ତେବେ କୁହ ସେ ବିହ୍ୱଳ ଥାଉଁ ଥାଉଁ
ସେ ଭାବୋଚ୍ଛଳ ଥାଉଁ ଥାଉଁ
ତମକୁ ଆର୍ତ୍ତତ୍ରାଣ ମଣି;
ତା' କତିରୁ
ତମେ ଅପେକ୍ଷାରଖ କାହିଁକି ବା
ଏମିତି ଏତେଟା ଆରତ ମାଗୁଣି?

ମାଗୁଣି ବାଢ଼ିବାର ଭକତିର ଶକତି
କୁଳେଇ ପାରିବାର ଦମ୍ଭ ଓ ସ୍ଥିତି
ନ ଥାଏ ହୁଏତ ମୋର କତି,
ମୁଁ ବି ତମ କରୁଣାମୟତାରେ
ଭରସି ପାରୁନଥିବା ଏକ ସଂଶୟ-ମତି...
(କ୍ଷିତିରେ ବାରି ହେଉନଥିବା ବିନ୍ଦୁ-କ୍ଷୁଦ୍ରାଦପି)
ବାରେ କି ପାରିବି ପୁଚ୍ଛି
ଏକ ପ୍ରଶ୍ନ ଅନହୁତି
ପ୍ରତିଟି ଅନ୍ତରେ ଯଦି ସତେ ଥାଏ
ତମର ନିଃଶଙ୍କ ରାଜୁତି

କୁହ, କ'ଣ ବା ମାଗିବି ମୁଁ
(ଯଦିଚ ଅଜସ୍ର ଆର୍ତ୍ତି ହିଁ ମୋର ନିୟତି)
ଆଖିଭର୍ତ୍ତି ଲୁହ
ଛାତିଭର୍ତ୍ତି କୋହର ଦାୟରେ
ନିରସ୍ତ୍ର ଥାଉଁ ଥାଉଁ
ଆପେ ଆପଣାଠିଁ?

- ଖଜୁରିଆକଟା, ଢେଙ୍କାନାଳ
ମୋ: ୭୦୭୭୯୮୪୯୬୦

### ଆବୋରିଛୁ ତିନି ସତ୍ୟ

**ପିନାକୀ ମିଶ୍ର**

ବେପଥୁ ବସୁନ୍ଧରା
ପୀଡ଼ା ଭୋଗୁଥିବା ଦେହ
କେବେ ଭେଟିନଥିବା ମାୟାପୁରୁଷ

ଏଇମିତି ଆଜି ସମୟର ସ୍ଥିତି
ଅସତ୍ୟର ପ୍ରବଳଦାବିରେ
ତୋ ହସ ବି ଅଧିକ,
ଶୁଣିଛି ଅବାଧ ପାଖକୁଯାଇ କେତେ ବୁଝାଇଛୁ
ଫେରିଛୁ ନିଷ୍ଫଳ
ମଶାଣି ପାଲଟିଛି ରଣକ୍ଷେତ୍ର।

କେଡ଼େ ବେଗରେ ବଦଳୁଛି ଦୁନିଆ, ସହର, ଗାଁ
କେତେ ଅନର୍ଥ କେତେ ଭୟ ସଂପାତ,
ଉତ୍ସବ ଚାଲିଛି ଭୋଗୀର, ବିଶ୍ୱାସ ନିଖୋଜ,
ଅହଂକାର ମାତିଛି ଅଧରାତିରେ
ବିବେକ ପୋଡ଼ିଯାଉଛି, ସ୍ୱାର୍ଥ ସୀମା ଲଂଘୁଛି
ତୋ ତିନି ସତ୍ୟ ରହିଗଲା କି ପୋଥି ପୁରାଣରେ?

କନକବେଦୀର ବାମନ, ଅପରୂପ ତୋ ଆନନ,
ଅପଲକ ଆଖିରେ ଚାହିଁଛୁ ବ୍ରହ୍ମାଣ୍ଡ
କହ ତ, କ'ଣ ଦେଖୁଛୁ,
କାହାକୁ ଦେଖୁଛୁ? ଏତେ ନିଶ୍ଚଳ!
କିଛି ବଦଳିବନି, ବରଂ ବେଶୀ ଶୋକାର୍ତ୍ତ ବାସିଧୂଆଁ।

ତୋ ବହିଖଣ୍ଡେ ପଢ଼ିଲେ, ଲାଗୁଛି ତୁ ଆଉଁଶି ଦେଉଛୁ
ତୋ ଗୀତଟେ ଶୁଣିଲେ ଲାଗୁଛି ତୁ ପାଖରେ ବସିଛୁ
ତୋ କଥା ଭାବିଲେ, ଲାଗୁଛି ତୁ ମୋର ନିରାଶ୍ରୟ ବଳ
ମୁଁ ଦିଗନ୍ତର ନୀଳଯାତ୍ରୀ, ତୁ ବୋଇତିଆଳ।

ତୋ କଥା ବି କିଏ ପାଳୁଛି ଏଠି
ତୁ ତୋ ପରବରେ ବିଳାସରେ ସେମିତି ଥା,
ତୁ ଅବତରିଛୁ ଥରକୁଥର, ନିଜ ହାତେ ଶାସ୍ତି ଦେଇଛୁ
ଏଠି ତୁ ଜାଣିଶୁଣି କାଠ
କିଏ ହେଜୁଛି ନିଜ ଜୀବନବୋଧର ପାଠ।

ପଥର ହେଲାଣି ଦେହ, ଆଉ କି ସିଝିବ
ପାଗଳ ହେଲାଣି ମନ, ଆଉ କି ବୁଝିବ
ବେଳ ଗଡ଼ିଗଲେ
ଦୁଃଖର ଛାଇମାନେ ଚରିଯିବେ ସାରାଦେହ
ଚାଳକୁ ଡେଇଁବ ବାଚାଳ ହେବାର ଅନଳ।
ତୁ ଆବୋରିଛୁ ସତ୍ୟ ଅବନୀ ପରମାର୍ଥ
ଏଠି ବାଟହୁଡ଼ା ଖାଲଢିପରେ କେତେଯେ ଜୀବନରଥ।

ମୋ: ୯୪୩୮୧୧୮୩୯୭

**ଗୀତି-କବିତା**

### ଖୋଲି ହୁଏନାହିଁ ତୁଣ୍ଡ

**ନିରଞ୍ଜନ ସାହୁ**

ବାର ଲୋକଙ୍କର ବାର କଥା ଶୁଣି
ଟେକି ପାରେନାହିଁ ମୁଣ୍ଡ
ବାର ଲୋକ ବାର ପ୍ରଶ୍ନ ପଚାରନ୍ତି
ଖୋଲି ପାରେନାହିଁ ତୁଣ୍ଡ।

ତିନି ତୁଣ୍ଡେ ଛେଳି କୁକୁର ବୋଲାଏ
ଏ କଥା ନ ଜାଣେ କିଏ
ସଜ ମାଉଁସରେ ପୋକ ପକାଇବା
ଲୋକେ ତ ଯାହାକୁ ଯିଏ
ସତ ଓକାଳିଲେ ହାତଗୋଡ଼ ଭାଙ୍ଗି
ସବୁ କରିଦେବେ ଗୁଣ୍ଡ।


ସବୁ ଦେଖିଶୁଣି ନିରବ ରହଇ
ମୁହଁରେ ତୁଣ୍ଡିକୁ ଦେଇ
ଯେମିତି ନଚାନ୍ତି ସେମିତି ନାଚଇ
ହେଉଥାଏ ଥେଇ ଥେଇ
ସତ କହିଲେ ବି ବିଶ୍ୱାସ ଯିବେନି
ଯେତେ ହୋଇଥିବେ ରୁଣ୍ଡ।

ଅନେକ ଲୋକଙ୍କ ଜୀବନ ଏମିତି
ଦୋଷ ନ କରି ବି ଦୋଷୀ
ନିରବରେ ସବୁ ସହ୍ୟ କରିଯା'ନ୍ତି
ଅଧର୍ମୀମାନଙ୍କୁ ତୋଷି
ଭଲଭାବେ କିନ୍ତୁ ଜାଣନ୍ତି ଏମାନେ
ପରିଣତି ନର୍କକୁଣ୍ଡ।

ମୋ: ୯୯୩୮୭୪୧୫୮୩

## କାଳକାଳକୁ

**''ଜୀବନର ସବୁଠୁଁ ବଡ଼ ଦୁଃଖ
ତୁମେ ଚାହୁଁଥିବା ଜିନିଷଟି ନ ପାଇବା।
ଆରଟି ତାକୁ ପାଇଯିବା।''
- ଜର୍ଜ ବର୍ନାର୍ଡ ଶ'**



**ଜର୍ଜ ବର୍ନାର୍ଡ ଶ**'ଙ୍କ ଜନ୍ମ ୨୬ ଜୁଲାଇ ୧୮୫୬ରେ ଓ ପରଲୋକ ୨ ନଭେମ୍ବର ୧୯୫୦ରେ। ଆଇରିଶ୍ ନାଟ୍ୟକାର, ସମାଲୋଚକ ଓ ରାଜନୈତିକ କର୍ମୀ ବର୍ନାର୍ଡ ଶ' ଇଂଲଣ୍ଡ ଓ ଆୟର୍ଲାଣ୍ଡ ଉଭୟ ଦେଶରେ ଦ୍ୱୈତ ନାଗରିକତା ଲାଭ କରିଥିଲେ। ପାଶ୍ଚାତ୍ୟ ନାଟକ, ସଂସ୍କୃତି ଓ ରାଜନୀତିକୁ ଏହି ଲେଖକ ୧୮୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଭାବିତ କରି ରଖିଥିଲେ। ତାଙ୍କର ପ୍ରମୁଖ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ମ୍ୟାନ୍ ଆଣ୍ଡ୍ ସୁପରମ୍ୟାନ୍' (୧୯୦୨), 'ପିଗ୍‌ମାଲିଓନ୍' (୧୯୧୩) ଓ 'ସେଣ୍ଟ୍‌ଜେନ୍' (୧୯୨୩)। ୧୯୨୫ରେ ସାହିତ୍ୟ ପାଇଁ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର। ସେ କହନ୍ତି: ''ଖାଇବା ପ୍ରତି ପ୍ରେମଠୁଁ ବଳି ପ୍ରେମ ଆଉ ନାହିଁ'' ଏବଂ ''ତିରସ୍କାରର ଶ୍ରେଷ୍ଠ ଅଭିବ୍ୟକ୍ତି ମୌନତା।''

## ଲଘୁ ଗଳ୍ପ

# ହତ୍ୟା

**ରାଜେଶ କୁମାର ବାରିକ**

ଧୂଆଁଳିଆ ଶୀତୁଆ ସକାଳ, ରାସ୍ତାକଡ଼ ଅଳିଆଗଦାରୁ କୁକୁରଟିଏ ପଲିଥିନଟିକୁ ହନ୍ତାଳୁଥାଏ, ଯିବାଆସିବା ଲୋକ ଦେଖୁଥାନ୍ତି ହେଲେ କାହାର ନଜର ପଡୁ ନ ଥାଏ। ବେଶ୍ କିଛି ସମୟ ପରେ ସେଇ ଅଳିଆଗଦା ପାଖରେ ଜନଗହଳି। କିଛି ବୀରପୁରୁଷ ସେଇ କୁକୁରକୁ ଘଉଡ଼ାଇ ଦେଇ ନିଜର ଜ୍ଞାନ ପ୍ରଦାନ କରୁଥାନ୍ତି ସାଧାରଣଙ୍କୁ। ଘଟଣାଟା ବି ଏପରି ହେବନି କାହିଁକି ପଲିଥିନ ଭିତରୁ ସଦ୍ୟ କଟାଯାଇଥିବା ମଣିଷର ଗୋଡ଼ ମିଳିଛି ଯେ! ଭାବିବା ସ୍ୱାଭାବିକ। କୁକୁରଟି ଦାନ୍ତରେ, ଗୋଡ଼ରେ କ୍ଷତାକ୍ତ କରି ଆହୁରି ବିକୃତ କରିଦେଇଛି। ଦେଖଣାହାରିଙ୍କ ମନରେ ଅନେକ କାହାଣୀ।


ସତରେ କେଡ଼େ ନିର୍ଦ୍ଦୟ ଭାବେ ହତ୍ୟା କରିଛି। କେହି ଜଣେ ବଦମାସ ଝିଅଟିକୁ ଅନେକ ଖଣ୍ଡ କରି ଫ୍ରିଜ୍‌ରେ ରଖିଛି, ଖଣ୍ଡଖଣ୍ଡ କରି ଅଳିଆଗଦା ଉପରେ ଆଣି ଫିଙ୍ଗି ଯାଉଛି। ସେ ବହୁତ ଚାଲାକ, ଏବେଠାରୁ ପୋଲିସ୍ ପ୍ରଶାସନ ସଜାଗ ନ ରହିଲେ ସେ ଧରାପଡ଼ିବନି।

ସେଇ ପୁଅଟା ଘର ବୋଧେ ଏଇ ଆଖପାଖରେ, ନହେଲେ ସେ ଏଇ ସ୍ଥାନକୁ ବାଛିଲା କାହିଁକି? ଏମିତି ମଣିଷକୁ ପ୍ରେମ କରିବ କାହିଁକି, ହଣା ଖାଇ ଫ୍ରିଜ୍‌ରେ ରହିବ କାହିଁକି? ଜନ୍ମ ଦେଇଛନ୍ତି ମାନେ ବାପା ମାଆ ବିବାହ କରାଇବେ ନିଶ୍ଚୟ। ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଗଲେ ଏପରି ହେବ। ଘଟଣାର ସତ୍ୟାସତ୍ୟ ବାହାରକୁ ଆସୁ, ଆହୁରି କିଛି ତଥ୍ୟ ବାହାରକୁ ବାହାରିବ।

ଘଟଣାସ୍ଥଳରେ ପୋଲିସ୍‌ବାଲାଙ୍କଠାରୁ ପ୍ରଥମେ ମିଡିଆବାଲା ଆସି ନିଜର ଏକ୍ସକ୍ଲୁସିଭ ଚଲାଇବା ଆରମ୍ଭ କରି ଦେଇଥାନ୍ତି।

ସହରର ଛାତି ଉପରେ ବିରାଟ ଅଘଟଣ। କେହି ଜଣେ ଦୁର୍ବୃତ୍ତ ଝିଅଟିର ଗୋଡ଼କୁ କାଟି ଆଣି ଅଳିଆଗଦାରେ ପକାଇ ଯାଇଛି। ଆଉ ବାକି ସବୁ ଶରୀରକୁ କେଉଁଠି ରଖିଛି ନା ଅନ୍ୟସ୍ଥାନରେ ଫିଙ୍ଗିଦେଇଛି। ଏହା ଅଙ୍ଗ ତସ୍କରି ନା ଆଉକିଛି ଖୁବ୍ କମ୍ ସମୟ ଭିତରେ ତାହାର ପର୍ଦ୍ଦାଫାଶ କରିବ ଆମ ଟିଭି। ଅପରୂପ ୟୁଟ୍ୟୁବ୍‌ବାଲା କହୁଥାନ୍ତି ଆପଣମାନେ ଖାଲି ଲାଇକ୍, କମେଣ୍ଟ, ସବ୍‌ସ୍କ୍ରାଇବ କରନ୍ତୁ। ଆମେ ଆପଣଙ୍କୁ ଲାଇଭ୍ ଅପ୍‌ଡେଟ୍ ଦେବୁ।

ଭିଡ଼ ଯୋଗୁଁ ରାସ୍ତାରେ ଗାଡ଼ିମୋଟର ବି ଅଟକି ରହିଥାଏ। ସମସ୍ତେ ଖାଲି କଟା ଗୋଡ଼କୁ ଦେଖୁଥାନ୍ତି। ପୋଲିସ୍ ସହ ଫୋରେନ୍ସିକ୍ ଟିମ୍ ଆସି ପହଞ୍ଚିଲେ। କିଛି ସମୟ ଅନୁଧ୍ୟାନ କରି କଟାଗୋଡ଼ଟିକୁ ନେଇ ଚାଲିଗଲେ। ଭିଡ଼ ପୂରା ଶାନ୍ତ ହୋଇଯାଇଥାଏ। ଦିନ ତମାମ ଟିଭି, ୟୁଟ୍ୟୁବ୍‌ରେ ଖବର ବାଜିଲା। ସନ୍ଧ୍ୟା ସମୟରେ କମିଶନ୍‌ରେଟ ପୋଲିସ ପ୍ରେସ୍‌ମିଟ ଆରମ୍ଭ କଲେ।



ପରିବେଶକୁ ସୁରକ୍ଷା ଦେବାପାଇଁ ପରିବେଶରେ ମିଳାଇ ଯାଉଥିବା ପଲିଥିନ ବ୍ୟବହାର କରାଯାଏ। ଯାହା ସାଧାରଣ ଅପେକ୍ଷା କମ୍ପାନୀ ଆଉ ମେଡିକାଲମାନଙ୍କରେ ବହୁଳ ବ୍ୟବହାର କରାଯାଏ। ଏମିତି ଏକ ପଲିଥିନରେ କଟା ସେଇ ଗୋଡ଼ ମିଳିଥିଲା। ଗୋଡ଼ଟି କଟିଥିବା ପ୍ରଣାଳୀ କହୁଛି ଯେ ଗୋଡ଼ଟିକୁ ମେଡିକାଲରେ ଡାକ୍ତରୀ ଟିମ୍ ମିଶି କାଟି ଅପରେଶନ କରିଛନ୍ତି। ଏହା ଏକ ସାଧାରଣ ପ୍ରକ୍ରିୟା, ଏଥିରେ କିଛି ଚିନ୍ତା କରିବାର ନାହିଁ। ଏଇ ଗୋଡ଼ଟିକୁ କାଟି ଅପରେଶନ କରିଥିବା ମେଡିକାଲକୁ ଚିହ୍ନଟ କରିସାରିଛୁ। ଏହା କେଉଁ ପରିସ୍ଥିତିରେ ଏଠାକୁ ଆସିଲା ତାହାର ତଦନ୍ତ ଚାଲିଛି।

ଦିନ ତମାମ ଟିଭି, ୟୁଟ୍ୟୁବ୍‌ରେ ଖବର ବଜାଇ ବିଶୃଙ୍ଖଳା ସୃଷ୍ଟି କରୁଥିବା ଚ୍ୟାନେଲମାନେ ମଥାରେ ହାତ ଦେଇ ବସିଲେ।

ମୋ: ୯୯୯୮୬୨୨୩୩୬

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁଲାଇ ୨୬/୨୦୨୫ Bhubaneswar, Saturday, July 26/ 2025

# ପ୍ରଣୀତ, ଦଲାଲଙ୍କୁ ମିକ୍ସଡ କମ୍ପାଉଣ୍ଡ ସ୍ୱର୍ଣ୍ଣ


ଅଫିସିଆଲଙ୍କ ସହ ଭାରତୀୟ କମ୍ପାଉଣ୍ଡ ଆର୍ଚେରୀ ଦଳ।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

**ଆର୍ଚେରୀ ଇଭେଣ୍ଟରୁ ଭାରତକୁ ୩ ପଦକ**

ରାଇନେ-ରୁହର, ୨୫।୭ (ପି.ଟି.)

ଏଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତର ପ୍ରଣୀତ କୌର ଓ କୁଶାଲ ଦଲାଲ ଯୋଡ଼ି ମିକ୍ସଡ କମ୍ପାଉଣ୍ଡ ଆର୍ଚେରୀ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଏହି ଭାରତୀୟ ଯୋଡ଼ି ଦକ୍ଷିଣ କୋରିଆର ୟେନିନ ପର୍କ ଓ ଶ୍ୟୁନଗ୍ୟୁନପର୍କଙ୍କୁ ୧୫୭-୧୫୪ରେ ପରାସ୍ତ କରିଛନ୍ତି। ପ୍ରତିଯୋଗିତାରେ ଏହା ଥିଲା ଭାରତର ପ୍ରଥମ ସ୍ୱର୍ଣ୍ଣ ପଦକ। ଏହା ବ୍ୟତୀତ ପୁରୁଷ ଦଳଗତ ଇଭେଣ୍ଟରେ ଦଲାଲ ରୌପ୍ୟ ଓ ମହିଳା ଦଳଗତ ପ୍ରତିଯୋଗିତାରେ ପ୍ରଣୀତ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ମିକ୍ସଡ ଟିମ୍ ଫାଇନାଲରେ ଉଭୟ ଦଳ ପ୍ରଥମ ଏଣ୍ଡ ଶେଷ ବେଳକୁ ୩୯-୩୯ରେ ରହିଥିଲେ। ତେବେ ଦ୍ୱିତୀୟ ଏଣ୍ଡ ଶେଷରେ କୋରିଆ ଦଳ ଗୋଟିଏ ପଏଣ୍ଟ ଅର୍ଥାତ୍ ୭୮-୭୭ରେ ଆଗୁଆ ହୋଇଥିଲେ। ମାତ୍ର ପ୍ରଣୀତ ଓ ଦଲାଲ ତୃତୀୟ ଏଣ୍ଡରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୪ ଥର ପରଫେକ୍ଟ ୧୦ ସହ ୩ ପଏଣ୍ଟରେ ଅର୍ଥାତ୍ ୧୧୭-୧୧୪ରେ ଅଗ୍ରଣୀ ହାସଲ କରି ନେଇଥିଲେ। ୪ର୍ଥ ତଥା ଅନ୍ତିମ ଏଣ୍ଡରେ ଭାରତୀୟ ଯୋଡ଼ି ୪୦ ପଏଣ୍ଟ ଅର୍ଜନ ସହ ବାଜି ମାରିଥିଲେ। କୋରିଆ ଯୋଡ଼ି ମଧ୍ୟ ପରଫେକ୍ଟ ୪୦ ଅର୍ଜନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା।

ପୂର୍ବରୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ପ୍ରଣୀତ, ଅଭନିତ କୌର ଓ ମାଧୁରା ଧମନଗାଓଁକର ଗ୍ରେଟ ବ୍ରିଟେନର ଟୋଲି ଏ'ବିୟର, ହାଲି ବୋଲ୍ଟନ ଓ ଗ୍ରେସ ଚାପେଲଙ୍କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଦଲାଲ, ସାହୁଲ ଯାଦବ ଓ ହୃତିକ ଶର୍ମାଙ୍କୁ ନେଇ ଗଠିତ ପୁରୁଷ କମ୍ପାଉଣ୍ଡ ଦଳ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ତୁର୍କୀର ବୌହାନ ଆକାଓଗ୍ଲୁ, ୟୁନୁସ ଏମ୍ରେ ଅର୍ଶ୍ଲାନ ଓ ୟାକୁମ ୟିଲଡିଜ୍‌ଙ୍କଠାରୁ ମାତ୍ର ୧ ପଏଣ୍ଟରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପ୍ରଥମ ଏଣ୍ଡରେ ଭାରତ ୫୮-୫୭ରେ ଅଗ୍ରଣୀ ହୋଇଥିବାବେଳେ ଦ୍ୱିତୀୟ ଏଣ୍ଡ ବେଳକୁ ଏହାକୁ ୧୧୭-୧୧୪ରେ ପହଞ୍ଚାଇଥିଲେ। ମାତ୍ର ତୃତୀୟ ଏଣ୍ଡରେ ତୁର୍କୀ ପରଫେକ୍ଟ ୬୦ ସ୍କୋର ସହ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟକୁ ୧୭୪-୧୭୪ରେ ବରାବର କରିଥିଲା। ଚତୁର୍ଥ ତଥା ଅନ୍ତିମ ଏଣ୍ଡରେ ତୁର୍କୀ ଦଳ ୫୮ ତୁଳନାରେ ଭାରତୀୟମାନେ ୫୭ ପଏଣ୍ଟ ସ୍କୋରକରି ଅଳ୍ପକେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲେ। ଆର୍ଚେରୀ ଇଭେଣ୍ଟରୁ ଭାରତ ଅଧିକ ପଦକ ପାଇବା ସମ୍ଭାବନା ରହିଛି। ପୁରୁଷ ବ୍ୟକ୍ତିଗତ କମ୍ପାଉଣ୍ଡ ସେମିଫାଇନାଲରେ ଦଲାଲ ଓ ଯାଦବଙ୍କ ମଧ୍ୟରେ ଅଲ୍ ଇଣ୍ଡିଆ ସେମିଫାଇନାଲ ହେବାକୁ ଥିବାବେଳେ ମହିଳା ସେମିଫାଇନାଲରେ ପ୍ରଣୀତ ଦକ୍ଷିଣ କୋରିଆର ଏସ. କିମ୍‌ଙ୍କ ସହ ମୁକାବିଲା କରିବେ।

## ସଫଳତା ପଛରେ କୋଚ୍ ରାହୁଲ

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

ଭାରତର ଏହି ସଫଳତା ପଛରେ କୋଚ୍ ରାହୁଲ ବାନାର୍ଜୀଙ୍କ ଅଭିଜ୍ଞତା ଏବଂ ମେଣ୍ଟରଶିପ୍‌ର ବଡ଼ ଭୂମିକା ରହିଛି। ଅଲିମ୍ପିଆନ ଏବଂ ଅର୍ଜୁନ ପୁରସ୍କାର ପ୍ରାପ୍ତ ରାହୁଲ ଯୁବ ଆର୍ଚରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରି ଭାରତକୁ ଏହି ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ''ଏପରି ଏକ ବଡ଼ ସ୍ତରରେ ଇଣ୍ଡିଆନ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରିବା ଆଥଲେଟ୍‌ଙ୍କ ପାଇଁ ସମ୍ମାନ ସ୍ୱରୂପ'' ବୋଲି ବାନାର୍ଜୀ କହିଛନ୍ତି। ଗେମ୍ସ ପାଇଁ ଏକାଧିକ ଇଭେଣ୍ଟର ଟ୍ରେନିଂ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସେଥିପାଇଁ ସେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅଚ୍ୟୁତ ମଧ୍ୟ ପଦକ ବିଜୟୀ ଆର୍ଚରେ ଓ କୋଚ୍ ବାନାର୍ଜୀଙ୍କ ସମେତ ପୂରା କୋଚିଂ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଯଶ ଦୟାଲଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

ଜୟପୁର, ୨୫।୭ (ପି.ଟି.)

ଆଇପିଏଲ୍ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ତରଫରୁ ଖେଳୁଥିବା ଯଶ ଦୟାଲ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଜୟପୁର ପୋଲିସ ଥାନାରେ ଏନେଇ ଏକ ଏଫ୍‌ଆଇଆର୍ ଦାଏର କରାଯାଇଛି। ଉତ୍ତର ପ୍ରଦେଶର ଏହି ୨୭ ବର୍ଷୀୟ କ୍ରିକେଟରଙ୍କ ବିରୋଧରେ ପୂର୍ବରୁ ଏଭଳି ଏକ ମାମଲା ରହିଛି। ଗାଜିଆବାଦରେ ସେ ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ୫ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଆସୁଥିବା ଅଭିଯୋଗ ହୋଇଛି। ବୁଧବାର ସଦ୍ୟ ଦାଏର କରାଯାଇଥିବା ଏଫ୍‌ଆଇଆର୍ ଉପରେ ଜୟପୁରର ସାଙ୍ଗାନର ସଦର ପୋଲିସ ଷ୍ଟେଶନର ଅଧିକାରୀ ଅନିଲ ଜୟମାନଙ୍କ ସୂଚନା ଅନୁସାରେ ଯଶ ଦୟାଲଙ୍କ ବିରୋଧରେ ପୋକ୍‌ସୋ (ଯୌନ ଅପରାଧରୁ ଶିଶୁ ସୁରକ୍ଷା) ଆଇନ ଓ ବିଏନ୍‌ଏସ୍ (ଭାରତୀୟ ନ୍ୟାୟ ସଂହିତା)ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଯଶଙ୍କ ବିରୋଧରେ ଏଫ୍‌ଆଇଆର୍ ଦରଜ କରାଯାଇଛି। ଜୟମାନ ଶୁକ୍ରବାର କହିଛନ୍ତି, ଅଭିଯୋଗରେ ଦର୍ଶାଯାଇଛି ଯଶ ଦୟାଲ ୨୦୨୩ରେ ବାଳିକା ଜଣକୁ ପ୍ରଥମ ଥର ବଳାତ୍କାର କରିଥିଲେ। ସେତେବେଳେ ବାଳିକାଙ୍କୁ ମାତ୍ର ୧୭ବର୍ଷ ବୟସ ହୋଇଥିଲା। ଚଳିତବର୍ଷ ଏପ୍ରିଲରେ ସୀତାପୁର ଅଞ୍ଚଳରେ ଥିବା ଏକ ହୋଟେଲରେ ସେ ପୁଣିଥରେ ଏହି ବାଳିକାଙ୍କୁ ଡକାଇ ବଳାତ୍କାର କରିଥିଲେ। ସେତେବେଳେ ଯଶ ଦୟାଲ ଆଇପିଏଲ୍ ପାଇଁ ଜୟପୁରରେ ଅବସ୍ଥାନ କରୁଥିଲେ। ଏକ୍ଷେତ୍ରରେ ଯଶ ଦୟାଲ ବାଳିକାଙ୍କୁ ତାଙ୍କ କ୍ୟାରିଅର ଗଠନରେ ସହାୟତା




କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କୌତୂହଳର ବିଷୟ ଏହି କ୍ରିକେଟର ଜଣକ ଦୁଇଟି ମାମଲା ଉପରେ କୌଣସି ଟିପ୍ପଣୀ ଦେଇ ନାହାନ୍ତି। ସୂଚନାଯୋଗ୍ୟ, ଯଶ ଦୟାଲ ହେଉଛନ୍ତି ଜଣେ ମିଡିୟମ ପେସ୍ ବୋଲର। ଭାରତୀୟ ଘରୋଇ କ୍ରିକେଟରେ ସେ ଜଣେ ଜଣାଶୁଣା ଖେଳାଳି। ସେ ୨୦୧୮ରେ ଉତ୍ତର ପ୍ରଦେଶ ତରଫରୁ ତାଙ୍କର ପଦାର୍ପଣ କରିଥିବା ବେଳେ ଇତିମଧ୍ୟରେ ୨୭ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୮୪ ଉଇକେଟ ଅକ୍ତିଆର କରିସାରିଛନ୍ତି।

# ରୁଟ୍‌ଙ୍କ ଶତକ: ଇଂଲଣ୍ଡ ଅଗ୍ରଣୀ

ମାଞ୍ଚେଷ୍ଟର, ୨୫।୭

ଜୋ ରୁଟ୍‌ଙ୍କ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀଲାଭ କରିଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ରିପୋର୍ଟ ପ୍ରସ୍ତୁତ ବେଳକୁ ଇଂଲଣ୍ଡ ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୪୬୬ ରନ ସଂଗ୍ରହ କରିଛି। ରୁଟ୍ ୧୩୭ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୪୮ ରନରେ ଅପରାଜିତ ରହିଛନ୍ତି। ଅସମାପ୍ତ ୫ମ ଉଇକେଟରେ ଦୁହେଁ ଶତକୀୟ

**ଚତୁର୍ଥ ଟେଷ୍ଟ**

ପାର୍ଟନରଶିପ ଗଢ଼ିଛନ୍ତି। ୬ ଉଇକେଟ ଥାଇ ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୮ ରନରେ ଅଗ୍ରଣୀଲାଭ କରିଛି। ଭାରତ ପ୍ରଥମ ଇନିଂସରେ ୩୫୮ ରନ କରିଥିଲା। ରୁଟ୍ ଏଠାରେ କ୍ୟାରିୟରର ୩୮ତମ ଶତକ ହାସଲ କରିବା ସହ ଟେଷ୍ଟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ହୋଇଛନ୍ତି। ୧୭୮ ବଲ୍‌ରୁ ଶତକ ପୂରଣ କରିଥିବା ରୁଟ୍ ବ୍ୟକ୍ତିଗତ ୧୨୦ ରନ କରିଥିବାବେଳେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହରେ ରିକି ପଣ୍ଟିଂ (୧୩୩୭୮)ଙ୍କୁ ଅତିକ୍ରମ କରିଛନ୍ତି। ଭାରତର ସଚିନ ତେନ୍ଦୁଲକର ୧୫୯୨୧ ରନକରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଏହା ବ୍ୟତୀତ ଟେଷ୍ଟ କ୍ରିକେଟରେ ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହରେ ମଧ୍ୟ ଦ୍ୱିତୀୟକୁ ଉନ୍ନୀତ ହୋଇଛନ୍ତି। ସେ ୧୦୪ଥର ଏହି ସଂଖ୍ୟା ଅତିକ୍ରମ କରିଥିବାବେଳେ ସଚିନ ୧୧୯ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ତାଲିକାର ନମ୍ବର ୱାନରେ ରହିଛନ୍ତି। ଇଂଲଣ୍ଡ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଓଲି ପୋପ୍ ୭୧ ରନ କରିଛନ୍ତି। ରୁଟ୍ ଓ ପୋପ୍‌ଙ୍କ ତୃତୀୟ ଉଇକେଟ ଭାଗୀଦାରିରେ ୧୪୪ ରନ ସଂଗ୍ରହ ହୋଇଥିଲା। ଭାରତ ପକ୍ଷରୁ ୱାଶିଂଟନ ସୁନ୍ଦର ୨ଟି ଏବଂ ଅଂଶୁଲ କାମ୍ବୋଜ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।


ଶତକ ହାସଲ ପରେ ଜୋ ରୁଟ୍।

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**ସାହାଣୀ କପ୍ ଫୁଟବଲ**

**ଭୁବନେଶ୍ୱର, ୨୫।୭ (ବିଜୟ ରଣା):** ସମ୍ବଲପୁର ଚତୁର୍ଥ ଦଳ ଭାବେ ୬୪ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍ ୨୦୨୫ର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାର ଅନ୍ତିମ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ୪-୦ ଗୋଲ୍‌ରେ ବରଗଡ଼କୁ ପରାସ୍ତ କରିଛି। ଦଳ ପକ୍ଷରୁ ପ୍ରଶାନ୍ତ ଓରାମ ୩ଟି ଗୋଲ୍ ଖେଳର ୧୫ତମ, ୧୭ତମ ଓ ୪୮ତମ ମିନିଟରେ ଦେଇଥିବାବେଳେ ଅନ୍ୟ ଗୋଲ୍‌ଟି ବିନୟ କିଷାନ ୩୨ତମ ମିନିଟ୍‌ରେ ସ୍କୋର କରିଥିଲେ। କାର୍ଯ୍ୟସୂଚୀ ଅନୁସାରେ ପ୍ରଥମ ସେମିଫାଇନାଲ ଶନିବାର କେନ୍ଦ୍ରାପଡ଼ାର ରାଜକନିକା ଷ୍ଟାଡିୟମରେ କଟକ ବନାମ ସୁନ୍ଦରଗଡ଼ ମ୍ୟାଚ ଖେଳାଯିବାକୁଥିବା ବେଳେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଖେଳାଯିବ। ଦୁଇଟି ଯାକ ମ୍ୟାଚ ଅପରାହ୍ନ ୩ଟା ୩୦ରୁ ଆରମ୍ଭ ହେବ।

## ଡେଭିସ୍ କପ୍ ଦଳକୁ ଫେରିଲେ ନାଗାଲ

**ନୂଆଦିଲ୍ଲୀ, ୨୫।୭ (ପି.ଟି.):** ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଦୁଇ ବର୍ଷ ବ୍ୟବଧାନରେ ଡେଭିସ୍ କପ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦେଶ ବାହାରେ ଆୟୋଜକ ସୁଇଜରଲାଣ୍ଡ ବିପକ୍ଷ ଡେଭିସ କପ୍ ମ୍ୟାଚ ପାଇଁ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ(ଆଇଟା) ଏକ ୮ଜଣିଆ ଦଳ ଘୋଷଣା କରିଛନ୍ତି। ଦୁଇଟି ମୁକାବିଲା ଖେଳି ପାରି ନ ଥିବା ଦେଶର ନମ୍ବର ୱାନ ଡବଲ୍ସ ଖେଳାଳି ମଧ୍ୟ ଜାତୀୟ ଦଳକୁ ଫେରିଛନ୍ତି। ୱାର୍ଲ୍ଡ ଗ୍ରୁପ୍-୧ ପ୍ରଥମ ରାଉଣ୍ଡ ମ୍ୟାଚ ଖେଳିବା ଲାଗି ଭାରତ ବିଲ୍ ସହର ଗସ୍ତ କରିବ। ଏହା ସେପ୍ଟେମ୍ବରରେ ଇନ୍‌ଡୋର କୋର୍ଟରେ ଖେଳାଯିବ। ନାଗାଲ(୩୦୬)ଙ୍କ ବ୍ୟତୀତ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ କରଣ ସିଂ (୪୦୩) ଓ ଯୁବ ଖେଳାଳି ଆର୍ଯ୍ୟନ ଶାହା (୪୪୨)। ପ୍ରତିଭାସମ୍ପନ୍ନ ଦକ୍ଷିଣେଶ୍ୱର ସୁରେଶ (୭୯୦)ଙ୍କୁ ରିଜର୍ଭ ଖେଳାଳି ଭାବେ ମନୋନୀତ କରାଯାଇଛି। ସେହିପରି ଡବଲ୍ସ ବିଭାଗରେ ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗ ପ୍ରାପ୍ତ ଭାମ୍ବ୍ରି (ବିଶ୍ୱ ର୍‍ୟାଙ୍କିଙ୍ଗରେ ୩୫) ଓ ଏନ୍. ଶ୍ରୀରାମ ବାଲାଜୀ (୭୫)ଙ୍କୁ ନିଆଯାଇଥିବା ବେଳେ ଋତ୍ୱିକ ବୋଲିପାଲି (୭୭) ରିଜର୍ଭ ଖେଳାଳି ରହିଛନ୍ତି।

# ପ୍ରଥମ ଦିବସରେ ଓଡ଼ିଶାକୁ ୧୧ ପଦକ

**ଅନ୍ତର୍ଜାତୀୟ କରାଟେ ଓ ଇଣ୍ଡିଆ ଚ୍ୟାଲେଞ୍ଜର କପ୍**

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

କୋଲକାତାର ଇନ୍‌ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ନବମ ଅନ୍ତର୍ଜାତୀୟ ଓ ଇଣ୍ଡିଆ ଚ୍ୟାଲେଞ୍ଜର କପ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରଥମ ଦିବସରେ ୧୧ଟି ପଦକ ମିଳିଛି। ଓଡ଼ିଶା ମହିଳା ଓ ପୁରୁଷ କରାଟେକାମାନେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ବିଜୟୀ କରାଟେକାମାନେ ହେଲେ ଓମ୍ ସତ୍ୟମ୍ ମହାନ୍ତି, ଦିବ୍ୟ ପ୍ରସାଦ ନାୟକ, ଅଂଶୁମାନ ଆଚାର୍ଯ୍ୟ, କୃଷ୍ଣ ଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ରଜନୀ ବିଶି, ମୋନାଲି ସାହୁ ଓ ଲୋମା ସ୍ୱାଇଁ। ସେହିପରି ନୟସା କୁମାରୀ ରୌପ୍ୟ ଏବଂ ବ୍ରତତି ପତି ଓ ଓମ୍ ଶୁଭମ୍ ମହାନ୍ତି ବ୍ରୋଞ୍ଜ ପଦକ ପାଇଛନ୍ତି।



ପଦକ ବିଜୟୀ ଓଡ଼ିଶା କରାଟେକା।

# ଖୋର୍ଦ୍ଧା ଚାମ୍ପିୟନ, କିଟ୍-କିସ୍ ରନରଅପ୍

**ରାଜ୍ୟ ଜୁନିୟର, ସବ୍‌ଜୁନିୟର ସୁଇମିଂ**

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଶୁକ୍ରବାର ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ସୁଇମିଂ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଖୋର୍ଦ୍ଧା ଜିଲା ଚାମ୍ପିୟନ ଏବଂ କିଟ୍-କିସ୍ ରନରଅପ୍ ହୋଇଛି। ସମ୍ବଲପୁର ତୃତୀୟ ସ୍ଥାନ ହାସଲ କରିଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୧୩୪ ବାଳିକା ଓ ୨୧୪ ବାଳକଙ୍କୁ ମିଶାଇ ୩୪୮ ସୁଇମର ଅଂଶଗ୍ରହଣ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ଟେକ୍ନିକାଲ ଅଫିସିଆଲ ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ୟକ୍ତିଗତ ପୁରସ୍କାରକୁ ଖୋର୍ଦ୍ଧା ପ୍ରତିଯୋଗୀମାନେ ସୁଇପ କରିଛନ୍ତି। ଗ୍ରୁପ୍-୧ ବାଳକରେ ଅଭିନବ କୁମାର ସିଂ ଓ ବାଳିକାରେ ଆଂଶିକା ଆରାଧନା ସାହୁ, ଗ୍ରୁପ୍-୨ ବାଳକରେ ସାଇ ସ୍ୱରୂପ ସ୍ୱାଇଁ ଓ ବାଳିକାରେ ଧନଭି ଭୌମିକ ଏବଂ ଗ୍ରୁପ୍-୩ ବାଳକରେ ସାଇ ଅକ୍ଷୟ ଓ ବାଳିକାରେ ସହିତା ଘୋଷ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ବାଳକରେ ଅଭିନବ କୁମାର ସିଂ ଓ ବାଳିକାରେ ଆଂଶିକା ଆରାଧନା ସାହୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ସୁଇମର ବିବେଚିତ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନୂଆ ସଚିବ ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଏବଂ ନୂଆ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଏଚ୍‌ପିସିଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଯୁଗ୍ମ ସଚିବ ବିଜୟାନନ୍ଦ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆସୋସିଏଶନ ସମ୍ପାଦକ ଗୋଲାପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁର, ଉପସଭାପତି ଅକ୍ଷୟ କୁମାର ପ୍ରଧାନ ଓ ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ସୁଇମିଂରେ ଦଳଗତ ଚାମ୍ପିୟନ ଖୋର୍ଦ୍ଧା ଜିଲା ଦଳ।

# ଆଜିଠୁ ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର

ଭୁବନେଶ୍ୱର, ୨୫।୭ (ତପନ ସ୍ୱାଇଁ)

ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାରଠାରୁ ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଅଗଷ୍ଟ ୨ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପୁରସ୍କାର ରାଶି ବିଶିଷ୍ଟ ଏହି ପ୍ରତିଯୋଗିତାରେ ପ୍ରତିଷ୍ଠିତ ଖେଳାଳି ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସଙ୍କ ସମେତ ରାଜ୍ୟର ସମସ୍ତ ଶୀର୍ଷ ର୍‍ୟାଙ୍କ ଖେଳାଳି ଅଂଶଗ୍ରହଣ କରିବେ। ରାକେଶ ରୋଶନ ପ୍ରଧାନ ଟପ୍ ସିଡ୍ ଏବଂ ଆକାଶ ମହାପାତ୍ର ଦ୍ୱିତୀୟ ସିଡ୍‌ଭାବେ ଖେଳିବେ। ରାଜ୍ୟରେ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ହେବ ବୋଲି ଶୁକ୍ରବାର ଆୟୋଜିତ ଏକ ଖରବଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଟାଇଟଲ ପ୍ରାୟୋଜକ ଗିଅନ ଅପ୍‌ର ଏମ୍‌ଡି ଆଦିତ୍ୟ ପଟୋଡିଆ, ସହ ପ୍ରାୟୋଜକ ଓଏସିନ କନ୍‌ଭେନଶନ ଆଣ୍ଡ ଲନ୍‌ର ଏମ୍‌ଡି ମିଶାଲ ସ୍ୱାଇଁ, ଟୁର୍ନାମେଣ୍ଟ ଅଧ୍ୟକ୍ଷ ଶ୍ୟାମ ଅଗ୍ରୱାଲ, ଉପାଧ୍ୟକ୍ଷ ଅଲତାଫ ଅଲୀ ଓ ଭିନ୍‌ଟେଜ କ୍ଲବ ମାଲିକ ଅମିୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସ୍ନୁକର ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ